R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୬୫
ତିଥି : ଦ୍ୱିତୀୟା
୨୧ ମାର୍ଚ୍ଚ ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 165
21 March 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଚୁକ୍ତିଭିତ୍ତିକ ସ୍କିମାଟିକ୍ କନିଷ୍ଠ ଶିକ୍ଷକ ନିୟମିତ



ଭୁବନେଶ୍ୱର, ୨୦।୩ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ଚୁକ୍ତିଭିତ୍ତିକ ଭାବେ କାମ କରୁଥିବା ସ୍କିମାଟିକ୍ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିଛନ୍ତି।

୨୦୨୩-୨୪ ବର୍ଷରେ ନିଯୁକ୍ତି ପାଇଥିବା ଏହି ବର୍ଗର କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରାଯାଇଛି। ଏହା ଦ୍ୱାରା ରାଜ୍ୟର ୧୩ ହଜାରରୁ ଅଧିକ ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକମାନେ ଉପକୃତ ହୋଇଛନ୍ତି।

ଏହି ଶିକ୍ଷକମାନେ ସେମାନଙ୍କର ଚାକିରୀରେ ଯୋଗଦାନ ସମୟ ଠାରୁ ନିୟମିତ ହୋଇଛନ୍ତି। ତେବେ, ସେମାନେ ଚାକିରୀରେ ଯୋଗଦାନ ସମୟ ଠାରୁ ୨୦୨୫ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ନୋଟିଓନାଲ ସୁବିଧା ପାଇବେ। ୨୦୨୬ ଜାନୁୟାରୀ ପହିଲା ଠାରୁ ନିୟମିତ କର୍ମଚାରୀଙ୍କ ଦରମା ତଥା ଅନ୍ୟାନ୍ୟ ସମସ୍ତ ସୁବିଧା ପାଇପାରିବେ।

ସୂଚନାଯୋଗ୍ୟ ଯେ, ଏହି କନିଷ୍ଠ

- ଚାକିରିରେ ଯୋଗଦାନ ସମୟରୁ ନିୟମିତ
- ୨୦୨୬ ଜାନୁୟାରୀ ପହିଲାରୁ ପାଇବେ ସୁବିଧା
- ୧୩ ହଜାରରୁ ଅଧିକ ଶିକ୍ଷକ ଉପକୃତ

ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଘୋଷଣା କରିଥିଲେ। ଆଜି ଏହି ନିଷ୍ପତ୍ତି ଗ୍ରହଣ କରିବା ଦ୍ୱାରା ଶିକ୍ଷକ ମହଲରେ ଆନନ୍ଦର ଲହରୀ ଖେଳି ଯାଇଛି।

## ଯୁଦ୍ଧ ପ୍ରଭାବ : ପ୍ରିମିୟମ୍ ପେଟ୍ରୋଲ ମୂଲ୍ୟ ବୃଦ୍ଧି

ନୂଆଦିଲ୍ଲୀ,୨୦।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଏଲପିଜି ଓ ପେଟ୍ରୋଲ ଉପରେ ପ୍ରଭାବ ପଡିଛି। ସେହିଭଳି ଇନଷ୍ଟ୍ରିଆଲ ମୂଲ୍ୟବୃଦ୍ଧି କରାଯାଇଛି। ପ୍ରିମିୟର ପେଟ୍ରୋଲର ମୂଲ୍ୟ ଲିଟର ପିଛା ୨ ଟଙ୍କା ୩୦ ପଇସା ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ତେବେ ସାଧାରଣ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ଅପରିବର୍ତ୍ତିତ ରହିଛି। ଅଏଲ ମାର୍କେଟିଂ କମ୍ପାନୀ ମାନେ ଇଣ୍ଡଷ୍ଟ୍ରିଆଲ ବୃଦ୍ଧିକୁ ୨୨ ଟଙ୍କା ୩ ପଇସାକୁ ବୃଦ୍ଧି କରି ୧୦୯ ଟଙ୍କା ୫୯ ପଇସାକୁ ବୃଦ୍ଧି କରିଛି।

ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ପ୍ରିମିୟର ପେଟ୍ରୋଲ ଭାବେ ଏଚପି ୯୫ ଓ ହିନ୍ଦୁସ୍ତାନ ପେଟ୍ରୋଲିୟମର ପାୱାର ପେଟ୍ରୋଲ କିଛି ନିର୍ଦ୍ଦିଷ୍ଟ ସହରରେ ବିକ୍ରି କରିଥାଏ। ଆଜି ରାତିରୁ ନୂଆ ଦର ଲାଗୁ ହୋଇଛି। ବିଶ୍ୱରେ ଅଶୋଧିତ ତୈଳ ମୂଲ୍ୟ ଦ୍ରୁତଗତିରେ ବୃଦ୍ଧି ପାଇଛି। ବ୍ୟାରେଲ ପିଛା ମୂଲ୍ୟ ୧୦୦ ଡଲାରରୁ ଅଧିକ ବୃଦ୍ଧି ହୋଇଛି। (୯ ପୃଷ୍ଠାରେ)

## ୨୨ ପର୍ଯ୍ୟନ୍ତ କାଳବୈଶାଖୀ ବର୍ଷା

ଭୁବନେଶ୍ୱର, ୨୦।୩ (ସବ୍ୟୁ) : ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ ଓ ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଉତ୍ତରପ୍ରଦେଶଠାରୁ ନାଗାଲାଣ୍ଡ ଦେଇ ଝାଡ଼ଖଣ୍ଡ, ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଦକ୍ଷିଣ ଆସାମ ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ ରହିଛି । ଏହା ଘୂର୍ଣ୍ଣିବଳୟରେ ପରିଣତ ହେବ। ଏଥିସହିତ ଆଉ ଏକ ଘୂର୍ଣ୍ଣିବଳୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରର ଉତ୍ତର ଆନ୍ଧ୍ର ଉପକୂଳରେ ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି ।

ଆସନ୍ତାକାଲି (ଶନିବାର)ଠାରୁ ରାଜ୍ୟରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ (୯ ପୃଷ୍ଠାରେ)

## ଏସ୍‌ସିବି ନିଆଁ : ୪ ଦିନରେ ହଟ୍ଟଗୋଳ

ଭୁବନେଶ୍ୱର, ୨୦।୩ (ସବ୍ୟୁ) : ବିଧାନସଭାରେ ଥମୁନି ଏସ୍‌ସିବି ନିଆଁ । ଚାରିଦିନ ବିତିଲା, ହେଲେ ସ୍ୱାଭାବିକ ହୋଇପାରୁନି ଗୃହ । ବିରୋଧୀଙ୍କ ଗୋଟିଏ ଜିଦ୍, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା । ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳରେ କମ୍ପୁଛି ବିଧାନସଭା । ସେପଟେ ସରକାରୀ ଦଳ ବିନା ବିରୋଧରେ ଗୃହ କିଛି ସମୟ ଚଳାଉଛନ୍ତି । ପ୍ରଶ୍ନକାଳ, ଶୂନ୍ୟକାଳ ସମ୍ପୂର୍ଣ୍ଣ ରୂପେ ଧୋଇଯାଉଥିଲାବେଳେ ମୁଲତବୀ ଆଲୋଚନା ହେଉନି । ଦିନ ତମାମ ହୋହାଲ୍ଲାରେ ବିତିଯାଇଛି ଅଧିବେଶନ ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭରୁ ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଚାଲିଆସି ହଟ୍ଟଗୋଳ କରିଥିଲେ । ନାରା ଥିଲା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଆମର ଦାବି... । କେବଳ ସେତିକି ନୁହେଁ, ବିରୋଧୀ ସଭ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଚେଷ୍ଟା କଲାବେଳେ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା । ବାଚସ୍ପତିଙ୍କ

- ବିରୋଧୀଙ୍କ ହଟ୍ଟଗୋଳରେ ଚାଲିପାରୁନି ଗୃହ
- ରିପୋର୍ଟର୍ସ ଟେବୁଲ ଉପରେ ଚଢ଼ି ପ୍ରତିବାଦ
- ବାଚସ୍ପତିଙ୍କ ପୋଡିୟମକୁ ଚଢ଼ିଲାବେଳେ ଠେଲାପେଲା

ପୋଡିୟମର ଦୁଇ ପାର୍ଶ୍ୱରେ ଥିବା ପାହାଚ ଚଢ଼ିବାକୁ ଉଭୟ ବିଜେଡି ଓ କଂଗ୍ରେସ ସଭ୍ୟ ପ୍ରୟାସ କରୁଥିବାବେଳେ ସେମାନଙ୍କୁ ସୁରକ୍ଷାକର୍ମୀମାନେ ଅଟକାଇଥିଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା । ଏହାରି ଭିତରେ ପ୍ରଶ୍ନ ନଂ- ୪୫୧ ଓ ୪୫୨ର ଉତ୍ତର ରଖିଥିଲେ ବିଭାଗୀୟ ମନ୍ତ୍ରୀ । ଗୃହରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେବାରୁ ପୂର୍ବାହ୍ନ ୧୦.୫୨ରୁ ୧୧.୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଥିଲେ ବାଚସ୍ପତି ।

ଶୂନ୍ୟକାଳ ଆରମ୍ଭ ହେବାକ୍ଷଣି ପୁନର୍ବାର ବିରୋଧୀ ସଭ୍ୟମାନେ ଗୃହ ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ । ହଟ୍ଟଗୋଳ ମଧ୍ୟରେ ଶାସକ ଦଳ ସଭ୍ୟଙ୍କୁ ନିଜନିଜ ଅଞ୍ଚଳର ସମସ୍ୟା ବିଷୟରେ କହିବାକୁ ସୁଯୋଗ ଦେଇଥିଲେ ବାଚସ୍ପତି । ଶୂନ୍ୟକାଳରେ ବିଜେପି ସଭ୍ୟ ପ୍ରତାପଚନ୍ଦ୍ର ନାୟକ, ବିଭୂତି ଭୂଷଣ ପ୍ରଧାନ, ଲକ୍ଷ୍ମଣ ବାଗ୍, ଭାସ୍କର ମଢ଼େଇ, (୯ ପୃଷ୍ଠାରେ)



ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ

ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ

ମୁଖ୍ୟଅତିଥି
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ (ସାଂସଦ କଟକ)
ସମ୍ମାନିତ ଅତିଥି
ଦେବାଶିଷ ସାମନ୍ତରାୟ (ରାଜ୍ୟସଭା ସାଂସଦ)
ସୋଫିଆ ଫିର୍ଦ୍ଦୋଶ (ବିଧାୟିକା ବାରବାଟୀ-କଟକ)
ଡେପୁଟି ମେୟର ଦମୟନ୍ତୀ ମାଝୀ
ସିଏମ୍‌ସି କମିଶନର କିରଣଦ୍ୱୀପ କୌର ସହୋତା
ପ୍ରଦୀପ୍ତ କିଶୋର ଖୁଣ୍ଟିଆ (ୱାର୍କ୍ସ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ)
ମୋନାଲିସା ଦାସ (ପାର୍କ ଆଣ୍ଡ ପ୍ଲାଣ୍ଟେସନ୍ ଚେୟାରମ୍ୟାନ)
ବିକାଶ ରଞ୍ଜନ ବେହେରା (କର୍ପୋରେଟର ୱାର୍ଡ ନଂ-୯)
ପୌରୋହିତ୍ୟ କରିବେ
ସୁବାସ ଚନ୍ଦ୍ର ସିଂହ (ମେୟର କଟକ ମହାନଗର ନିଗମ)

ତାରିଖ : ୨୧ ମାର୍ଚ୍ଚ ୨୦୨୬
ସ୍ଥାନ : ଦୟାଶ୍ରମ, ବିଜୁପଟ୍ଟନାୟକ ଛକ, କଟକ
ସମୟ : ସକାଳ ୧୦ ଘଟିକା

DADLS- 88



ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-



ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ସୋସିଆଲ କୋଟ୍ସ



ସେ ମୋ ପାଇଁ ଜୀବନର ସବୁକିଛି ଥିଲେ। ବର୍ତ୍ତମାନ ଜୀବନରେ ଏକ ଖାଲି ପଣ ଆସିଯାଇଛି, ଯାହା ଜୀବନସାରା ସାଥିରେ ରହିବ । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରୁଛି।

**ହେମା ମାଲିନୀ, ଅଭିନେତ୍ରୀ**



କ୍ୟାରିୟରରେ ଅନେକ ସଂଘର୍ଷ କରିଛି। ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ ନଥିଲା, ମୁଁ ଭଡାରେ ଆଣୁଥିଲି।

**ରସିକା ଦୁଗଲ, ଅଭିନେତ୍ରୀ**



ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ ।

**କପିଲ ଶର୍ମା, ଅଭିନେତା**

## ହ୍ୱେଲ୍ ବଢାଇବ ଆୟୁଷ



ବୈଜ୍ଞାନିକମାନେ ସମୁଦ୍ର ମଧ୍ୟରେ ରହୁଥିବା 'ବୋହେଡ୍ ହ୍ୱେଲ୍' ଶରୀରରୁ ଏଭଳି ଏକ ସ୍ୱତନ୍ତ୍ର ପ୍ରୋଟିନ୍ ଆବିଷ୍କାର କରିଛନ୍ତି, ଯାହା ମଣିଷର ଆୟୁଷକୁ ଦ୍ୱିଗୁଣିତ କରିବାର କ୍ଷମତା ରଖୁଛି । ପ୍ରାୟ ୨୦୦ ବର୍ଷରୁ ଅଧିକ ସମୟ ବଞ୍ଚୁଥିବା ଏହି ବିଶାଳକାୟ ଜୀବର ଶରୀରରେ କୋଟି କୋଟି କୋଷିକା ଥିଲେ ମଧ ଏହାକୁ କ୍ୟାନ୍ସର ହୋଇନଥାଏ, ଯାହାକୁ ବିଜ୍ଞାନ ଭାଷାରେ 'ପେଟୋସ୍ ପାରାଡକ୍ସ' କୁହାଯାଏ । ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଏହି ହ୍ୱେଲ୍ ଶରୀରରେ ଥିବା ପ୍ରୋଟିନ୍ ଡିଏନ୍ଏ ମରାମତି କରିବାରେ ଏବଂ ଶରୀରର ପ୍ରଦାହ କମାଇବାରେ ସାହାଯ୍ୟ କରିଥାଏ। ଯାହାଫଳରେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଧୀର ହୋଇଯାଏ । ବୈଜ୍ଞାନିକଙ୍କ ଅନୁଯାୟୀ, ଯଦି ଏହି ପ୍ରୋଟିନ୍‌କୁ ମାନବ ଶରୀର ପାଇଁ ସଫଳତାର ସହ କପି କରାଯାଇପାରିବ, ତେବେ ଭବିଷ୍ୟତରେ ମଣିଷ କ୍ୟାନ୍ସର ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇପାରିବ । ଏହାସହ ଦୀର୍ଘ ସମୟ ପର୍ଯ୍ୟନ୍ତ ସୁସ୍ଥ ଓ ଯୁବାବସ୍ଥା ବଜାୟ ରଖିପାରିବ ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି । ବର୍ତ୍ତମାନ ଏହି ଗବେଷଣା ପ୍ରାଥମିକ ପର୍ଯ୍ୟାୟରେ ଥିଲେ ହେଁ, ଏହା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି ।





## ନିଜେ କରିବ ନିଜର ସନ୍ତୁଳନ

କାର ପରେ ଏବେ ବାଇକ୍ ମଧ ନିଜର ସନ୍ତୁଳନ ନିଜେ ରକ୍ଷା କରିପାରିବ । ଯାହାକୁ ନେଇ ଚୀନର କମ୍ପାନୀ ଓମୱେ ବିଶ୍ୱର ପ୍ରଥମ ସେଲ୍ଫ୍ ବାଲାସିଂ ଇଲେକ୍ଟ୍ରିକ୍ ବାଇକ୍ 'ଓଏମଓ X' ବଜାରକୁ ଆଣିଛି । ଏହି ବାଇକ୍‌ର ବିଶେଷତ୍ୱ ହେଉଛି ଯେ ଏହା ଅଟକିବା ପରେ ମଧ ତଳେ ପଡ଼େ ନାହିଁ ଏବଂ ସବୁବେଳେ ସିଧା ଛିଡ଼ା ହୋଇ ରହେ । ଯାହା ପାଇଁ ଏଥିରେ 'କଣ୍ଟ୍ରୋଲ ମୋମେଣ୍ଟ ଜାୟରୋସ୍କୋପ୍' ସିଏମଜି ଟେକ୍ନୋଲୋଜି ବ୍ୟବହାର କରାଯାଇଛି । ଏହି ଟେକ୍ନୋଲୋଜି ମହାକାଶରେ ସାଟେଲାଇଟ୍‌କୁ ବାଲାନ୍ସ ରଖିବା ପାଇଁ ବ୍ୟବହାର ହୋଇଥାଏ । ଏଥିରେ ଲାଗିଥିବା ସେନ୍ସରଗୁଡ଼ିକ କ୍ରମାଗତ ଭାବେ ବାଇକ୍‌ର ସନ୍ତୁଳନ ମାପିଥାନ୍ତି ଏବଂ ଗାଡ଼ି ସାମାନ୍ୟ ଢଳିବା ମାତ୍ରେ ସିଷ୍ଟମ ତୁରନ୍ତ ଏହାକୁ ସିଧା କରିଦିଏ । ମେ' ୨୦୨୬ରୁ ଏହା ବଜାରରେ ଉପଲବ୍ଧ ହେବାକୁ ଥିବାବେଳେ କମ୍ପାନୀର ମୋବାଇଲ୍ ଆପ୍ ମାଧ୍ୟମରେ ଏହାର ବୁକିଂ କରାଯାଇପାରିବ । ତେବେ ଏହାର ମୂଲ୍ୟ ଏବଂ ବ୍ୟାଟେରୀ ବିଷୟରେ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ସୋସିଆଲ ମିଡିଆରେ ସମସ୍ତେ ଏହି ବାଇକର ଖୁବ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

## ମଶା ଭଳି ଡ୍ରୋନ୍

ଚୀନର ନ୍ୟାସନାଲ ୟୁନିଭର୍ସିଟି ଅଫ୍ ଡିଫେନ୍ସ ଟେକ୍ନୋଲୋଜିର ରୋବୋଟିକ୍ସ ଲ୍ୟାବରେ ଏକ ଅତ୍ୟାଧୁନିକ ମାଇକ୍ରୋ ଡ୍ରୋନ୍ ପ୍ରସ୍ତୁତ କରାଯାଇଛି । ଯାହା ଦେଖିବାକୁ ସଂପୂର୍ଣ୍ଣ ରୂପେ ଏକ ମଶାପରି ଏବଂ ଏହାକୁ ଗୁଇନ୍ଦା କାର୍ଯ୍ୟ ପାଇଁ ବ୍ୟବହାର କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି । ଏହି ହାଇଟେକ୍ ଡ୍ରୋନ୍ ଏତେ କ୍ଷୁଦ୍ର ଯେ ଏହାକୁ ଖାଲି ଆଖିରେ ଚିହ୍ନିବା କଷ୍ଟକର ଏବଂ ଏଥିରେ ଦୁଇଟି ଛୋଟ ଡେଣା ସହ ମଣିଷର କେଶ ଭଳି ପତଳା ତିନୋଟି ଗୋଡ଼ ରହିଛି । ଏତେ ଛୋଟ ଯନ୍ତ୍ର ମଧ୍ୟରେ କ୍ୟାମେରା, ସେନ୍ସର, ବ୍ୟାଟେରୀ ଏବଂ ଆଣ୍ଟିନା ଖଞ୍ଜିବା ଇଞ୍ଜିନିୟରିଂ କ୍ଷେତ୍ରରେ ଏକ ବଡ଼ ସଫଳତା । ଏହାକୁ ଏକ ରିମୋଟ୍ କଣ୍ଟ୍ରୋଲ୍ ବା ସ୍ମାର୍ଟ ଡିଭାଇସ୍ ମାଧ୍ୟମରେ ପରିଚାଳନା କରାଯାଇପାରିବ। ଚୀନ ସେନା ଭବିଷ୍ୟତରେ ଯୁଦ୍ଧ ସମୟରେ ଗୁପ୍ତ ତଥ୍ୟ ସଂଗ୍ରହ ଏବଂ ଶତ୍ରୁ ପକ୍ଷର ଗତିବିଧି ଉପରେ ନଜର ରଖିବା ପାଇଁ ଏହି ରୋବୋଟିକ୍ ମଶାକୁ ନିୟୋଜିତ କରିପାରେ ବୋଲି ଆଶଙ୍କା କରାଯାଉଛି ।

## ଇତିହାସ

୧୪୧୩- ହେନେରୀ ପଞ୍ଚମ ଇଂଲଣ୍ଡର ରାଜା ହେଲେ ।

୧୭୯୧- ଟିପୁ ସୁଲତାନଙ୍କୁ ପରାସ୍ତ କରି ଇଂରେଜମାନେ ବେଙ୍ଗାଲୁରୁକୁ ନିଜ ଅଧୀନକୁ ନେଲେ ।

୧୮୩୬- କୋଲକାତାରେ ପ୍ରଥମ ସାର୍ବଜନୀନ ଲାଇବ୍ରେରୀ ଖୋଲିଲା, ଯାହା ପରବର୍ତ୍ତୀ ସମୟରେ ନାସନାଲ୍ ଲାଇବ୍ରେରୀ ନାଁରେ ପରିଚିତ ହେଲା ।

୧୮୫୭- ଟୋକିଓରେ ଭୟଙ୍କର ଭୂକମ୍ପ ଆସି ୧.୭୦ ଲକ୍ଷ ଲୋକଙ୍କ ପ୍ରାଣହାନୀ ।

୧୯୩୫- ଇରାନର ନାମକରଣ କରାଗଲା ।

୧୯୭୧- ପୂର୍ବତନ କ୍ରିକେଟର ସୁନୀଲ ଗାଭାସ୍କର ତାଙ୍କ କ୍ରିକେଟ୍ ଲାଇଫ୍‌ର ପ୍ରଥମ ଟେଷ୍ଟ ଶତକ ହାସଲ କଲେ ।

## ରାଗ ଖାଦ୍ୟ ପାଇଁ ମାମଲା

ନ୍ୟୁୟର୍କର ଏକ ପ୍ରସିଦ୍ଧ ରେସ୍ତୋରାଁରେ ଅଧିକ ରାଗ ଖାଦ୍ୟ ଖାଇ ଜଣେ ଜର୍ମାନୀ ଇଞ୍ଜିନିୟର ରେସ୍ତୋରାଁ ବିରୋଧରେ ପ୍ରାୟ ୯୨ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରି ମାମଲା ଦାୟର କରିଥିଲେ । ହେଲେ କୋର୍ଟ ଏଭଳି ଅଜବ ମାମଲାକୁ ଖାରଜ କରିଦେଇଥିବା ଜଣା ପଡିଛି । ସୂଚନା ଅନୁଯାୟୀ, ଉକ୍ତ ଇଞ୍ଜିନିୟର ଜଣଙ୍କ 'ଲସ୍ ଟୈକୋସ୍ ନମ୍ବର-୧' ରେସ୍ତୋରାଁରେ "ଗ୍ରୀନ୍ ସାଲ୍‌ସା" ଖାଇବା ପରେ ତାଙ୍କ ଜିଭରେ ପ୍ରବଳ ପୋଡ଼ାଜଳା ହେବା ସହ ପାଟିରେ ଘା' ହୋଇଯାଇଥିଲା । ଯେଉଁଥିପାଇଁ ସେ ରେସ୍ତୋରାଁକୁ ଦାୟୀ କରିଥିଲେ, କାରଣ ତାଙ୍କୁ ଖାଦ୍ୟର ରାଗ ବିଷୟରେ ପୂର୍ବରୁ ସୂଚନା ଦିଆଯାଇ ନଥିଲା । ତେବେ ଏହି ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି ଯେ, 'ସାଲ୍‌ସା' ଶବ୍ଦର ଅର୍ଥ ହିଁ ରାଗ ଏବଂ ଜଣେ ଗ୍ରାହକ ଗୁଗଲ୍ ରିଭ୍ୟୁ ପଢ଼ି ଏହାର ସ୍ୱାଦ ବିଷୟରେ ଅନ୍ଦାଜ ଲଗାଇ ପାରିଥାନ୍ତେ । ଏଥିରେ ରେସ୍ତୋରାଁର କୌଣସି ଭୁଲ୍ ନାହିଁ, ବରଂ ଏହା ଗ୍ରାହକଙ୍କ ବୁଝାମଣାର ଅଭାବ ବୋଲି କହି କୋର୍ଟ ମାମଲାଟିକୁ ରଦ୍ଦ କରିଦେଇଛନ୍ତି ।



## ୧୦ ବର୍ଷ ପରେ ଘରେ ନୂଆ ଅତିଥି

ଟେଲିଭିଜନ ଦୁନିଆର ପରିଚିତ ଅଭିନେତ୍ରୀ ଦିବ୍ୟାଙ୍କା ତ୍ରିପାଠୀଙ୍କ ଘରକୁ ୧୦ ବର୍ଷ ପରେ ନୂଆ ଅତିଥି ଆସିବାକୁ ଯାଉଛନ୍ତି । ନିକଟରେ ଦିବ୍ୟାଙ୍କା ନିଜର ପ୍ରେଗ୍ନେନ୍ସି ଖବର ସ୍ପଷ୍ଟ କରିବା ସହ ଇନଷ୍ଟାଗ୍ରାମରେ ନିଜର ବେବି ବମ୍ପର ଫଟୋ ସେୟାର କରିଛନ୍ତି। ତେବେ ଏହି ପୋଷ୍ଟରେ ଦିବ୍ୟାଙ୍କ ନିଜର ମନର ଭାବକୁ ଖୁବ ସୁନ୍ଦର ଭାବେ ଉପସ୍ଥାପନ କରିଥିବା ଦେଖିବାକୁ ମିଳୁଛି । ୧୦ ବର୍ଷ ପରେ କାହାଣୀରେ ଏକ ନୂଆ ମୋଡ଼ ଆସିଛି, ଜୀବନରେ ଆଜି ସବୁଠାରୁ ସୁନ୍ଦର ଅଧ୍ୟାୟ ଯୋଡ଼ି ଦେଇଛି ବୋଲି ଦିବ୍ୟାଙ୍କା ପୋଷ୍ଟରେ ଲେଖିଛନ୍ତି । ଏହି ଖୁସିକୁ ସେ ଖୁବ ଉପଭୋଗ କରୁଛନ୍ତି ଏବଂ ଆଗକୁ ତାଙ୍କ ଜୀବନରେ ଏକ ବଡ ପରିବର୍ତ୍ତନ ହେବାକୁ ଯାଉଛି ବୋଲି ଦିବ୍ୟାଙ୍କା କହିଛନ୍ତି । ସୂଚନା ଅନୁସାରେ ୨୦୧୫ରେ 'ୟେ ହେ ମହବତେଁ' ସିରିଏଲ୍ ସେଟ୍‌ରୁ ଦିବ୍ୟାଙ୍କା ଏବଂ ବିବେକଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା । ଏହାପରେ ୮ ଜୁଲାଇ ୨୦୧୬ରେ ସେମାନେ ଭୋପାଳରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଏହି ଖୁସିଖବର ପରେ ସମ୍ପୂର୍ଣ୍ଣ ଟେଲିଭିଜନ ଜଗତ ଏବଂ ପ୍ରଶଂସକମାନେ ଏହି ଦମ୍ପତିଙ୍କୁ ଶୁଭେଚ୍ଛା ଦେବାରେ ଲାଗିଛନ୍ତି। ସମସ୍ତେ ଦିବ୍ୟାଙ୍କାଙ୍କ ପାଇଁ ଖୁବ ଖୁସି ଅଛନ୍ତି ।



## ସନ୍ତାନ ଚାହୁଁନାହାନ୍ତି ଜେନ୍ ଜେଡ୍ !

ସନ୍ତାନ କରିବା ନକରିବା ଏକ ବ୍ୟକ୍ତିଗତ ନିଷ୍ପତ୍ତି । ତେବେ ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ ସହରୀ ଜୀବନଶୈଳୀରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଏହି ସର୍ଭେ ଅନୁସାରେ ୧୮ ପ୍ରତିଶତ ଜେନ୍-ଜେଡ ସନ୍ତାନ ଚାହୁଁନାହାନ୍ତି । ଭାରତର ମହାନଗରଗୁଡ଼ିକରେ ଏବେ ଯୁବ ଦମ୍ପତିଙ୍କ ମଧ୍ୟରେ ସନ୍ତାନହୀନ ରହିବାର ଏକ ନୂଆ ଟ୍ରେଣ୍ଡ ଦ୍ରୁତଗତିରେ ବଢିବାରେ ଲାଗିଛି ବୋଲି ଜଣା ପଡିଛି । ଏମାନେ ବୈବାହିକ ଜୀବନରେ ପିଲାମାନଙ୍କ ଅପେକ୍ଷା ନିଜର କ୍ୟାରିୟର, ସ୍ୱାଧୀନତା ଏବଂ ଜୀବନଶୈଳୀକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ନିକଟରେ ହୋଇଥିବା ବିଭିନ୍ନ ସର୍ଭେ ଅନୁଯାୟୀ, ପ୍ରାୟ ୧୮ ପ୍ରତିଶତ 'ଜେନ୍-ଜେଡ ମହିଳା ସନ୍ତାନ ଜନ୍ମ କରିବାକୁ ଚାହୁଁନଥିବା ବେଳେ ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ଭଳି ସହରରେ ପ୍ରାୟ ୨୭ ପ୍ରତିଶତ ଦମ୍ପତି ନିଜ ଇଚ୍ଛାରେ ନିସନ୍ତାନ ରହିବାକୁ ପସନ୍ଦ କରୁଛନ୍ତି । ଏହି ପରିବର୍ତ୍ତନ ଯୋଗୁଁ ବଜାରରେ 'ଡିଙ୍କୱାଡ୍' (ପୋଷା କୁକୁର ସହ ସନ୍ତାନହୀନ ଦମ୍ପତି) ଏବଂ 'ଡିସ୍କ' (ଗୋଟିଏ ସନ୍ତାନ ଥିବା ଦମ୍ପତି) ଭଳି ନୂଆ ବର୍ଗ ସୃଷ୍ଟି ହୋଇଛି । ତେବେ ବିଶେଷଜ୍ଞଙ୍କ ମତରେ, ବଢୁଥିବା ମହଙ୍ଗା ପରିସ୍ଥିତି ଏବଂ ବିଭିନ୍ନ ପ୍ରକାର ଚାପ କମାଇବା ପାଇଁ ଅନେକ ଯୁବପିଢ଼ି 'ଚାଇଲ୍ଡ ଫ୍ରି ଇଣ୍ଡିଆ' ଭଳି ନାରାକୁ ସମର୍ଥନ କରୁଛନ୍ତି । ତେବେ ଏହାକୁ ନେଇ ସୋସିଆଲ ମିଡିଆରେ ଏକ ମିଶ୍ରିତ ମତାମତ ଦେଖିବାକୁ ମିଳୁଛି । କିଛି ଏହାକୁ ସମର୍ଥନ କରୁଥିବାବେଳେ କିଛି ଏହାକୁ ବିରୋଧ କରୁଛନ୍ତି । ତେବେ ଟ୍ରେଣ୍ଡ ଯାହା ହେଉ ନା କାହିଁକି ସନ୍ତାନ କରିବା ନକରିବା ସବୁବେଳେ ଏକ ବ୍ୟକ୍ତିଗତ ନିଷ୍ପତ୍ତି ହୋଇଥାଏ ।





**ମେଷ-** କର୍ମରେ ଆନନ୍ଦ, ଦେବକାର୍ଯ୍ୟ ପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁକଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ସନ୍ତାନଲାଭ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୬, ଆରାଧନା-ଲକ୍ଷ୍ମୀନାରାୟଣ।

**ବୃଷ-** ଶରୀର ଅସୁସ୍ଥ,ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ହାନି, ବ୍ୟବସାୟିକକଷ୍ଟ, ବନ୍ଧୁସହାୟତା, ବାକିଧନ ଫେରସ୍ତ, ନୂତନ କର୍ମପ୍ରତି ଆଗ୍ରହ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା-ମା ବଗଳାମୁଖୀ।

**ମିଥୁନ-** ଦ୍ରବ୍ୟଲାଭ, ବନ୍ଧୁସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଶତ୍ରୁ ପରାଜିତ, ନୂତନ କର୍ମପ୍ରତି ଆଗ୍ରହ,.ସମ୍ମାନପ୍ରାପ୍ତି, ଶାରୀରିକ ସୁସ୍ଥତା, ସନ୍ତାନ ସମସ୍ୟା, ଅଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୨, ଆରାଧନା- ମହାଲକ୍ଷ୍ମୀ।

**କର୍କଟ-** ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟକ୍ରୟ, ଶତ୍ରୁସମସ୍ୟା ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଧନଲାଭ, ଗୃହେ ଅତିଥିସତ୍କାର, ଶରୀର ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତିଲାଭ, ସ୍ୱାଦିଷ୍ଟ ଭୋଜନ, ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ।

**ସିଂହ-** ବନ୍ଧୁସହଯୋଗ, କର୍ମକ୍ଷେତ୍ରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ଅର୍ଥଲାଭ, ଗାଡ଼ିଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି, କିଛି କିଣାକିଣି କରିବେ, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ପ୍ରଭୁଶ୍ରୀରାମ।

**କନ୍ୟା-** ଆୟ ଅପେକ୍ଷା ବ୍ୟୟ ଅଧିକ, ଶରୀର ଅସୁସ୍ଥ, ମାଲିକୋକଦ୍ଦମାରେ କଷ୍ଟ, କାର୍ଯ୍ୟ ସଫଳ, ବ୍ୟବସାୟରେ ଶତ୍ରୁତା, ନିଜଲୋକଙ୍କ ବିରୋଧ ରହିବ, ପିଲାଙ୍କ ସମସ୍ୟା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୪, ଆରାଧନା-ଲକ୍ଷ୍ମୀନୃସିଂହ।

**ତୁଳା-** ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁଲାଭ, ଅର୍ଥସମସ୍ୟା ସମାଧାନ, ପୁରାତନ ବିବାଦ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟଲାଭ, କଚେରୀ ମାମଲା ସମାଧାନ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୭, ଆରାଧନା-ପିତାମାତାଙ୍କ ସେବା।

**ବିଛା-** ଅର୍ଥ ସମସ୍ୟା, ଅଣ୍ଡାଜନିତ ରୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁବିଦ୍ରୋହ, ଅଚାନକ ଖୁସିଖବର, ନୂତନ ବନ୍ଧୁଦର୍ଶନ, ଆଶା ପୂର୍ତ୍ତିରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ପ୍ରଭୁ ଜଗନ୍ନାଥ।

**ଧନୁ-** ଆଭୁଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁକଷ୍ଟ, ବିଦଶେଗ୍ରସ୍ତ କର୍ମକ୍ଷେତ୍ରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ବିଦ୍ୟାରେ ସଫଳ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୨, ଆରାଧନା-ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ।

**ମକର-**ମନସ୍ତାପ, ଦୂରଯାତ୍ରା ଅସଫଳ, ଶରୀର ପୀଡ଼ା, ଗୃହଶତ୍ରୁ, ଖର୍ଚ୍ଚାନ୍ତଯୋଗ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୨, ଆରାଧନା-ମା ଦକ୍ଷିଣକାଳୀ।

**କୁମ୍ଭ-** ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି. ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ଅସୁସ୍ଥ,ପାରିବାରିକ ଖୁସି, ମୋକଦ୍ଦମାରେ ବିଜୟ, ଆଶା ପୂର୍ତ୍ତିରେ ବିଳମ୍ବ, ପରିଶ୍ରମଜନିତ କ୍ଳାନ୍ତି,ଦେବଦର୍ଶନ, ପିଲାଙ୍କ ଚିନ୍ତା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୮, ପ୍ରତିକାର- ପ୍ରଭୁ ରାଧାବଲ୍ଲଭ।

**ମୀନ-** ଆୟବୃଦ୍ଧି, ଦ୍ରବ୍ୟ ପ୍ରାପ୍ତି, ସନ୍ତାନସୁଖ, ଦୂରଯାତ୍ରା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ସମସ୍ୟା ସମାଧାନ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା-ମା ଭଗବତୀ।

**ଚୈତ୍ର ଶୁକ୍ଳପକ୍ଷ, ତୃତୀୟା**
**୨୧.୩.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮




# ରାଜ୍ୟସ୍ତରୀୟ 'ପଖାଳ ପରବ', ଯୋଗ ଦେଲେ ମୁଖ୍ୟମନ୍ତ୍ରୀ

## ଗିନିଜ ବୁକ ଅଫ୍ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗର ୧୧୭୭ କିଲୋଗ୍ରାମର ପଖାଳ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ପ୍ରମୁଖ ଗ୍ରୀଷ୍ମକାଳୀନ ଖାଦ୍ୟ 'ପଖାଳ'ର ଲୋକପ୍ରିୟତାକୁ ଆହୁରି ବଢାଇବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଭୁବନେଶ୍ୱର ସ୍ଥିତ ପାନ୍ଥନିବାସ ଠାରେ ରାଜ୍ୟସ୍ତରୀୟ 'ପଖାଳ ପରବ' କାର୍ଯ୍ୟକ୍ରମ ପାଳନ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପଖାଳକୁ କେବଳ ଏକ ଆହାର ନୁହେଁ, ବରଂ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ପଖାଳ ଦିବସର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା। ଆଜିକାଲିର ପାଶ୍ଚାତ୍ୟ ଖାଦ୍ୟ ସଂସ୍କୃତି ଭିତରେ ଆମର ଏହି ପାରମ୍ପରିକ ଖାଦ୍ୟ ଯେପରି ହଜି ନଯାଏ, ସେଥିପାଇଁ ଏହି ଦିବସଟି ସମସ୍ତ ଓଡ଼ିଆଙ୍କୁ ଏକଜୁଟ କରିବାର ପ୍ରୟାସ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ମୁଖ୍ୟମନ୍ତ୍ରୀ ନିଜ ପିଲାଦିନ ସହିତ ପଖାଳର ସମ୍ପର୍କ କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ ଏବଂ କହିଥିଲେ ଯେ କେବଳ ଗରିବର ଖାଦ୍ୟ ନୁହେଁ, ବରଂ ଏହା ମହାପ୍ରଭୁ ଜଗନ୍ନାଥଙ୍କର ମଧ୍ୟ ପ୍ରିୟ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ 'ଟଙ୍କ ତୋରାଣି' ଏବଂ ପଖାଳ ଭୋଗ ଲାଗି ହୋଇଥାଏ।



ଭଗବାନଙ୍କ ପାଖରେ ଏହି ସରଳ ଖାଦ୍ୟର ଅର୍ପଣ ଦର୍ଶାଏ ଯେ ସାଧାରଣ ଜୀବନଶୈଳୀ କେତେ ଶୁଦ୍ଧ। ପଖାଳର ସବୁଠାରୁ ବଡ଼ ଗୁଣ ହେଉଛି ଏହା 'ଜିରୋ ୱେଷ୍ଟ' ଖାଦ୍ୟ। ପଖାଳର ପ୍ରୋ- ବାୟୋଟିକ ଗୁଣ ବିଷୟରେ କହି ମୁଖ୍ୟମନ୍ତ୍ରୀ ପଖାଳରେ ଥିବା ହିତକର ଜୀବାଣୁ, ଯାହା ଦେହରେ ଥିବା ଅନିଷ୍ଟକାରି ଜୀବାଣୁଙ୍କୁ ମାରି ଦେଇ ଥାଆନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ। ସେ କହିଥିଲେ ଯେ, ବିଶ୍ୱ ପଖାଳ ଦିବସ ଆଜି ଆଉ କେବଳ ଓଡ଼ିଶାରେ ପାଳନ କରାଯାଉ ନାହିଁ। ଏହା ଏବେ ଏକ ବିଶ୍ୱସ୍ତରୀୟ ଉତ୍ସବ ପାଲଟିଛି। ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆମାନେ ଏହି ଦିନକୁ ଗର୍ବର ସହିତ ପାଳନ କରୁଛନ୍ତି। ପଖାଳ, ଦେଶ ବିଦେଶରେ ରହୁଥିବା ଓଡ଼ିଆମାନଙ୍କୁ ନିଜ ମାଟି ସହିତ ଯୋଡ଼ି ରଖିବାର ଏକ ମାଧ୍ୟମ ହୋଇଛି। ଏହା ଆମକୁ ଗର୍ବିତ କରୁଛି ଯେ ଆମର ସଂସ୍କୃତି ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚି ପାରୁଛି। ପଖାଳ ପରବ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱର ସମଗ୍ର ଚାଷୀ ସମାଜକୁ କୃତଜ୍ଞତା ଜଣାଇଥିଲେ ଏବଂ ଯୁବ ପିଢ଼ିଙ୍କୁ ଓଡ଼ିଆ ପରମ୍ପରାର ମୂଲ୍ୟ ବୁଝିବାକୁ ଅନୁରୋଧ କରିଥିଲେ ।

ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ବିଶ୍ୱରେ, ଆଗକୁ ବଢ଼ିବା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଆମର ମୂଳ ସହିତ ମଧ୍ୟ ଯୋଡି ହୋଇରହିବା ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ପଖାଳ ଦିବସ ଆଜି ଆମ ସରକାରଙ୍କ 'ବିକଶିତ ଓଡ଼ିଶା' ସଂକଳ୍ପର ଏକ ଅବିଚ୍ଛେଦ୍ୟ ଅଙ୍ଗ । ନିଜର ପୁରାତନ ସଂସ୍କୃତିକୁ ସୁରକ୍ଷିତ ରଖି ଆଧୁନିକତା ଆଡ଼କୁ ଦୃଢ଼ ଭାବେ ଅଗ୍ରସର ହେବା ହିଁ ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ପଖାଳ ଦିବସ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସମ୍ମାନ ଜଣାଇବା ଏବଂ ଏହାକୁ ଆଗାମୀ ପିଢ଼ି ପାଇଁ ସାଇତି ରଖିବା ପାଇଁ ଆମ ସରକାର ଯେଉଁ ନିରନ୍ତର ଉଦ୍ୟମ କରୁଛନ୍ତି, ତାହା ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଏକ ନୂତନ ଆଶା ଏବଂ ଗର୍ବ ସୃଷ୍ଟି କରିଛି ବୋଲି ସେ କହିଥିଲେ । ଉକ୍ତ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଇଣ୍ଡୋନେସିଆ, ମାଲେସିଆ, ବାହାରିନ, ସିଙ୍ଗାପୁର, ସମେତ ୧୫ ଟି ରାଜ୍ୟରୁ ଆଭାସୀ ମାଧ୍ୟମରେ ଯୋଡି ହୋଇଥିବା ପ୍ରବାସୀ ଓଡ଼ିଆ ମାନଙ୍କ ସହ କଥା ହୋଇଥିଲେ। ଏହି ଅବସରରେ ବିଶ୍ୱସ୍ତର ଏବଂ ରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଖାଦ୍ୟର ପ୍ରଚାର ପ୍ରସାର କରୁଥିବା ସେଫ୍ (ଉଷରଲ) ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ।

ବିଶେଷକରି ଗିନିଜ ବୁକ ଅଫ ୱାର୍ଲଡ ରେକର୍ଡ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଜି ୮୫୦ କିଲୋଗ୍ରାମ ଚାଉଳରେ ପ୍ରସ୍ତୁତ ୧୧୭୭ କିଲୋଗ୍ରାମର ପଖାଳ ସମସ୍ତଙ୍କୁ ଆକର୍ଷିତ କରିଥିଲା। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପଖାଳ, ଅବହେଳିତ ସମ୍ପ୍ରଦାୟର ୨୦୦୦ ରୁ ଊର୍ଦ୍ଧ୍ୱ ଜନସାଧାରଣ ମାନଙ୍କୁ ବଣ୍ଟା ଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାନ୍ଥନିବାସ ଠାରେ ସମସ୍ତ ଅତିଥି ମାନଙ୍କ ସହ ଓଡ଼ିଆ ଖାଦ୍ୟ ମେଳା ବୁଲି ଦେଖିଥିଲେ ଏବଂ ପ୍ରାୟ ୩୨୬ ପ୍ରକାର ଓଡ଼ିଆ ବ୍ୟଞ୍ଜନ ପ୍ରସ୍ତୁତିକୁ ଅନେକ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କ ସହ ପଖାଳ ଖାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି, ଶ୍ରୀମତୀ ସୁରମା ପାଢ଼ୀ, ଉପବାଚସ୍ପତି, ଭବାନୀ ଶଙ୍କର ଭୋଇ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହ ଦେଓ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ରାଜ୍ୟସଭା ସାଂସଦ ମନମୋହନ ସାମଲ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ମଂଚାସୀନ ଥିବା ବେଳେ ବିଧାୟକଗଣ ଏବଂ ବିଶେଷ ଅତିଥିଗଣ ଉପସ୍ଥିତ ଥିଲେ।

# ତିନି ବିଭାଗର ଖର୍ଚ୍ଚଦାବି ପାରିତ

ଭୁବନେଶ୍ୱର(ସବ୍ୟୁ): ନିର୍ମାଣ ବିଭାଗର ୧୩୯୧୪ କୋଟି ୨୮ ଲକ୍ଷ ୬୨ ହଜାର ଟଙ୍କା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩୧୯୯୭ କୋଟି ୨୩ ଲକ୍ଷ ୨୦ ହଜାର ଟଙ୍କା ଓ ଉଚ୍ଚ ଶିକ୍ଷା ବିଭାଗର ୩୬୬୪ କୋଟି ୪୦ ଲକ୍ଷ ଟଙ୍କାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଖର୍ଚ୍ଚଦାବି ପାରିତ ହୋଇଛି ।

ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ, ଶିକ୍ଷାର ଗୁଣାତ୍ମକ ଉନ୍ନତି ଓ ଭିତ୍ତିଭୂମି ମଜବୁତ କରିବା ସରକାରଙ୍କ ପ୍ରାଥମିକତା । ବଜେଟରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ପାଇଁ ୧୦୧୦ କୋଟି, ସମଗ୍ର ଶିକ୍ଷା ପାଇଁ ୧୧୩୧ କୋଟି ୨୨ ଲକ୍ଷ ୬୨ ହଜାର, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା ପାଇଁ ୭୦୯ କୋଟି ୧୦ ଲକ୍ଷ ୪୯ ହଜାର ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା ପାଇଁ ୭୩୧ କୋଟି ୨୨ ଲକ୍ଷ ୫୫ ହଜାର ଅର୍ଥ ବରାଦ ହୋଇଛି । ଏହାସହ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧୨୨୩ କୋଟି ୯୮ ଲକ୍ଷ ୩୫ ହଜାର ଓ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ସାଇକେଲ, ପରିଧାନ ଓ ପାଠ୍ୟପୁସ୍ତକ ବଣ୍ଟନ ପାଇଁ ମଧ୍ୟ ଅର୍ଥ ବ୍ୟବସ୍ଥା କରାଯାଇଛି ।

ରାଜ୍ୟରେ ରହିଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଏହାର ସୁପରିଚାଳନା, ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ, ନିଯୁକ୍ତି ସୁଯୋଗ ପ୍ରଦାନ, ଉଚ୍ଚକୋଟୀର ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କର ସାମଗ୍ରିକ ବିକାଶକୁ ଲକ୍ଷ୍ୟ ରଖି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉଚ୍ଚଶିକ୍ଷା ବିଭାଗ ବଜେଟ୍ ପ୍ରସ୍ତୁତ ହୋଇଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଓଡ଼ିଶାର ୭ ଟି ବ୍ଲକ ଯେଉଁଠାରେ ପୂର୍ବରୁ ଉଚ୍ଚ ଶିକ୍ଷାନୁଷ୍ଠାନ ନଥିଲା, ସେହି ୭ଟି ବ୍ଲକ ଯଥା : କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର, କୋରାପୁଟ ଜିଲ୍ଲାର ବନ୍ଧୁଗାଁ ଓ ନାରାୟଣ ପାଟଣା, ନବରଙ୍ଗପୁର ଜିଲ୍ଲାର ଝରିଗାଁ, ରାଇଘର, ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର, ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଠାରେ ୭ ଟି ନୂତନ ସରକାରୀ ଡ଼ିଗ୍ରୀ କଲେଜ ଖୋଲାଯାଇଛି ।ଯେଉଁଠାରେ ଛାତ୍ରଛାତ୍ରୀମାନେ ଅଧ୍ୟୟନରତ ଅଛନ୍ତି ।

# ନାବାଳିକା ବଳାତ୍କାରୀକୁ ୨୦ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ୨୦୨୦ ମସିହା ଫେବୃଆରୀ ମାସରେ ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗର ଅଞ୍ଚଳରେ ହୋଇଥିବା ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟର ଆଡହକ୍ ଆଡିସନାଲ ସେସନ୍ ଜଜ୍ ଆସାମୀ ରମେଶ ଦାସକୁ ୨୦ବର୍ଷ ସଶ୍ରମ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଅଭିଯୋଗକାରିଣୀ ତଥା ପୀଡିତାଙ୍କ ମାଉସୀ ମଧୁସ୍ମିତା ମହାପାତ୍ର ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗରରେ ରୁହନ୍ତି । ୨୦୨୦ ମସିହା ଫେବୃଆରୀ ୨୦ ତାରିଖ ମଧ୍ୟାହ୍ନରେ ସେ ତାଙ୍କ ଭଉଣୀ ଶୁଭସ୍ମିତା ତ୍ରିପାଠୀଙ୍କ ଘରେ ବସି ଗପସପ କରୁଥିବା ବେଳେ ଦୁଇ ବର୍ଷିଆ ନାବାଳିକା ଝିଅାରୀ ତଥା ପୀଡିତା ଘର ନିକଟରେ ଖେଳୁଥିଲେ । ଏହି ସମୟରେ ଅଭିଯୁକ୍ତ ରମେଶ ଦାସ ଜୋରଜବରଦସ୍ତ ପୀଡିତାଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲା । ଝିଅର କାନ୍ଦିବା ଶୁଣି ଅଭିଯୋଗକାରିଣୀଙ୍କ ଜଣେ ପଡୋଶୀ ବଡ ପାଟି କରି ଡାକ ପକାଇଥିଲେ । ତାଙ୍କ ଡାକ ଶୁଣି ଅଭିଯୋଗକାରିଣୀ ଏବଂ ଅନ୍ୟମାନେ ଘଟଣାସ୍ଥଳକୁ ଦୌଡିଯାଇ ଅଭିଯୁକ୍ତକୁ ଘେରିଯାଇଥିଲେ ମଧ୍ୟ କୌଶଳ କ୍ରମେ ସେ ସେଠାରୁ ଖସି ପଳାଇବାରେ ସକ୍ଷମ ହୋଇଥିଲା । ଅଭିଯୁକ୍ତ ଜଣକ ପୂର୍ବରୁ ମଧ୍ୟ ଏହିଭଳି କାଣ୍ଡ ଭିଆଇଥିବା ନେଇ ଅଭିଯୋଗକାରିଣୀଙ୍କ ପଡୋଶୀ ପ୍ରତିମା ସାହୁ ନାମକ ଜଣେ ମହିଳା କହିଥିଲେ । ପରେ ଅଭିଯୋଗକାରିଣୀ ମଧୁସ୍ମିତା ମହାପାତ୍ର ଉପାୟଶୂନ୍ୟ ହୋଇ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ପୋକ୍‌ସୋ ଧାରାରେ ଅଭିଯୁକ୍ତ ରମେଶ ଦାସକୁ ଗିରଫ କରି କୋର୍ଟଚାଲାଣ କରିଥିଲା । କୋର୍ଟଚାଲାଣ ପରେ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚାର୍ଜସିଟ୍ ମଧ୍ୟ କରାଯାଇଥିଲା । ବିଚାରପତି ୧୦ଜଣ ସାକ୍ଷୀ ଓ ୨୦ ଦସ୍ତାବିଜ୍‌କୁ ଆଧାର କରି ବିଚାର ଶେଷ କରିବା ସହ ବଳାତ୍କାରୀ ରମେଶ ଦାସକୁ ପୋକ୍‌ସୋ ଆଇନର ଧାରା ୬ ଆଧାରରେ ୨୦ବର୍ଷ ସଶ୍ରମ ଜେଲ୍ ଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଅଧିକ ୫ମାସ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ସ୍ପଷ୍ଟ କରାଯାଇଛି ।

## ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସେମିରେ କଲ୍ୟାଣପୁର ଓ କାଇପଦର

ଖୋର୍ଦ୍ଧା, (ସବ୍ୟୁ): ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଂଟ ର ଷଷ୍ଠ ଦିବସ ର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଓ ସାରୁଅ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କଲ୍ୟାଣପୁର ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୭ ୱିକେଟ୍ ବିନିମୟରେ ୧୬୧ରନ୍ କରିଥିଲା ।ଜବାବରେ ସାରୁଅ ଦଳ ୧୫ ଓଭର ଖେଳି ୮ୱିକେଟ ହରାଇ ୧୩୨ରନ୍ କରିଥିଲା। ଫଳରେ କଲ୍ୟାଣପୁର ଦଳ ୨୯ରନ୍ ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ତରଫରୁ ସାଗର ଶତପଥୀ ୧୭ ବଲରୁ ୪୩ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚ୍ କାଇପଦର ଓ କୁଶପଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ କୁଶପଲ୍ଲା ଦଳ ୧୫ ଓଭର ଖେଳି ୮ୱିକେଟ ବିନିମୟରେ ୧୨୨ରନ କରିଥିଲା। ଜବାବରେ କାଇପଦର ଦଳ ୧୦.୧ଓଭର ଖେଳି ୪ୱିକେଟ ବିନିମୟରେ ୧୨୪ରନ କରିଥିଲା। ଫଳରେ ୬ୱିକେଟ ରେ କାଇପଦର ଦଳ ବିଜୟୀ ହୋଇ ସେମିଫାଇନାଲରେ ପହଁଚିଛି। ଦଳ ତରଫରୁ ସୁରେନ୍ଦ୍ର ଚମ୍ପତିରାୟ ୩୧ ବଲରେ ୬୬ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳ କୁ ଝଜ ସାମନ୍ତରାୟ ଓ ଗୋପିନାଥ ମାଝି ପରିଚାଳନା କରିଥିବାବେଳେ ସ୍କୋରର ବିଭୂଷ କୁମାର ପ୍ରଧାନ ଓ ଭାଷ୍ୟକାର ସତ୍ୟବ୍ରତ ସ୍ୱାଇଁ ରହିଥିଲେ।

# ସିଆର୍‌ପି ଛକ ମହାବୀର ମାର୍କେଟରେ ନିଆଁ

ଭୁବନେଶ୍ୱର, (ସବ୍ୟୁ) : ସିଆର୍‌ପି ଛକ ନିକଟରେ ମହାବୀର ମାର୍କେଟ କମ୍ପ୍ଲେକ୍ସରେ ନିଆଁ ଲାଗି ଛୋଟବଡ ୭ଟି ଦୋକାନ ଜଳିଯାଇଛି । ଖବର ପାଇ ଦୁଇଟି ଫାୟାର ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମହାବୀର ମାର୍କେଟ କମ୍ପ୍ଲେକ୍ସ ୩ ମହଲା ହୋଇଥିଲା ବେଳେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଦୋକାନରୁ ସର୍ଟସର୍କିଟ୍ ହୋଇ ଅଗ୍ନିକାଣ୍ଡ ହୋଇଥିଲା । ସାଢେ ୯ଟା ବେଳେ ଧୂଆଁ ବାହାରିବା ଦେଖି ଅଗ୍ନିଶମ ବାହିନୀକୁ ଦୋକାନୀ ଫୋନ୍ କରିଥିଲେ । ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବା ସମୟ ମଧ୍ୟରେ ଗ୍ରାଉଣ୍ଡ ଫ୍ଲୋରରେ ଥିବା ଏଟିଏମ୍, ଶାଢି ଦୋକାନ, ବହି ଓ କସ୍‌ମେଟିକ୍ସ ଦୋକାନକୁ ମିଶାଇ ୭ଟି ଦୋକାନ ନିଆଁରେ ପୋଡିଯାଇଛି । ଏହି ଅଗ୍ନିକାଣ୍ଡ ହେବା ସମୟରେ ଅନ୍ୟ ଦୋକାନୀମାନେ ଭୟଭୀତ ହୋଇପଡିଥିଲେ । ଅଗ୍ନିଶମ ବାହିନୀ ଖବର ପାଇବା କ୍ଷଣି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ । ଫାୟାର ଷ୍ଟେସନ ପାଖରେ ହୋଇଥିବାରୁ ଖୁବ୍ ସମୟ ମଧ୍ୟରେ ନିଆଁ ଲିଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରାୟ ୪୦ ମିନିଟ୍ ମଧ୍ୟରେ ଅଗ୍ନିକମାନେ ନିଆଁକୁ ଆୟତ୍ତ କରିଥିଲେ ।

## ଅଗ୍ନି ସୁରକ୍ଷା ସଂପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ସତର୍କତା ପାଇଁ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ କରିବାକୁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ପ୍ରିୟଦର୍ଶିନୀ ମାର୍କେଟ୍ କମ୍ପ୍ଲେକ୍ସରେ ଶୁକ୍ରବାର ଘଟିଥିବା ଅଗ୍ନିକାଣ୍ଡ ପରେ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହକାରେ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏକ ଉଚ୍ଚସ୍ତରୀୟ ବୈଠକରେ ଅଗ୍ନି ସୁରକ୍ଷା ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଏ ସଂପର୍କରେ ବିଭିନ୍ନ ପଦକ୍ଷେପ ନେଇ ସଂପୃକ୍ତ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହିତ ଜନସାଧାରଣଙ୍କୁ ଅଗ୍ନି ନିରାପତ୍ତା ପ୍ରସଙ୍ଗରେ ଯଥେଷ୍ଟ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଗୃହ, ଶିଳ୍ପ, ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅଗ୍ନିଶମ ସେବା ପୁଲିସ୍ ମହାନିର୍ଦ୍ଦେଶକ ଡଃ. ସୁଧାଂଶୁ ଷଡ଼ଙ୍ଗୀ, ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢୀ, ଶକ୍ତି , ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ବିଏମ୍‌ସି କମିଶନର ଚଂଚଳ ରାଣାଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଅଗ୍ନି ନିରାପତ୍ତା ପ୍ରତି ସରକାରଙ୍କ ତରଫରୁ ରହିଥିବା ପ୍ରସ୍ତୁତି ଓ ତ୍ୱରିତ ପ୍ରତିକ୍ରିୟା ବ୍ୟବସ୍ଥା ସଂପର୍କରେ ଆଲୋଚନା କରିଥିଲେ । ଅଗ୍ନି ସୁରକ୍ଷା ସଂପର୍କିତ ନିୟମିତ ଯାଂଚ ସହିତ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନ ଆରମ୍ଭ କରି ଏହାକୁ ବ୍ୟାପକ କରାଯିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନ, ହାଉସିଂ ସୋସାଇଟି, ବଡ ବଡ କୋଠା ଆଦି ଅଗ୍ନି ସୁରକ୍ଷା ମାର୍ଗଦର୍ଶିକା ଅନୁପାଳନ କରିବା କଥା, ସେମାନଙ୍କୁ ବୈଧ ଅଗ୍ନି ସୁରକ୍ଷା ପ୍ରମାଣପତ୍ର ରଖିବାକୁ ପରାମର୍ଶ ଦିଆଯାଇଛି । ପ୍ରସ୍ତୁତି ସ୍ୱରୂପ ବିଭିନ୍ନ ପ୍ରତିଷ୍ଠାନମାନେ ନିଜ ନିଜର କର୍ମଚାରୀ ବା ରହିଥିବା ମାନବ ସମ୍ବଳ(ଏଚଆର)ଙ୍କ ମଧ୍ୟରୁ ଅଗ୍ନି ସୁପରଭାଇଜର ନିୟୋଜିତ କରିବେ । ସେମାନଙ୍କୁ ଅଗ୍ନିଶମ ସେବା ଦ୍ୱାରା ପ୍ରଶିକ୍ଷଣ ଦିଆଯିବ । ଏହା ସହିତ ବିଭିନ୍ନ କୋଠାଗୁଡିକରେ ବିଦ୍ୟୁତ୍ ବ୍ୟବସ୍ଥାର ନିୟମିତ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇଛି । ଅଗ୍ନିକାଣ୍ଡ ଧନ ଜୀବନକୁ ବିପଦରେ ପକାଉଥିବାରୁ ପ୍ରତ୍ୟେକ ନାଗରିକଙ୍କର ଏ ଦିଗରେ ସଚେତନ ହେବା ଓ ସୁରକ୍ଷା ନିୟମ ମାନିବା ଅତ୍ୟାବଶ୍ୟକ । ଅଗ୍ନିଶମ ସେବା ଡିଜି ଡଃ. ଷଡ଼ଙ୍ଗୀ ବିଭିନ୍ନ ପରାମର୍ଶ ସମ୍ପର୍କରେ ଆଲୋଚନା କରିବା ସହିତ ଜରୁରୀକାଳୀନ ସ୍ଥିତିରେ ଜନସାଧାରଣ ୧୧୨ ହେଲ୍ପଲାଇନ୍‌କୁ ତୁରନ୍ତ ଫୋନ୍ କରି ସହାୟତା ନେବାକୁ ଅନୁରୋଧ କରିଛନ୍ତି । ୧୧୨ ହେଉଛି ଏକ ଜରୁରୀ ସହାୟତା ନମ୍ବର, ଯାହା ଟୋଲ ଫ୍ରି(ଦେୟ ମୁକ୍ତ) ଭାବେ ଉପଲବ୍ଧ ଏବଂ ପୁଲିସ, ଅଗ୍ନିଶମ, ଚିକିତ୍ସା ସୁରକ୍ଷା ଓ ଅନ୍ୟାନ୍ୟ ଜରୁରୀ ସେବା ପାଇଁ ତୁରନ୍ତ ସହାୟତା ପାଇବାରେ ବ୍ୟବହୃତ ହୋଇଥାଏ । ଟିଭି, ରେଡିଓ, ସାମାଜିକ ଗଣମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯିବ ଏବଂ ବିଭିନ୍ନ କାର୍ଯ୍ୟକ୍ରମରେ ସିଭିଲ ଡିଫେନ୍‌ସ ସ୍ୱେଚ୍ଛାସେବୀଙ୍କ ସହଯୋଗ ନିଆଯିବା ନେଇ ନିର୍ଦ୍ଦେଶ ଓ ପରାମର୍ଶ ଦିଆଯାଇଛି ।



## ସ୍କୁଟି - ଷଣ୍ଢ ଧକ୍କା : ମହିଳା କର୍ମଚାରୀ ଗୁରୁତର

କୁଆଁପାଳ ,(ସବ୍ୟୁ):ମାହାଙ୍ଗା ବ୍ଲକ ଅନ୍ତର୍ଗତ ଛତିଆ-ସାଲେପୁର ପୂର୍ତ୍ତ ରାସ୍ତାର କୁଆଁପାଳ ନିକଟବର୍ତ୍ତୀ ବଣ୍ଡୁଆ ମହାପୁରୁଷ ପୀଠର ଅନତି ଦୂରରେ ସ୍କୁଟି ଆରୋହୀଙ୍କ ସହ ଷଣ୍ଢର ଧକ୍କା ହେବା ଫଳରେ ମହିଳା କର୍ମଚାରୀ ଗୁରୁତର ହୋଇଥିବା ଜଣାଯାଇଛି। ଖବରରୁ ପ୍ରକାଶ , ଶୁକ୍ରବାର ଅପରାହ୍ନରେ ଗୁଣ୍ଡୁପୁର ଗ୍ରାମର ତଥା କୋଳିଅଠା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସିଏଚଓ ନିହାରିକା ସାହୁ ନିଜ ସ୍କୁଟି ଯୋଗେ ଛତିଆ-ସାଲେପୁର ପୂର୍ତ୍ତ ରାସ୍ତାର କୁଆଁପାଳ ପଟୁ ମାହାଙ୍ଗାକୁ ଯାଉଥିବା ସମୟରେ ବଣ୍ଡୁଆ ମହାପୁରୁଷ ପୀଠର ଅନତି ଦୂରରେ ସ୍କୁଟି ସହ ଏକ ଷଣ୍ଢର ଧକ୍କା ହୋଇଥିଲା। ଯାହା ଫଳରେ ଷଣ୍ଢଟି ରାଗିଯାଇ ସ୍କୁଟି ସହ ଆରୋହୀଙ୍କୁ ପ୍ରାୟ ୨୦ ଫୁଟରୁ ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ଠେଲି ନେଇଥିଲା। ଯାହା ଫଳରେ ସ୍କୁଟି ଆରୋହୀଙ୍କ ମୁଣ୍ଡରେ ଗଭିର ଆଘାତ ସହ ରକ୍ତ ସ୍ରାବ ହୋଇଥିଲା।



## ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀତଟ ସୌନ୍ଦର୍ଯ୍ୟକରଣ ପାଇଁ ଯୋଜନା

ଭୁବନେଶ୍ୱର, (ସବ୍ୟୁ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ରିଭର ଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିଛନ୍ତି । ୨୧୦ କୋଟି ଟଙ୍କା ବ୍ୟୟରେ କଟକ ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶ ଅନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯିବ ଏବଂ ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା (ରଗରଗ୍ଗସଙ୍ଗର ଚଙ୍କକ୍ସକ୍ସୁକ୍ସୁର) ପାଇଁ ମଧ୍ୟ ଉପଯୋଗୀ କରାଯିବ । ଏଥିରେ ଓଡ଼ିଶା ହାଟ, ହେରିଟେଜ ଭିଲେଜ, ପିକନିକ୍ ଏରିଆ, ଇଣ୍ଟରପ୍ରିଟେସନ ସେଣ୍ଟର, ଫୁଡ କୋର୍ଟ, ଲନ, ବଗିଚା, ମହାନଦୀ କୂଳ ସ୍ଥିତ ବିଭିନ୍ନ



ୱାଟରବଡିର ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ରହିଛି । ଏସବୁ ନିର୍ମାଣ କାର୍ଯ୍ୟରେ ଗ୍ରୀନ ଟ୍ରିବ୍ୟୁନାଲ ଗାଇଡଲାଇନ ପାଳନ କରାଯିବ । ଏହି ପ୍ରକଳ୍ପକୁ ପର୍ଯ୍ୟଟକମାନଙ୍କ ପାଇଁ ଏକ ଜାତୀୟ ସ୍ତରର ଆକର୍ଷଣୀୟ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନକୁ ଅନୁଧ୍ୟାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ । ସମସ୍ତ ପ୍ରାରମ୍ଭିକ ପ୍ରକ୍ରିୟା ଯଥାଶୀଘ୍ର ଶେଷ କରି ପ୍ରଥମ ପର୍ଯ୍ୟାୟ କାମ ତୁରନ୍ତ ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମହାନଦୀ କୂଳ ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ନିର୍ମାଣ କାର୍ଯ୍ୟ ହେଉଛି, ସେହି ପ୍ରକଳ୍ପ ଗୁଡ଼ିକର ମଧ୍ୟ ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ଏହି ପ୍ରକଳ୍ପ ଗୁଡିକ ନଦୀତଟକୁ ସୁରକ୍ଷା ଦେବା ସହିତ ପର୍ଯ୍ୟଟକ ମାନଙ୍କ ପାଇଁ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ କାମ ବେଳେ ଧବଳେଶ୍ୱର ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଘବଗ୍ବସକ୍ଟଭବକ୍ଷ ଖବଙ୍ଗ ଟଭସଙ୍ଗରକ୍ସଗ୍ସସଗ୍ବଛ ନିକଟସ୍ଥ ପଠାକୁ ବିକଶିତ କରିବା ପାଇଁ ପରାମର୍ଶ ଦେଇଥିଲେ । ଅଧିକ ଆକର୍ଷଣୀୟ କରିବା ପାଇଁ ମହାନଦୀ ମଧ୍ୟରେ କ୍ରୁଜ ଚଳାଚଳ ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ମତ ଦେଇଥଲେ । ଏ ସବୁ ସୌନ୍ଦର୍ଯ୍ୟକରଣ କାମ ପାଇଁ ଆବଶ୍ୟକ ହେଲେ ଅଧିକ ଅର୍ଥ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ ।

# ମେୟର ପାଳିଲେ ପଖାଳଦିବସ, ରାଜନେତାଠୁ ବୁଦ୍ଧିଜୀବୀ ଯାଏଁ ହେଲେ ସାମିଲ୍

କଟକ , (ସବ୍ୟୁ): ମେୟର ସୁବାସ ସିଂହ, ନିଜ ସରକାରୀ ଆବାସ ଠାରେ ମହା ଆଡମ୍ବରରେ "ପଖାଳ ଦିବସ" ପାଳନ କରିଥିଲେ। ଓଡ଼ିଶାର ପାରମ୍ପରିକ ଖାଦ୍ୟ "ପଖାଳ" ଆଜି ଦିନରେ ସବୁ ମହଲରେ ଆଦୃତ। ଏହି ଦିବସକୁ ବ୍ୟାପକ ରୂପରେଖା ଦେବା ଓ ଓଡିଶା ର ପାରମ୍ପରିକ ଖାଦ୍ୟ ପଖାଳ ର ଆଦୃତି ବଢାଇବା ପାଇଁ କଟକ ମେୟର ଙ୍କ ଏହା ଥିଲା ଏକ ଛୋଟ ନିଆରା ପ୍ରୟାସ । ଏହି ଅବସରରେ ମେୟର ସୁବାସ ସିଂ ଙ୍କ ସହତ ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ବିଶିଷ୍ଟ ସାହିତ୍ୟିକ ବିଜୟାନନ୍ଦ ସିଂ, ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡ଼.ଜୟନ୍ତ ପଣ୍ଡା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ , ଭିକାରି ଦାସ, ମହାନଗର ଶାନ୍ତି କମିଟି କାର୍ଯ୍ୟକରି ସଭାପତି ପ୍ରଦୀପ କୁମାର ସିହ୍ନା, ଜ୍ୟୋତି ଘୋଷ, ଧର୍ମେଶ ନାୟକ, ପୁର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ , ପୁର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ କୁମାର ସାହୁ , ପୁର୍ବାଞ୍ଚଳ ଶାନ୍ତି କମିଟି କାର୍ଯ୍ୟକାରୀ ସଭାପତି ନିରଞ୍ଜନ ସାହୁ ,୨୫ ଭାଗ ସର୍ବାଧିକାରୀ ସୁରେଶ କୁମାର



ସାହୁ , କଂଗ୍ରେସ ର ବରିଷ୍ଠ ନେତା ସୁରେଶ ମହାପାତ୍ର, ବିଜୟ ପଢ଼ିହାରୀ, ଅମରେନ୍ଦ୍ର ମହାନ୍ତି, ନୟନ ମହାନ୍ତି, ସ୍ମୃତି ପଟ୍ଟନାୟକ, ଲଲାଟେନ୍ଦୁ ବଡୁ, ବିଜେଡି ନେତୃତ୍ୱ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, ମଧୁ ସୁଦନ ସାହୁ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପ୍ରଫୁଲ ବେହେରା, ପ୍ରଦୀପ୍ତ ଖୁଣ୍ଟିଆ, ଚୌଧୁରୀ ସୁବ୍ରତ ଘଡେଇ, କଟକ ମହାନଗର ନିଗମ ଷ୍ଟାଣ୍ଡିଂ କମିଟି ଚେୟାର ମ୍ୟାନ୍ ଏ ଶ୍ରୀଦେବୀ, ପ୍ରଦୀପ୍ତ ରାଉତ, ମୋନାଲିସା ମୁଳିଆ, ମୋନାଲିସା ଦାସ, ବିକାଶ ବେହେରା, ପ୍ରଦୀପ୍ତ ସାହୁ, ରୀତାଞ୍ଜଳୀ ବେହେରା, ଇତିଶ୍ରୀ ଦାସ, ପୁଷ୍ପିତା ମହାନ୍ତି, ପ୍ରମୁଖ ସମସ୍ତ କର୍ପୋରେଟରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

## ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ, ଗଞ୍ଜେଇ ଚାଷ ନଷ୍ଟ

# ନକ୍ସଲ ଉପଦ୍ରବ, ୧୨ ପରିବର୍ତ୍ତେ ୨ ଜିଲ୍ଲାରେ ସୀମିତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶା ପୋଲିସ ନିଶା ବିରୋଧୀ ଅଭିଯାନ ଜାରି ରଖିଥିଲା ବେଳେ ୧୪ ମାସରେ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରିବା ସାଙ୍ଗକୁ ଏକର ଏକର ଜମିରେ ହୋଇଥିବା ଗଞ୍ଜେଇ ଚାଷ ନଷ୍ଟ କରିବାରେ ସମର୍ଥ ହୋଇଛି ।

୨୦୨୫ ମସିହା ଜାନୁଆରୀ ମାସ ୧ ତାରିଖରୁ ୨୦୨୮ ମସିହା ଫେବ୍ରୁଆରୀ ୨୮ ତାରିଖ ମଧ୍ୟରେ ୧.୪୪୪ କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଚାଷ ନଷ୍ଟ କରାଯାଇଥିବା ବେଳେ୧,୩୪୬କୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଜବତ କରାଯାଇଛି । ୪୧.୭ କୋଟି ଟଙ୍କା ମୂଲ୍ୟର ବ୍ରାଉନସୁଗର, ୧୦.୧୭ କୋଟି ଟଙ୍କାର କପ୍ ସିରପ୍, ୨୦୦ କୋଟି ଟଙ୍କା ମୂଲ୍ୟର ୧୮୬୨ ଲିଟର ଗଞ୍ଜେଇ ତେଲ ଜବତ କରାଯିବା ସହ କାରବାରରେ ସମ୍ପୃକ୍ତ ୬୫୪ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଓଡ଼ିଶା ପୋଲିସ ଗିରଫ କରିଛି । କେନ୍ଦ୍ର ସରକାରଙ୍କ ୧୫ ସୂତ୍ରୀ ମାର୍ଗଦର୍ଶିକାକୁ ଆଧାର କରି ସାରା ଦେଶରେ ନିଶା ବିରୋଧୀ ଅଭିଯାନ ଜାରି ରହିଥିବା ବେଳେ ଏହା ଓଡ଼ିଶା ପୋଲିସର ନିଶା ବିରୋଧୀ ଅଭିଯାନକୁ ନେଇ ଐତିହାସିକ ସଫଳତା ବୋଲି କୁହାଯାଉଛି । ଓଡ଼ିଶା ପୋଲିସର ସୁନିୟୋଜିତ ସ୍ୱତନ୍ତ୍ର ରଣନୀତିର ଫଳ ସ୍ୱରୂପ ରାଜ୍ୟରେ ନିଶା ମାଫିଆ ନେଟ୍‌ଓ୍ୱାର୍କକୁ ଧ୍ୱଂସ କରାଯାଇଛି ବୋଲି ଭୁବନେଶ୍ୱର ପୋଲିସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡିଜିପି ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି ।

ରାଜ୍ୟରେ ନିଶାଦ୍ରବ୍ୟ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଅଭିଯାନ ୨୦୨୬ ଏପ୍ରିଲ୍ ୧ ତାରିଖ ଠାରୁ ଆରମ୍ଭ କରାଯିବ । ଆଗାମୀ ୩ବର୍ଷ ମଧ୍ୟରେ ରାଜ୍ୟରୁ ଗଞ୍ଜେଇ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ହେଉଛି ଓଡ଼ିଶା ପୋଲିସର ଲକ୍ଷ୍ୟ ବୋଲି ଶ୍ରୀ ଖୁରାନିଆ କହିଥିଲେ । ରାଜ୍ୟରେ ଗଞ୍ଜେଇ ଚାଷ ଓ ଚୋରାଚାଲାଣ ମୁଖ୍ୟତଃ ନକ୍ସଲ ପ୍ରଭାବିତ ଅଞ୍ଚଳରେ ଦେଖିବାକୁ ମିଳିଥିବା ବେଳେ ନକ୍ସଲମାନଙ୍କ ପାଇଁ ଏହା ରୋଜଗାର ମାଧ୍ୟମ ହୋଇଥିଲା । ଘନ ଜଙ୍ଗଲ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ କରି ଅସାମାଜିକ କାର୍ଯ୍ୟକଳାପକୁ ଜାରି ରଖୁଥିଲେ । ଓଡ଼ିଶା ପୋଲିସର ନିରନ୍ତର ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳ ସ୍ୱରୂପ ଯେଉଁ ନକ୍ସଲ ଗୋଷ୍ଠୀ ଏକଦା ୧୨ ଜିଲ୍ଲାରେ ସକ୍ରିୟ ଥିଲେ, ସେମାନେ ଏବେ ମାତ୍ର ୨/୩ଟି ଜିଲ୍ଲାରେ ସୀମିତ ଅଛନ୍ତି ।

## ଜଟଣୀ ବାସୀଙ୍କ ପାଇଁ ୧୮ କୋଟିର ପାନୀୟ ଜଳ ପ୍ରକଳ୍ପ ଉପହାର

# ପ୍ରକଳ୍ପର ଶିଳାନ୍ୟାସ କଲେ ଭୁବନେଶ୍ୱର ସାଂସଦ ଅପରାଜିତା

ଜଟଣୀ, (ସବ୍ୟୁ) : ପୌରାଞ୍ଚଳ ଏରିଆର ଜନତାଙ୍କୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ବଡ଼ ପ୍ରକଳ୍ପ ଉପହାର। ଏ ନେଇ ଜଟଣୀ ୭ ନମ୍ବର ଓ୍ୱାର୍ଡର ରାମଚନ୍ଦ୍ରପୁର ଠାରେ ପୁରୁଣା ପିଏଚଡି ପଡିଆରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରାୟ ୧୮ କୋଟିର ଏକ ବୃହତ ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଜଟଣୀ ବାସୀଙ୍କ ପାଇଁ ଏହି ପ୍ରକଳ୍ପ ଭୁବନେଶ୍ୱର ସାଂସଦଙ୍କର ବହୁ ଦିନର ସ୍ୱପ୍ନର ପ୍ରକଳ୍ପ ରହିଥିଲା । ପାନୀୟ ଜଳ ସମସ୍ୟା ଦୂର କରିବାକୁ ବର୍ଷ ବର୍ଷ ଧରି ଜଟଣୀ ପୌରପରିଷଦ ଜନତା ଦାବି କରି ଆସୁଥିଲେ । ଏନେଇ ନିଜେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପଦକ୍ଷେପ ନେବାକୁ ଯାଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ଏହି ପାନୀୟ ଜଳ ପ୍ରକଳ୍ପର ମୋଟ୍ ବ୍ୟୟ



ଅଟକଳ ପ୍ରାୟ ୧୮ କୋଟି ଟଙ୍କା ଧାର୍ଯ୍ୟ ହୋଇଛି ।୨୦୨୭ ମାର୍ଚ୍ଚ ସୁଦ୍ଧା ଏହି ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଯିବ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ । ଏହା ପୁରା ହେଲେ ୮ ହଜାର ୧୪୩ ଘରକୁ ସ୍ୱଚ୍ଛ ପିଇବା ପାଣି ଯିବ । ୮୦ ହଜାର ଲୋକଙ୍କ ଜଳ ଆବଶ୍ୟକତା ମେଣ୍ଟାଇବ ଏହି ନୂତନ ଜଳ ପ୍ରକଳ୍ପ । ଏହି ଅବସରରେ ଭୁବନେଶ୍ୱର ସାଂସଦ କହିଛନ୍ତି ଜଟଣୀର ୨୩ଟି ଓ୍ୱାର୍ଡର ସର୍ବାଙ୍ଗୀନ ବିକାଶ କରାଯିବ । ୨୦୨୪ ମସିହା ପ୍ରଚାର ସମୟରେ ଲୋକ ଅନୁରୋଧ କରିଥିଲେ ଲୋକଙ୍କ ଜଳ ସମସ୍ୟା ଦୂର କରିବାକୁ । ସେତେବେଳେ ଦେଇଥିବା କଥା ରଖିଛନ୍ତି ଭୁବନେଶ୍ୱର ସାଂସଦ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ବିଶେଷ ଧନ୍ୟବାଦ ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୨୪ ଘଣ୍ଟିଆ ଜଳ ଯୋଗାଣ ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ସାଂସଦ ମହୋଦୟା । ଏନେଇ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀ ପୁରା ସହଯୋଗ କରିଥିବାରୁ ଭୁବନେଶ୍ୱର ସାଂସଦଙ୍କ ପ୍ରତିଶ୍ରୁତି ପୂରଣ ହୋଇ ପାରିଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ । ୱାଟକୋର ଜଳ ସଂଯୋଗରୁ ବଂଚିତ ଥିବା ପ୍ରାୟ ୮୦ ହଜାର ଲୋକଙ୍କ ପାଇଁ ଏ ପାନୀୟ ଜଳ ପ୍ରକଳ୍ପ ଆଶ୍ୱସ୍ତି ଆଣିଦେବ । ସବୁଠାରୁ ବଡ଼ କଥା, ପ୍ରତିବର୍ଷ ଖରା ଦିନରେ ଏହି ଲୋକଙ୍କର ଜଳ ସମସ୍ୟା ଅଧିକ ରହିଥାଏ । ତେବେ ଶିଳାନ୍ୟାସ ହୋଇଥିବା ଏହି ପାନୀୟ ଜଳ ପ୍ରକଳ୍ପ ଜରିଆରେ ଲୋକଙ୍କ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଜଳଯୋଗାଣ ମିଳିବ । ୨୦୨୭ ଫେବ୍ରୁଆରୀ ମାସରୁ ଜଟଣୀ ପୌର ପରିଷଦ ଲୋକଙ୍କର ଜଳ ସମସ୍ୟା ଏକ ପ୍ରକାର ଦୂର ହୋଇଯିବ ବୋଲି ଆଶା ଦେଇଛନ୍ତି ଅପରାଜିତା ଷଡଙ୍ଗୀ । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ସହିତ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ବିଶ୍ୱ ରଂଜନ ବଡଜେନା, ଓ୍ୱାଟକୋ ଜିଏମ ରାଜେନ୍ଦ୍ର ସେଠୀ, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା,ଜଟଣୀ ପୌର ପରିଷଦ ଅଧକ୍ଷ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଓଡ଼ିଆ ସଂସ୍କୃତିକୁ ବିଶ୍ୱବିଦିତ କରିବାକୁ ନିରନ୍ତର ପ୍ରୟାସ କରାଯିବ : ମନ୍ତ୍ରୀ

## ଡ଼. କୀର୍ତ୍ତନ ନାରାୟଣ ପାଢ଼ୀ ଓ ଶ୍ରୀମତୀ ପୁଷ୍ପାଞ୍ଜଳି କରଙ୍କୁ ନୀଳଶୈଳ ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର ଅଗ୍ରଣୀ ସାଂସ୍କୃତିକ ପ୍ରତିଷ୍ଠାନ ନୀଳଶୈଳର ବର୍ଷ ବ୍ୟାପୀ ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦ୍‌ଯାପନ ଏହାର ଭୁବନେଶ୍ୱର କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ନୀଳଶୈଳ ଅନୁଷ୍ଠାନର ଏହି ସାଂସ୍କୃତିକ ଧାରାକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ସହଦେବ ଜୟସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ରଜନୀ କାନ୍ତ ପଣ୍ଡା ସମ୍ପାଦକୀୟ ଉପସ୍ଥାପନା କରି ନୀଳଶୈଳର ବର୍ଷ ବ୍ୟାପୀ ବିଭିନ୍ନ କାର୍ଯ୍ୟର ସୂଚନା ଦେଇଥିଲେ। ମୁଖ୍ୟ ବକ୍ତାଭାବେ



ବିଶିଷ୍ଟ କବି ଓ ପ୍ରଶାସକ ଡ. ରବିନାରାୟଣ ସେନାପତି,ସମ୍ମାନିତ ଅତିଥି ଭାବେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ , ପଦ୍ମଶ୍ରୀ ସାବରମତୀ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ଡ଼. ପ୍ରସନ୍ନ କୁମାର ସ୍ୱାଇଁ, ସଂଗୀତ ଗବେଷକ ଡ. କୀର୍ତ୍ତନ ନାରାୟଣ ପାଢ଼ୀ,ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ନୀଳଶୈଳର ଯଥେଷ୍ଟ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଅତିଥି ମାନେ ନୀଳଶୈଳର ମୁଖପତ୍ର ପତିତପାବନ ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ ଉନ୍ମୋଚନ କରିଥିଲେ। ଏହି ଅବସରରେ ବର୍ଷ ୨୦୨୫-୨୬ ପାଇଁ ବିଶିଷ୍ଟ ସଂଗୀତ ଗବେଷକ ଡ଼. କୀର୍ତ୍ତନ ନାରାୟଣ ପାଢ଼ୀଙ୍କୁ ନୀଳଶୈଳ କଳା ସଙ୍ଗୀତ ସମ୍ମାନ ଓ ଔପନ୍ୟାସିକା ଶ୍ରୀମତୀ ପୁଷ୍ପାଞ୍ଜଳି କରଙ୍କୁ ତାଙ୍କ ଉପନ୍ୟାସ ଅହଲ୍ୟା ପାଇଁ ନୀଳଶୈଳ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପୂର୍ବତନ ସମ୍ପାଦକ ରବି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ବିଜେତାମାନଙ୍କୁ ପୁରସ୍କାର ଓ ପମାଣପତ୍ର ପ୍ରଦାନ କରାଯାଇଥିଲା।

# ପ୍ରେସ୍ ସେବା ପୋର୍ଟାଲର ଉପଯୋଗ ଏବଂ ପିଆର୍‌ପି ଆଇନର ସୁଗମ କାର୍ଯ୍ୟକାରିତା ନେଇ ଆଲୋଚନା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ବିଭିନ୍ନ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାର ମୁଦ୍ରାକର, ପ୍ରକାଶକ, ସମ୍ପାଦକ ଓ ପରିଚାଳକମାନଙ୍କୁ ନେଇ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ୍ (ପିଆରଜିଆଇ) ଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମତ ବିନିମୟ କାର୍ଯ୍ୟକ୍ରମ ଶୁକ୍ରବାର ଭୁବନେଶ୍ୱର ପିଆଇବି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପିଆରଜିଆଇ ପ୍ରେସ୍ ସେବା ପୋର୍ଟାଲର ଉପଯୋଗ ଏବଂ ପ୍ରେସ୍ ଓ ପତ୍ରିକା ପଞ୍ଜିକରଣ (ପିଆରପି) ଆଇନ, ୨୦୨୩ର ବିଭିନ୍ନ ନୂତନ ନିୟମାବଳୀକୁ ନେଇ ଆଲୋଚନା ହୋଇଛି। ପିଆରଜିଆଇ, ନୂଆଦିଲ୍ଲୀର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ସନ୍ତୋଷ କୁମାର ଏବଂ ଏନଆଇସି, ନୂଆଦିଲ୍ଲୀର ସହାୟକ ନିର୍ଦ୍ଦେଶକ ଗୌରବ ଶର୍ମା ଏହି ମତବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ସମ୍ବାଦପତ୍ର ଓ ପତ୍ରପତ୍ରିକାର




ନିୟମିତ ପ୍ରକାଶନ, ପିଆରଜିଆଇ (ପୂର୍ବରୁ ଆରଏନଆଇ)ର ବିଭିନ୍ନ ସଂଶୋଧିତ ନିୟମାବଳୀ, ପତ୍ରପତ୍ରିକାର ପଞ୍ଜୀକରଣ, ପ୍ରକାଶନ, ନ୍ୟୁଜ୍ ପ୍ରିଣ୍ଟ, ପ୍ରକାଶନ ସଂଖ୍ୟା ଯାଞ୍ଚ ସମେତ ବିଭିନ୍ନ ପ୍ରକାରର ବ୍ୟବସ୍ଥା, ପ୍ରକ୍ରିୟା ଓ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକାଶନ ଯାଞ୍ଚ ଅଡିଟ୍‌କୁ ପାରଦର୍ଶୀ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷ କରି ପ୍ରେସ୍ ସେବା ପୋର୍ଟାଲର ବ୍ୟବହାରକୁ ନେଇ ରହିଥିବା ସମସ୍ୟା ଏବଂ ମୁଦ୍ରିତ ଗଣମାଧ୍ୟମ ସଂସ୍ଥାମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ପ୍ରକାର ବୈଷୟିକ ତ୍ରୁଟି ସମ୍ପର୍କରେ ସେମାନେ ପ୍ରକାଶକ ଓ ମୁଦ୍ରାକରମାନଙ୍କ ଠାରୁ ମତାମତ ନେଇଥିଲେ।

ଆଲୋଚନାରୁ ବାହାରିଥିବା ନିଷ୍କର୍ଷ ପିଆରପି ଆଇନ, ୨୦୨୩କୁ କାର୍ଯ୍ୟକାରୀ କରିବାରେ ସହାୟକ ହେବ ବୋଲି ଶ୍ରୀ ସନ୍ତୋଷ କୁମାର ମତ ରଖିଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶାର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳ କୁମାର ମିଶ୍ର ଏଭଳି ମତବିନିମୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ସେ କହିଥିଲେ, ରାଜ୍ୟସ୍ତରରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ମୁଦ୍ରିତ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ପାଇଁ ପିଆରପି ଆଇନର କାର୍ଯ୍ୟକାରିତା ସୁଗମ ହେବ ଏବଂ ଏହା ସମ୍ବାଦପତ୍ର ଓ ପତ୍ରିକାର ପ୍ରକାଶନରେ ଅଧିକ ଦକ୍ଷତା ଆଣିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଖବରକାଗଜର ପ୍ରକାଶକ, ମୁଦ୍ରାକର ଓ ସମ୍ପାଦକ ଯୋଗଦେଇଥିଲେ ।

# ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଡିଜିପିଙ୍କ ଦ୍ୱାରା ସମ୍ମାନୀତ



ଖୋର୍ଦ୍ଧା (ସବ୍ୟୁ): ବିବେକାନନ୍ଦ ଶର୍ମା, ଏସ୍‌ପି, ଖୋର୍ଦ୍ଧାଙ୍କୁ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ପୋଲିସ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ ଓଡ଼ିଶା ପୋଲିସର ଡିରେକ୍ଟର ଜେନେରାଲ ଅଫ୍ ପୋଲିସଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ଏହି ସମ୍ମାନ ୨୦୨୫ ମସିହାରେ ଏକ ଏନ୍‌ଡିପିଏସ୍ ମାମଲାରେ ଉତ୍କୃଷ୍ଟ ତଦନ୍ତ ଓ ପ୍ରଭାବଶାଳୀ ପର୍ଯ୍ୟବେକ୍ଷଣ ମାଧ୍ୟମରେ ସଫଳ ଦଣ୍ଡାଦେଶ ସୁନିଶ୍ଚିତ କରିଥିବାରୁ ପ୍ରଦାନ କରାଯାଇଛି। ଏହି ସଫଳତା ମାଦକମୁକ୍ତ ସମାଜ ଗଠନ ପ୍ରତି ତାଙ୍କର ନିଷ୍ଠା ଓ ପେଶାଦାରୀ ମନୋଭାବକୁ ପ୍ରକାଶ କରେ। ସମ୍ମାନ ସମାରୋହରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଅନେକ ଅଧିକାରୀ ଓ କର୍ମଚାରୀଙ୍କୁ ତାଙ୍କର ଉତ୍କୃଷ୍ଟ ସେବା ପାଇଁ ସମ୍ମାନିତ କରାଯାଇଥିଲା। ଖୋର୍ଦ୍ଧା ପୋଲିସ ମାଦକଦ୍ରବ୍ୟ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ସହିତ ଗୁଣବତ୍ତାପୂର୍ଣ୍ଣ ତଦନ୍ତ ଏବଂ ସମୟୋଚିତ ଦଣ୍ଡାଦେଶ ମାଧ୍ୟମରେ ନ୍ୟାୟ ସୁନିଶ୍ଚିତ କରିବାରେ ନିଜର ପ୍ରତିବଦ୍ଧତା ପୁନରୁଚ୍ଚାରଣ କରୁଛି।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ନିମନ୍ତେ ପୌରାଞ୍ଚଳ ଗୁଡିକ ପାଇଁ

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମାର୍ଗ ଦର୍ଶିକା

ଭୁବନେଶ୍ୱର : (ସବ୍ୟୁ): ଅସାଧାରଣ ବର୍ଷା ଏବଂ ଅନିୟମିତ ଜଳବାୟୁ ଯୋଗୁଁ ଗ୍ରୀଷ୍ମ ଋତୁରେ ତାପମାତ୍ରା ଅସ୍ୱାଭାବିକ ଭାବରେ ବୃଦ୍ଧି ପାଇବା ଆରମ୍ଭ କରିଛି। ଏହା ବ୍ୟତୀତ, ବଡ ବଡ କୋଠା ,ପ୍ରଶସ୍ତ ରାସ୍ତା ଏବଂ ସୌରତାପ ଶକ୍ତି ଶୋଷଣ କରୁଥିବା ଭିତ୍ତିଭୂମି ଯୋଗୁଁ ସହରାଞ୍ଚଳବାସୀ ଗ୍ରୀଷ୍ମ ଋତୁରେ ଅଧିକ ତାପମାତ୍ରା ଅନୁଭବ କରୁଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ଏସ ଓ ପି ଜାରି କରି ଏହାକୁ କଡା କଡ଼ି ପାଳନ କରିବା ଏବଂ ସମସ୍ତ ପୌରାଞ୍ଚଳ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ସହରାଞ୍ଚଳରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବା ଆବଶ୍ୟକ। ଏହି ଉଦ୍ଦେଶ୍ୟରେ, ଜଳ ଯୋଗାଣ ପାଇପଲାଇନଗୁଡ଼ିକୁ ସଠିକ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରଖାଯିବା ଉଚିତ ଏବଂ ଏହାର ଯେକୌଣସି ଅଭିଯୋଗର ୨୪ ଘଣ୍ଟା ମଧ୍ୟରେ



ସମାଧାନ କରାଯିବା ଆବଶ୍ୟକ ବୋଲି ଏଥିରେ କୁହା ଯାଇଛି । ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜରୁରୀକାଳୀନ ପଦକ୍ଷେପ ଗ୍ରହଣ କରିବା , ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଆବଶ୍ୟକ ସ୍ଥାନରେ ଟ୍ୟାଙ୍କର ନିୟୋଜିତ କରାଯିବା ଉଚିତ। ଆବଶ୍ୟକ ହେଲେ ଅତିରିକ୍ତ ସଂଖ୍ୟକ ଟ୍ୟାଙ୍କର ନିଯୁକ୍ତି ଭିତ୍ତିରେ ବ୍ୟବସ୍ଥା କରାଯାଇପାରେ।

ପୌରାଞ୍ଚଳ ଗୁଡ଼ିକ ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ମାଧ୍ୟମରେ ରାସ୍ତା କଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ, ବଜାର ଇତ୍ୟାଦି ରଣନୈତିକ ସ୍ଥାନରେ ଅଧିକ ଜଳ କିଓସ୍କ – ପାନୀୟ ଜଳ ବିତରଣ କେନ୍ଦ୍ର ଅର୍ଥାତ୍ ପାନୀୟ ଜଳ ବଣ୍ଟନ କେନ୍ଦ୍ର ଖୋଲିବା ଆରମ୍ଭ କରିବା ଉଚିତ। ଏପରି ଜଳ କିଓସ୍କରେ ଯୋଗାଇ ଦିଆଯାଇଥିବା ପାଣି ପୋର୍ଟେବଲ୍ ଗୁଣବତ୍ତାର ହେବା ଉଚିତ ଏବଂ ଲମ୍ବା ହ୍ୟାଣ୍ଡେଲ୍ ଡିସପେନ୍ସର ବ୍ୟବହାର ଏବଂ ପ୍ରତିଦିନ ପାଣି ପରିବର୍ତ୍ତନ ସହିତ ଉପଯୁକ୍ତ ପରିମଳ ବ୍ୟବସ୍ଥା ବଜାୟ ରଖିବା ଉଚିତ। କେବଳ ଆତ୍ମପ୍ରଚାର ପାଇଁ ଏପରି କାମ କରୁଥିବା ଏବଂ ପ୍ରାରମ୍ଭିକ ଦିନ ପରେ ଏହାକୁ ବନ୍ଦ କରୁଥିବା ସଂସ୍ଥାଗୁଡ଼ିକୁ ବାଦ୍ ଦିଆଯିବା ଉଚିତ ଏବଂ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ବାଲି, ଇଟା, ସିମେଣ୍ଟ ଏବଂ ଅଳିଆ ପରି ନିର୍ମାଣ ସାମଗ୍ରୀ ପରିବହନ କରୁଥିବା ଯାନଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ତାରପୋଲିନ୍ ସିଟ୍ ଦ୍ୱାରା ଆଚ୍ଛାଦିତ କରାଯିବା ଉଚିତ ଏବଂ ସେମାନଙ୍କର ଗତି ସୀମିତ କରାଯିବା ଉଚିତ। ରାସ୍ତା ପାଖରେ ଥିବା ମାଟି ସ୍ତରକୁ ଧାତୁ ସ୍ତର ଅପେକ୍ଷା ନିମ୍ନ ସ୍ତରରେ ରଖାଯିବା ଉଚିତ ଯାହା ଫଳରେ ବର୍ଷା ପାଣି କିମ୍ବା ଯାନବାହାନ ଚଳାଚଳ ଦ୍ୱାରା ତାହା ପୁଣି ରାସ୍ତାରେ ନ ଆସିବ। ସମସ୍ତ ସହରାଞ୍ଚଳ ଏବଂ ଏହାର ଆଖପାଖରେ ଥିବା ସମସ୍ତ ଜଳାଶୟଗୁଡ଼ିକୁ ପୁନରୁଦ୍ଧାର, ପୁନରୁଦ୍ଧାର ଏବଂ ମରାମତି କରାଯିବା ଉଚିତ ଏବଂ ଏହାକୁ ବ୍ୟବହାରଯୋଗ୍ୟ କରିବା ଏବଂ ଜନସାଧାରଣଙ୍କ ପାଇଁ ପ୍ରବେଶ ବୃଦ୍ଧି କରିବା ପାଇଁ ପ୍ରଦୂଷଣ ମୁକ୍ତ କରାଯିବା ଉଚିତ। ସହରାଞ୍ଚଳ ପରିବେଶର ଉନ୍ନତି ସମ୍ବନ୍ଧୀୟ ସମସ୍ତ ପରିବେଶଗତ ଆଇନ/ନିୟମ, ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରାଯିବା ଉଚିତ ଏବଂ ପୋଲିସ, ଜଙ୍ଗଲ, ସ୍ୱାସ୍ଥ୍ୟ ବିଭାଗ ଇତ୍ୟାଦି ସମ୍ପୃକ୍ତ କର୍ତ୍ତୃପକ୍ଷମାନେ ସେମାନଙ୍କ ନିଜ ନିଜ କାମ ପରିଚାଳନା କରିବାକୁ ପରାମର୍ଶ ଦିଆଯାଇଛି ।

# ସୌର ଶକ୍ତିକୁ ଆପଣାଇଲା ଗଞ୍ଜାମ ଜିଲ୍ଲାର ମାଟିଖାଲ ଗାଁ



ବ୍ରହ୍ମପୁର, (ସବ୍ୟୁ): ଭାରତର ସ୍ୱଚ୍ଛ ଶକ୍ତିକୁ ଆପଣାଇବା ଦିଗରେ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ମାଟିଖାଲ ଗାଁ ଏ ଦିଗରେ ଆଉ ପାଦେ ଆଗକୁ ବଢ଼ିଛି । ଏଥିସହିତ ସୌର ଶକ୍ତି କ୍ଷେତ୍ରରେ ଏକ ମଡେଲ ଭାବରେ ଉଭା ହୋଇଛି । ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାରୟୁଏଲ୍ଏ ମଡେଲ ଅଧୀନରେ ସମ୍ପୂର୍ଣ୍ଣ ଗାଁ ସୌରଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍ଓଡିଏଲ୍) ତରଫରୁ ଏହା କାର୍ଯ୍ୟକାରୀ ହୋଇଛି । ଏଥିସହିତ ଦେଶର ସ୍ଥାୟୀ ବିକାଶ ଦିଗରେ ବିକେନ୍ଦ୍ରୀକରଣ ଅକ୍ଷୟ ଶକ୍ତି କିଭଳି ଗ୍ରାମୀଣ ଜୀବନ ଓ ଜୀବିକାରେ ପରିବର୍ତ୍ତନ ଆଣିପାରେ ତାହା ଦର୍ଶାଇଛି । ଛତ୍ରପୁର ବ୍ଲକ ଅଧୀନ କଣମଣା ପଞ୍ଚାୟତର ଏହି ମାଟଖାଲ ଗାଁର ପ୍ରାୟ ୨୦୦ ଯୋଗ୍ୟ ପରିବାର ରୁଫଟପ୍ ସୋଲାର ସଂଯୋଗ ପାଇଛନ୍ତି । ଯୋଜନା ଅଧୀନରେ ପ୍ରତି ପରିବାରକୁ ୧ କିଲୋ ୱାଟ କ୍ଷମତାର ସୋଲାର ସିଷ୍ଟମ ଯୋଗାଇ ଦିଆଯାଇଛି । ଯାହା ସେମାନଙ୍କୁ କେବଳ ବିଜୁଳି ଉପଭୋକ୍ତା ନୁହେଁ ବରଂ ବିଜୁଳି ଉତ୍ପାଦକାରୀ ଭାବେ ସକ୍ଷମ କରାଇବ । ଏଥିସହିତ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ମାସିକ ବିଦ୍ୟୁତ ଖର୍ଚ୍ଚ ହ୍ରାସ କରିବା ଦିଗରେ ଏହା ବିଶେଷ ଭାବରେ ସହାୟକ ହେବ । ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲ୍ଏ ମଡେଲ ଅଧୀନରେ ଜଣେ ଉପଭୋକ୍ତାଙ୍କୁ ମାତ୍ର ୫,୬୨୨ ଟଙ୍କା ପୈଠ କରିବାକୁ ପଡ଼ିଥାଏ। ଯେଉଁଥିରେ ସୌର ପ୍ୟାନେଲ ସାଙ୍ଗକୁ ସୋଲାର ମିଟର ଅନ୍ତର୍ଭୁକ୍ତ । ଯେଉଁଥି ପାଇଁ ଏହି ଯୋଜନା ଉଭୟ ସୁଗମ ଏବଂ ସୁଲଭ ଅଟେ । ୟୁଏଲ୍ଏ ମଡେଲ ଏକ ଦୀର୍ଘସ୍ଥାୟୀ ଲାଭକୁ ସୁନିଶ୍ଚିତ କରିଥାଏ। ଯୋଜନା ଅନ୍ତର୍ଗତ ସୌର ପ୍ୟାନେଲରୁ ୨୫ବର୍ଷ ପର୍ଯ୍ୟନ୍ତ ଭରସାଯୋଗ୍ୟ ବିଜୁଳି ଶକ୍ତିର ସହାୟତା ଉପଭୋକ୍ତାଙ୍କୁ ମିଳିଥାଏ । ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆବଶ୍ୟକୀୟ ସମସ୍ତ ଆର୍ଥିକ ସହାୟତା ପ୍ରଦାନ କରିଛି । ଏହି ପ୍ରକଳ୍ପକୁ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ଛତ୍ରପୁର ଉଦଘାଟନ କରିଛନ୍ତି । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୀର୍ତ୍ତି ଭାସନ, ଭି. ଜିଲ୍ଲାପାଳ ଗଞ୍ଜାମ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ ସମ୍ବିତ ସଂଗ୍ରାମଜିତ ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଛତ୍ରପୁରଙ୍କ ସମେତ ଗ୍ରାମବାସୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ, ଛତ୍ରପୁର କହିଛନ୍ତି, ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲ୍ଏ ମଡେଲ ମାଧ୍ୟମରେ ସରକାର ତୃଣମୂଳ ସ୍ତରରୁ ସ୍ୱଚ୍ଛ ଏବଂ ସବୁଜ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି ।

ଏହି ପଦକ୍ଷେପ ଗ୍ରାମୀଣ ଉପଭୋକ୍ତାଙ୍କୁ ସୌର ଶକ୍ତି ଆପଣାଇବା ପାଇଁ ଉତ୍ସାହିତ କରିବ । ଯାହା ସେମାନଙ୍କର ବିଜୁଳି ଖର୍ଚ୍ଚ ହ୍ରାସ କରିବାରେ ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର କରିବାରେ ସହାୟକ ହେବ । ଅକ୍ଷୟ ଶକ୍ତିକୁ ଆପଣାଇବା ପାଇଁ ଏବଂ ଏହାକୁ ଅଧିକ ବ୍ୟାପକ କରିବା ପାଇଁ ଆମେ ଆମର ସମସ୍ତ ସହଯୋଗ ଏବଂ ସମର୍ଥନ ଜାରି ରଖିବୁ ଏହି ଉଦ୍ୟମ ପଛରେ ଥିବା ପ୍ରଶାସନିକ ପ୍ରୋତ୍ସାହନ ସମ୍ପର୍କରେ ଶ୍ରୀ କୀର୍ତ୍ତି ଭାସନ ଭି, ଜିଲ୍ଲାପାଳ ଗଞ୍ଜାମ କହିଛନ୍ତି, ପଞ୍ଚାୟତ ସ୍ତରରେ ସୌର ଶକ୍ତିକୁ ଆପଣାଇବା ପାଇଁ ଏବଂ ଏହାର ଗ୍ରହଣୀୟତା ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ସମସ୍ତ ଅଂଶୀଦାରଙ୍କ ସହିତ ବହୁ ଅଭିନବ ପଦକ୍ଷେପମାନ ଗ୍ରହଣ କରୁଛି । ଟିପିଏସ୍ଓଡିଏଲ୍ ସହିତ ଉପଯୁକ୍ତ ଯୋଜନା ଏବଂ ସମନ୍ୱୟ ରକ୍ଷା କରିବା ସହିତ ଆମେ ନିଶ୍ଚିତ କରୁଛୁ ଯେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି ୟୁଏଲ୍ଏ ମଡେଲ ଅଧୀନରେ ଏହି ଯୋଜନାର ଲାଭ ପାଇ ପାରିବେ । ଏଥିପାଇଁ ଆମେ ପ୍ରତି ପଞ୍ଚାୟତରେ ୫୦ଜଣ ଉପଭୋକ୍ତାଙ୍କୁ ଏହି ଯୋଜନାରେ ସାମିଲ କରିବାର ଲକ୍ଷ୍ୟ ରଖିଛୁ ।

ସମଗ୍ର ଜିଲ୍ଲାରେ ଏହି ଯୋଜନାର ବିସ୍ତାର କରିବା, ଏସଏଚଜି ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ଯେପରି ସେମାନେ ମଧ୍ୟ ଏହି ଯୋଜନାର ଲାଭ ପାଇ ପାରିବେ । ଏଥିସହିତ ଗ୍ରାମୀଣ ଉପଭୋକ୍ତା ତଥା ସମୁଦାୟଙ୍କ ପାଖରେ ସ୍ୱଚ୍ଛ ଶକ୍ତିକୁ ପହଞ୍ଚାଇବାର ଲକ୍ଷ୍ୟ ରଖିଛୁ । ଟିପିଏସ୍ଓଡିଏଲର ସ୍ଥାୟୀ ଶକ୍ତି ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଇ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍ଓଡିଏଲ୍ କହିଛନ୍ତି, ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲ୍ଏ ମଡେଲ ଅଧୀନରେ ମାଟିଖାଲ ଗାଁକୁ ସୌରୀକରଣ କରାଯାଇଛି । ଗ୍ରାମୀଣ ଶକ୍ତିକୁ ଆତ୍ମନିର୍ଭର କରିବା ଦିଗରେ ଏହା ହେଉଛି ଏକ ବଡ଼ ପଦକ୍ଷେପ । ଏହା କେବଳ ବିଜୁଳି ବିଲ୍ ହ୍ରାସ କରିବ ତାହା ନୁହେଁ ଏଥିସହିତ ଏକ ଦୀର୍ଘସ୍ଥାୟୀ ଲାଭକୁ ପ୍ରୋତ୍ସାହିତ କରିବ । ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନ ଦିଗରେ ଆମେ ଏଭଳି ପଦକ୍ଷେପର ବିସ୍ତାର ଦିଗରେ ପ୍ରତିଶ୍ରୁତିବଦ୍ଧ । ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନା ଯେପରି ସଫଳ ଭାବରେ ପହଞ୍ଚିବ ସେ ଦିଗରେ ଜିଲ୍ଲା ପ୍ରଶାସନ ପ୍ରମୁଖ ଭୂମିକା ନିର୍ବାହ କରିଛି । ଯୋଜନାକୁ କାର୍ଯ୍ୟକାରୀ କରିବାଠାରୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟ ସୁନିଶ୍ଚିତ କରିଛି ଜିଲ୍ଲା ପ୍ରଶାସନ । ଏହି ଉଦ୍ୟମ ମାଧ୍ୟମରେ ଭାରତ ସରକାରଙ୍କ ରୁଫ୍ ଟପ୍ ସୋଲାରକୁ ପ୍ରୋତ୍ସାହିତ କରିବା ଏ ଦିଗରେ ପ୍ରତି ପରିବାରକୁ ଉତ୍ସାହିତ କରିବା ଏବଂ କାର୍ବନ ନିର୍ଗମନ ହ୍ରାସ କରିବା ଦିଗରେ ଥିବା ଲକ୍ଷ୍ୟକୁ ଏକୀକୃତ କରାଯାଇଛି। ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ପାଇଁ ଯେତେବେଳେ ଦେଶ ସ୍ୱଚ୍ଛ ଶକ୍ତି ଏବଂ ଏକ ସ୍ଥାୟୀ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି । ସେତେବେଳେ ଏଭଳି ମଡେଲ ଏଦିଗରେ ବିଶେଷ ଭାବରେ ସହାୟକ ହେବ । ସବୁଜ ଶକ୍ତି କ୍ଷେତ୍ରରେ ମାଟିଖାଲ ଗାଁ ଏବେ ଜାତୀୟ ସ୍ତରରେ ଏକ ମଡେଲ ହୋଇପାରିଛି ।

# ତହସିଲ କାର୍ଯ୍ୟାଳୟ ଅନତି ଦୂରରେ ମାଟି, ମୋରମ ଚୋରି

## ପ୍ରଶାସନ ନିରବଦ୍ରଷ୍ଟା

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କନିସି ତହସିଲର ଅନୀତି ଦୂରରେ ରା଼ଜବ ବନ୍ଧରୁ ଜଣେ ନିଜକୁ ଶାସକ ଦଳର ଯୁବନେତା ବୋଲାଉଥିବା ବ୍ୟକ୍ତି ଦିନ ଦିପହରେ କୌଣସି ସରକାରୀ ଆଦେଶ ନଥାଇ ମାଟି ଚୋରା ଚାଲାଣ କରୁଥିବାର ଦେଖାଯାଉଛି । ତହସିଲ କାର୍ଯ୍ୟାଳୟର ଜ୍ଞାତସାରରେ ଏହା ଚାଲିଥିବା ଚର୍ଚ୍ଚା ଜୋର ଧରିବାରେ ଲାଗିଛି । ଶାସକ ଦଳର ଜଣେ ନେତାଙ୍କ ଛତ୍ର ଛାୟା ତଳେ ଉକ୍ତ ଯୁବ ନେତା ବୋଲାଉଥିବା ବ୍ୟକ୍ତି ରହୁଥିବା ଶୁଣିବାକୁ ମିଳୁଛି । ଫଳରେ ପ୍ରଶାସନର ରାଜସ୍ୱ ହାନି ହେବାରେ ଲାଗିଛି । ଏଣୁ କିଛି ବରିଷ୍ଠ ବୁଦ୍ଧିଜୀବୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅବଗତ କରାଯିବ ବୋଲି କହିବା ସହ ତୁରନ୍ତ ଏପରି ଚୋରା କାରବାରକୁ ରୋକିବାକୁ ସ୍ଥାନୀୟ ପ୍ରଶାସନକୁ ନିବେଦନ କରିଛନ୍ତି ।

# ଗାଁ ଦାଣ୍ଡରେ ସାମୁହିକ ପଖାଳ ଦିବସ ପାଳିଲେ ଗ୍ରାମବାସୀ



ଭଞ୍ଜନଗର, (ସବ୍ୟୁ) : ମାର୍ଚ୍ଚ ୨୦ ଶୁକ୍ରବାର ଦିନ ବିଶ୍ୱ ପଖାଳ ଦିବସ ସବୁଠି ପାଳନ କରାଯାଇଛି । ଏହି ଅବସରର ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କଣ୍ଟେଇପଲ୍ଲୀ ଠାରେ ନିଆରା ଢଙ୍ଗରେ ପାଳିତ ହୋଇଛି ପଖାଳ ଦିବସ । ସ୍ଥାନୀୟ ବଦ୍ୟୁତ ନଗର ଠାରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାହିର ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇ ପଖାଳ ଦିବସକୁ ସାମୁହିକ ଭାବେ ପାଳନ କରିଥିଲେ। ପ୍ରସ୍ତୁତ ହୋଇଥିବା ଦହି-ପଖାଳ ସାଙ୍ଗକୁ ଓଡ଼ିଆ ଘରର ପାରମ୍ପରିକ ବ୍ୟଞ୍ଜନ ବଡି-ବେସର, ଟମାଟ-ଭଜା, ଶାଗ-ଘଣ୍ଟା, ପିଠୋଉ-ଭଜା ସାଙ୍ଗକୁ ଆଳୁ-ଭର୍ତ୍ତା ପ୍ରଭୃତି ପ୍ରସ୍ତୁତ ହୋଇଥିଲା ।

ସବୁଠୁ ନିଆରା ହେଉଛି ଏହି ବସ୍ତିର ଲୋକେ ସାଧାରଣ ପରିବାରର ହୋଇଥିବା ବେଳେ ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ଦିନ ପଖାଳ ଖାଇଥାନ୍ତି । ତେବେ ପଖାଳ ଦିବସ ଅବସରରେ ସମସ୍ତ ପୁରୁଷ, ମହିଳା ଏବଂ ଛୋଟ ଛୁଆ ମାନେ ଗାଁ ଦାଣ୍ଡରେ ବସି ପଖାଳ ଖାଇଥିଲେ । ଏଥିପାଇଁ ସାହିର ସମସ୍ତ ପରିବାର ସହଯୋଗ କରିବା ସହ ଏକାଠି ମିଶି ରୋଷେଇ କରିଥିଲେ । ଯାହାକି ଏମାନେ ଅନ୍ୟ ମାନଙ୍କ ପଖାଳ ଦିବସ ପାଳନ ଠାରୁ ଟିକେ ଭିନ୍ନ ଧରଣରେ ପାଳନ କରିଥିଲେ ।

ଏହାକୁ ପାଳନ ପଛରେ ଏମାନଙ୍କ କହିବା କଥା ଥିଲା ଆମର ପାରମ୍ପରିକ ଖାଦ୍ୟକୁ ମନେପକାଇବା ସହ ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଏବଂ ଗାଁରେ ଭାଇଚାରା ସୃଷ୍ଟି କରିବା ପାଇଁ ଏହି ଦିବସ ଏକ ମାଧ୍ୟମ ପାଲଟିଥିଲା ।

ଆୟୋଜିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ବନ ସୁରକ୍ଷା ସମିତିର ସଭାପତି ଶରତ କୁମାର ସ୍ୱାଇଁ, କୁନା କୁମାର ଦାସ, ମିଲି ସ୍ୱାଇଁ, ନମିତା କୁମାରୀ ପାଣିଗ୍ରାହୀ, ଶୁଭ ପଣ୍ଡାଙ୍କ ସମେତ ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ ।

# ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ମୟୂରଭଞ୍ଜ ଶାଖାର ବୈଠକ



ବାରିପଦା, (ସବ୍ୟୁ) : ସ୍ଥାନୀୟ ଭଂଜପୁର ଠାରେ ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚ, ମୟୂରଭଞ୍ଜ ଶାଖାର ବୈଠକ ସଭାପତି ମୁକ୍ତେଶ୍ୱର ଜୀଉଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟତଃ ଦୁର୍ନୀତି ମୁକ୍ତ ସମାଜ ଗଠନ ସକାଶେ ଜନସଚେତନତା ସୃଷ୍ଟି କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାର ସିଦ୍ଧାନ୍ତ ନିଆଯାଇଥିଲା। ତତ୍‌ସହିତ ବର୍ତ୍ତମାନ ପରିସ୍ଥିତିରେ ରୋଷେଇ ଗେସ ବଣ୍ଟନରେ ସ୍ୱଚ୍ଛତା ଆଣିବା ପାଇଁ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହ ତୁରନ୍ତ ଆଲୋଚନା କରିବା ପାଇଁ ସିଦ୍ଧାନ୍ତ ନିଆଗଲା ଏବଂ ବାହାର ରାଜ୍ୟକୁ ଗୋ ଚାଲାଣ କିଭଳି ବନ୍ଦ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା।

ଏହି ବୈଠକରେ ଉପସଭାପତି ଦିଲ୍ଲୀପ କୁମାର ଦାସ, ସମ୍ପାଦକ ସୁନୀଲ କୁମାର ହୋତା, ସହ ସମ୍ପାଦକ ସଞ୍ଜୟ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ରାଧାଗୋବିନ୍ଦ ବେହେରା, ମୁଖ୍ୟ ଉପଦେଷ୍ଟା ବିଭୂତି ଭୂଷଣ ସଦୁଆଳ, ଆଜୀବନ ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡା, ଭାନୁପ୍ରତାପ ଭଞ୍ଜଦେଓ, ରାମଚନ୍ଦ୍ର ବିନ୍ଧାଣି ଓ ଅରୁଣ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। ଏହି ଅବସରରେ ନୂତନ ସଦସ୍ୟ ଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ରସାନନ୍ଦ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଆଶିଷ କୁମାର ସାହୁ ଓ ସାମାଜିକ କର୍ମୀ ପରେଶ ଚନ୍ଦ୍ର ଧଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ହାଣ୍ଡିକାପ ଇଣ୍ଟରନାସନାଲ ଓ ଉରୋପୀୟ ୟୁନିୟନ ସହାୟତାରେ

# ସାଧନା ଦ୍ୱାରା ଜିଲ୍ଲାସ୍ତରୀୟ ଉତ୍ତମ ଅଭ୍ୟାସର କର୍ମଶାଳା

ବାରିପଦା, (ସବ୍ୟୁ) : ହାଣ୍ଡିକାପ ଇଣ୍ଟରନାସନାଲ ଓ ଉରୋପୀୟୟୁନିୟନ ସହାୟତାରେ ସାଧନା ଦ୍ୱାରା ପ୍ରଚଳିତ ସମହିତା ପ୍ରକଳ୍ପ ମାଧ୍ୟମରେ ଜିଲ୍ଲାସ୍ତରୀୟ ଦିବ୍ୟାଙ୍ଗ ସଂଗଠନ, ସାଧନାର ମିଳିତ ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ଉତ୍ତମ ଅଭ୍ୟାସର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଦିବସରେ ସାଧନାର ସମସ୍ତ କର୍ମକର୍ତ୍ତା, ଦିବ୍ୟାଙ୍ଗ ସଂଗଠନର ପଞ୍ଚାୟତ ସ୍ତରୀୟ ଓ ଜିଲ୍ଲାସ୍ତରୀୟ ସଦସ୍ୟ, ଆଞ୍ଚଳିକ ଅଣଅନୁଷ୍ଠାନିକ ସଂଗଠନ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ଅଙ୍ଗନବାଡି କର୍ମକର୍ତ୍ତା ମାନେ ବହୁଳ ଭାବେ ଯୋଗ ଦେଇଥିଲେ । ସାଧନାର ପ୍ରକଳ୍ପ ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ଏହି ଦିବସର ପରିଚାଳନା କରିଥିଲେ । ଏହି ଅବସରରେ ଅତିଥି ଭାବେ ବ୍ଲକ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ପ୍ରାଣୀ ଚିକିତ୍ସାଳୟର ଅତିରିକ୍ତ ଅଧିକାରୀ ଡାଃ ଦେବବ୍ରତ ଦାସ, ଡିପିଏମ (ଜାତୀୟ ସ୍ୱାସ୍ଥ୍ୟ ମିଶନ) ର ଅଧିକାରୀ ଅନିଲ କୁମାର ମହାନ୍ତି, ଶୁଳିଆପଦା ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ମୁର୍ମୁ ଯୋଗଦାନ କରିଥିଲେ । ସାଧନାର ନିର୍ଦ୍ଦେଶକ ପ୍ରଭାକର ସାହୁ ଉପସ୍ଥିତ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ସମ୍ବୋଧନ କରି ବିଭିନ୍ନ ଦିବ୍ୟାଙ୍ଗ ସଂଗଠନର କିଛି ପ୍ରଭାବଶାଳି ବିଷୟ ବା ଉତ୍ତମ ଅଭ୍ୟାସ ଯାହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଓ ସାଙ୍ଗଠନିକ ଦକ୍ଷତା ବୃଦ୍ଧିର ଉତ୍ସ ବିଷୟରେ ଲକ୍ଷ୍ୟ ଉପସ୍ଥାପନ କରିଥିଲେ । ପ୍ରଭାକର ସାହୁ ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଭାବେ ସମହିତା ପ୍ରକଳ୍ପର କିଛି ଭଲ ଅଭ୍ୟାସ ଯାହା ଅବହେଳିତ ଲୋକ ମାନଙ୍କର ଜୀବନ ପଦ୍ଧତିର ସମସ୍ୟାକୁ ଚିହ୍ନଟ କରିବା ସହ ପ୍ରଭାବଶାଳି ଫଳାଫଳକୁ ଅନ୍ୟ ଜାଗାରେ ପ୍ରସାରଣ କରିବା ଓ ପରିବର୍ତ୍ତନ ପାଇଁ କାର୍ଯ୍ୟାନୁଷ୍ଠାନ ନେବା ବିଷୟରେ ଆଲୋଚନା କରିଥିଲେ । ସମହିତା ପ୍ରକଳ୍ପ କାର୍ଯ୍ୟରତ ୬ଗୋଟି ଜିଲ୍ଲାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ପଦ୍ଧତିରୁ ସଂଗୃହିତ ୩୫ଟି ଭଲ ଅଭ୍ୟାସ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀ ମାନେ ଏହି ଭଲ ଅଭ୍ୟାସରୁ ଯାହା ଶିଖିଲେ ସେସବୁ ନିଜ ସଂଗଠନରେ କିପରି କାର୍ଯ୍ୟରେ ଲଗାଇ ପାରିବେ ସେ ବିଷୟରେ ମତାମତ ରଖିଥିଲେ । ସର୍ବଶେଷରେ ଲିଙ୍ଗ ବିଶେଷଜ୍ଞ ଶୁଭ ଉପାସନା ଉପସ୍ଥିତ ସମସ୍ତଙ୍କୁ ଅଂଶଗ୍ରହଣକାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚିକିତ୍ସା ଅବହେଳାରୁ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟଣା

# ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ଓ ଦାବିପତ୍ର



ବାରିପଦା, (ସବ୍ୟୁ) : ପିଆରଏମ ହସ୍ପିଟାଲରେ ଚିକିତ୍ସା ଅବହେଳା ଯୋଗୁଁ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି । ଯାହାକୁ ନେଇ ବିଜେଡି ପକ୍ଷରୁ ପିଆରଏମ ହସ୍ପିଟାଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗାଚରଣ ମାର୍ଣ୍ଡି, ସଦସ୍ୟ ଆନନ୍ଦ ଚରଣ ଟୁଡୁଙ୍କ ଉପସ୍ଥିତିରେ ପ୍ରତିବାଦ ପ୍ରଦର୍ଶନ କରାଯାଇଥିଲା । କୁଳିଅଣା ଥାନା ଅନ୍ତର୍ଗତ ପୋଖରିଆ ଗ୍ରାମର ଦୁବାଇ ହାଁସଦାଙ୍କ ପନ୍ନୀ ବାଲ୍ମୀ ହାଁସଦାଙ୍କ ପ୍ରସବ ବେଦନା ହେବାରୁ ବୁଧବାର ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଛୁଆ ଜନ୍ମ ନିମନ୍ତେ ଗୁରୁବାର ଅସ୍ତ୍ରୋପଚାର ହୋଇଥିଲା । କିନ୍ତୁ ଅସ୍ତ୍ରୋପଚାର କରି ଗର୍ଭସ୍ଥ ଶିଶୁକୁ ଜନ୍ମ ସମୟରେ ପ୍ରସୂତି ମହିଳାଙ୍କ ମୃତ୍ୟୁ ହୋଇଛି । ଏହାସହିତ ଜନ୍ମସ୍ଥ ଶିଶୁ ପିଠିରେ କ୍ଷତ ଥିବା ବେଳେ ଗୁରୁତ୍ୱର ରହିଛି । ଅପରେସନ ହୋଇ ପ୍ରସବ ସରିବା ପରେ ଘଟଣା ବାବଦରେ ମହିଳାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ । ଅନଭିଜ୍ଞ କନିଷ୍ଠ ଡାକ୍ତର ଜଣକ ନିଶାଗ୍ରସ୍ତ ଅବସ୍ଥାରେ ପ୍ରସବ ଅସ୍ତ୍ରୋପଚାର କରିବାରୁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହାସହିତ ଭୁଲ ଅସ୍ତ୍ରୋପଚାର ଯୋଗୁଁ ଜନ୍ମିତ ଶିଶୁର ଶରୀର ବିଭିନ୍ନ ସ୍ଥାନରେ କ୍ଷତ ହୋଇ ଷ୍ଟିଚ୍ ପଡିଛି । ଶିଶୁର ଶରୀରରୁ ରକ୍ତପାତ ହୋଇ ଗୁରୁତର ଅବସ୍ଥାରେ ଏସଏନସିୟୁରେ ଚିକିତ୍ସିତ ହେଉଛି । ଯାହାକୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସମ୍ପୂର୍ଣ୍ଣ ଭାବେ ଅବହେଳାକୁ ଦାୟୀ କରି ପ୍ରତିବାଦ ପ୍ରଦର୍ଶନ କରାଯାଇଛି । ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ, ଚିକିତ୍ସିତ ଶିଶୁର ଆସନ୍ତା ୬ମାସ ପର୍ଯ୍ୟନ୍ତ ସମସ୍ତ ଚିକିତ୍ସା ବ୍ୟବସ୍ଥା ହସ୍ପିଟାଲ କର୍ତ୍ତୃପକ୍ଷ ବହନ କରିବା ଓ ଡାକ୍ତରଙ୍କ କ୍ଷେତ୍ରରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

ଏନେଇ ବିଜେଡିର ପ୍ରତିନିଧି ଦଳ ଦାବିପତ୍ର ସିଡିଏମଓଙ୍କୁ ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ବାରିପଦା ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ଏସଡିପିଓ ପ୍ରଭାତ ମଲ୍ଲିକ, ବାରିପଦା ତହସିଲଦାର ସପନ କୁମାର ସାହୁ, ପିଆରଏମ ମେଡ଼ିକାଲ କଲେଜ ଅଧିକ୍ଷକ ଡାଃ ପ୍ରତିଭା ପଣ୍ଡା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାଃ ବିଜୟ କୁମାର ଦାସ, ବାରିପଦା ଟାଉନ ଥାନା ଅଧିକାରୀ କରୁଣାକର ରାଉତ ପ୍ରମୁଖ ପହଁଞ୍ଚି ଆଲୋଚନା କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ନମିଳିବା ପର୍ଯ୍ୟନ୍ତ ପ୍ରତିବାଦରୁ ହଟିବେ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା । ଦାବି ବାବଦରେ ଜିଲ୍ଲାପାଳଙ୍କ ସହ ଆଲୋଚନା ପରେ ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ । ବର୍ତ୍ତମାନ ଜିଲ୍ଲାପ୍ରଶାସନ ପକ୍ଷରୁ ୧ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ସହ ୬ମାସ ପର୍ଯ୍ୟନ୍ତ ଶିଶୁର ଚିକିତ୍ସା ଖର୍ଚ୍ଚ ବହନ ନେଇ ପ୍ରତିଶ୍ରୁତି ଦେଇଥିଲେ । ୨୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ବୋଲି ଜିଲ୍ଲାପାଳ ଜଣାଇଛନ୍ତି ।

ଚିକିତ୍ସା ଅବହେଳା ଯୋଗୁଁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି । ତେବେ ଆଗାମୀ ସପ୍ତାହକ ମଧ୍ୟରେ ଦାବି ପୂରଣ କରି କ୍ଷତିପୂରଣ ରାଶି ପ୍ରଦାନ ନହେଲେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ବିକ୍ଷୋଭରେ ରବୀନ୍ଦ୍ର କର, କରୁଣାକର କର, ପଞ୍ଚାୟତ ସମିତି ସଭ୍ୟ ରାଇସେନ ହେମ୍ବ୍ରମ, ସରପଞ୍ଚ ବାଇଧର କିସ୍କୁ, ସୁନାରାମ ମାର୍ଣ୍ଡି, ପରାଗ ରଞ୍ଜନ ମହାନ୍ତି, ମଣ୍ଟୁ ମହାନ୍ତ, ସୁଜିତ ନାୟକ, ମାଣିକ ହାଁସଦାଃ, ରଜନୀ ମହାନ୍ତ ଓ ଜହରଲାଲ ସିଂ ସମେତ ଅନ୍ୟାନ୍ୟ ପ୍ରମୁଖ ଗ୍ରାମବାସୀ ଓ ବିଜେଡି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ସୂଚନା ଅଧିକାର ଆଇନ୍-୨୦୦୫ ପ୍ରଶିକ୍ଷଣ କର୍ମଶାଳା

ବାରିପଦା, (ସବ୍ୟୁ) : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ବାରିପଦା ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଅଧିକାର ଆଇନ ଉପରେ ବିଶେଷ ମତ ରଖିଥିଲେ । ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶିଶିର କୁମାର ମୁଦୁଲୀ ପ୍ରଶିକ୍ଷଣ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ସହ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ ଓ କର୍ମଶାଳା ପରିଚାଳନା କରିଥିଲେ । ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ, ସରକାରୀ ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ୍, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ । ଏହାସହ ପିପିଆଇଟି ମାଧ୍ୟମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ । ଏହି କର୍ମଶାଳାରେ ଜିଲାସ୍ତରୀୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହ ଜନ ସୂଚନା ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ । ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟ ସ୍ତରୀୟ ଓଡିଆ ତର୍କ ପ୍ରତିଯୋଗିତାର ସଫଳ ହୋଇଥିବା ପ୍ରବୀଣ ପ୍ରଧାନ (୧ମ), ଜ୍ୟୋତିପ୍ରକାଶ ଶତପଥୀ(୨ୟ), ଶୁଭସ୍ମିତା ମହାନ୍ତ(୩ୟ) ଏବଂ ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାଢ଼ୀ (୧ମ), ପ୍ରତୀକ୍ଷା ପ୍ରୀୟଦର୍ଶିନୀ ପଣ୍ଡା (୨ୟ), ସ୍ୱୟଂପ୍ରଭା ବେହେରା(୩ୟ)ଙ୍କୁ ପ୍ରମାଣପତ୍ର ଓ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ବିଶ୍ୱ ଘର ଚଟିଆ ଦିବସ



ବ୍ରହ୍ମପୁର, (ସବ୍ୟୁ) : ଶୁକ୍ରବାର ମାର୍ଚ୍ଚ ମାସ ୨୦ ତାରିଖକୁ ବିଶ୍ୱ ଘର ଚଟିଆ ଦିବସ ଭାବେ ପାଳନ କରାଯାଉଛି । ଘର ଚଟିଆ ବଂଶ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନ ବର୍ଷ ବ୍ୟାପି ଅହରହ ଉଦ୍ୟମ ଚଳାଇଛନ୍ତି । ଗଞ୍ଜାମ ଜିଲ୍ଲା ଗୁଣ୍ଡବନ୍ଧ ଗ୍ରାମର ଆଞ୍ଚଳିକ ବିକାଶ ପରିଷଦ ଦୀର୍ଘ ତେର ବର୍ଷ ଧରି ଘର ଚଟିଆ ସୁରକ୍ଷା ପାଇଁ ଗଞ୍ଜାମ, ଗଜପତି ଓ ଜଗତସିଂହପୁର ଜିଲ୍ଲର ବିଭିନ୍ନ ସ୍ଥାନରେ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାର୍ଯ୍ୟକ୍ରମ କରିଆସୁଛି । ଏହି ସଂରକ୍ଷଣ ଦ୍ୱାରା ସେମାନଙ୍କ ବଂଶ ବୃଦ୍ଧି ଘଟିଛି । ଏହି ଅବସରରେ ଆଞ୍ଚଳିକ ବିକାଶ ପରିଷଦ ତରଫରୁ କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ଗ୍ରାମରେ ବିଶ୍ୱ ଘର ଚଟିଆ ଦିବସ ସଭାପତି ସାଗର କୁମାର ପାତ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି ।

ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା । ସଦସ୍ୟଙ୍କ ଉପସ୍ଥିତିରେ ଗ୍ରାମବାସୀ ମାନଙ୍କୁ କୃତିମ ବାସ, ଖାଦ୍ୟ ସ୍ଥଳୀ ଓ ପକ୍ଷୀ ପଶୁଙ୍କ ତୃଷ୍ଣା ନିବାରଣ ନିମନ୍ତେ ପାଣି ପାତ୍ର ବଣ୍ଟନ କରାଯାଇଥିଲା। ସେମାନଙ୍କ ଦୁଆରମୁହଁରେ କୃତିମ ବସା ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମ୍ପାଦକ ବିଜେନ୍ଦ୍ର ମାଝୀ, କୋଷାଧ୍ୟକ୍ଷ ଧର୍ମରାଜ ପାତ୍ର, ନଳିନୀ କାନ୍ତ ପରିଡା, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, ଅରବିନ୍ଦ ଦେଶିବେହେରା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାସ୍ତରୀୟ ପଖାଳ ଦିବସ ପାଳିତ



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାରେ ଆଜି ଜିଲ୍ଲାସ୍ତରୀୟ ପଖାଳ ଦିବସ ବେଶ୍ ଉତ୍ସାହ ଓ ଜାକଜମକରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ପ୍ରଶାସନଙ୍କ ପକ୍ଷରୁ ସାମୂହିକ ପଖାଳ ଭୋଜନ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ହେମକାନ୍ତ ସୟ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ପଖାଳ ଭାତ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟର ମହତ୍ତ୍ୱ ଓ ପୌଷ୍ଟିକ ଗୁଣ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ ଆଜିର ସଭାରେ ମଞ୍ଚାସୀନ ଥିଲେ । ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ପଖାଳ ଓଡ଼ିଶାର ପାରମ୍ପରିକ ଖାଦ୍ୟ ହେବା ସହିତ ଗରମ ଋତୁରେ ଶରୀରକୁ ଶୀତଳ ରଖିବାରେ ବିଶେଷ ଉପକାରୀ । ଏହା ଶରୀରକୁ ପାନୀୟ ଓ ପୌଷ୍ଟିକ ଉପାଦାନ ଯୋଗାଇଥାଏ ଏବଂ ଗ୍ରାମୀଣ ଜୀବନଶୈଳୀର ଏକ ଅଂଶ ରୂପେ ପରିଚିତ । ଏଥିରେ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ପଖାଳ ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଉପସ୍ଥିତ ଅତିଥି ତଥା ଅନ୍ୟାନ୍ୟ ଅଧିକାରୀମାନେ ଭୋଜନ କରିଥିଲେ । ଏହି ପଖାଳର ସ୍ୱାଦ ଗ୍ରହଣ କରି ସ୍ୱଦେଶୀ ଖାଦ୍ୟ ପ୍ରଚାର ପ୍ରସାର ପାଇଁ ଆହ୍ୱାନ କରିଥିଲେ । ଏହାସହ ଜିଲ୍ଲା ପ୍ରଶାସନ ପକ୍ଷରୁ ଏପରି ପାରମ୍ପରିକ ପର୍ବପର୍ବାଣୀ ପାଳନ ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କରିବାକୁ ପ୍ରୟାସ ଜାରି ରହିଛି ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଛନ୍ତି ।

ଶୁଭେଚ୍ଛା ବାର୍ତ୍ତା

ପବିତ୍ର ଇଦ୍-ଉଲ ଫିତର ଅବସରରେ ଜିଲ୍ଲା, ରାଜ୍ୟ ତଥା ଦେଶର ସମସ୍ତ ମୁସଲମାନ ଭାଇ ଓ ଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇ ଓ ଭଉଣୀମାନଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଅଛି ।






ସନାତନ ମହାକୁଡ
ବିଧାୟକ, ଚମ୍ପୁଆ,
କେନ୍ଦୁଝର

## କାମାକ୍ଷାନଗରର କଲେଜ ଛାତ୍ରୀ ହତ୍ୟା ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବି କଲା ବିଜୁ ମହିଳା ଜନତା ଦଳ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ସାରୁଆଳି ଗ୍ରାମ ନିକଟ ଜଙ୍ଗଲରୁ ଗୁରୁବାର ପୂର୍ବାହ୍ନରେ ଜଣେ କଲେଜ୍ ଛାତ୍ରୀ ଅଙ୍କିତ ପ୍ରିୟଦର୍ଶିନୀ ବାରିକଙ୍କର କ୍ଷତବିକ୍ଷତ ମୃତଦେହ ଜବତ କରାଯାଇଥିଲା। ପାରିପାର୍ଶ୍ୱିକ ସ୍ଥିତିରୁ ଛାତ୍ରୀକୁ ଗଣ ବଳତ୍କାର ପରେ ବିଭତ୍ସ ଭାବରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଇଛି ।



ଏହି ଘଟଣାକୁ ନେଇ ଢେଙ୍କାନାଳ ଜିଲ୍ଲା ବିଜୁ ମହିଳା ଜନତା ଦଳ ଏବଂ ରାଜ୍ୟ ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ଟିମ୍ ସଂପୃକ୍ତ ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ଘଟଣା ସଂପର୍କରେ ବୁଝିବା ସହିତ ସମବେଦନା ଜଣାଇଥିଲେ। ଗତ ଦୁଇଦିନ ଧରି ମୃତ ଦେହ ବ୍ୟବଚ୍ଛେଦ ନହେବା ନେଇ ଏବଂ ଢେଙ୍କାନାଳ ଜିଲ୍ଲା ଚିକିତ୍ସାଳୟରୁ କଟକ ସ୍ଥାନାନ୍ତର କରାଯିବା ସହ ସଠିକ୍ ସମୟରେ ଶବ ବ୍ୟବଚ୍ଛେଦ ନ ହେବାକୁ ନେଇ ଉତେଜନା ପ୍ରକାଶ ପାଇଥିଲା।

ତେବେ ଗଣ ଦୁଷ୍କର୍ମରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ କାହିଁକି ଗିରଫ କରାଯାଇ ନାହିଁ ବୋଲି ତାଙ୍କ ପରିବାର ଲୋକେ ସେ ବିଷୟରେ ମହିଳା ଟିମ୍‌କୁ ଜଣାଇ ଆଲୋଚନା କରିଥିଲେ। ସେହି ସମୟରେ ମୃତ ଛାତ୍ରୀଙ୍କ ଗ୍ରାମ ମାର୍ଥାପୁରରେ ରାଜ୍ୟ ମହିଳା ଜୋନାଲ୍ ସଭାପତି ଜ୍ୟୋତ୍ସ୍ନାରାଣୀ ପରିଡା, ଢେଙ୍କାନାଳ ଜିଲ୍ଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲା ଉପସଭାପତି ତିଳୋତମା ଚୌଧୁରୀ, ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଜ୍ୟୋସ୍ନାରାଣୀ ମଣ୍ଡଳ ଏବଂ ଭୁବନ ଏନ୍.ଏ.ସି. ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ଭୁବନ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

ପରବର୍ତୀ ସମୟରେ ସେଠାରୁ ସମସ୍ତ କର୍ମକର୍ତା ଢେଙ୍କାନାଳକୁ ଆସି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ଏହି ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିବା ସହ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ସମୟରେ ବିଜୁ ଛାତ୍ର ଜନତା ଦଳ ସଭାପତି ଇପ୍‌ସିତା ସାହୁ, ଢେଙ୍କାନାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡଙ୍ଗୀ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ସୋସିଆଲ୍ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, କାଉନ୍‌ସିଲର ଲିପିକା ଦାସ, ପ୍ରଦୀପ କୁମାର ସାହୁ, ମାନସ ରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

## କଳମଛୁଇଁରେ ବିଶ୍ୱ ପଖାଳ ଦିବସ

ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତାଳଚେର ସଙ୍କୁଳ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଏଥିରେ ତାଳଚେର ସଙ୍କୁଳ ସଂଯୋଜକ ତଥା ତାଳଚେର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ବାବୁଲି କୁମାର ସାମଲ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ବିଦ୍ୟାଭାରତୀଙ୍କ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ ମାଧ୍ୟମିକ ବିଭାଗ ଶୈକ୍ଷିକ ସଂଯୋଜକ କୈଳାସ ଚନ୍ଦ୍ର ମିଶ୍ର, ତାଳଚେର ସଙ୍କୁଳ ପ୍ରମୁଖ ପ୍ରମୋଦ କୁମାର ମିଶ୍ର, ସମାଜସେବୀ ଗଗନ ବିହାରୀ ସାହୁ, ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅନୀଲ କୁମାର ଦେହୁରୀ, ବିଦ୍ୱତ୍ ପରିଷଦର ସଭାପତି ଶିକ୍ଷାବିତ୍ ଦିବାକର ବାରିକ, ସଂପାଦକ ହାଡ଼ିବନ୍ଧୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କାର୍ଯ୍ୟକାରୀ ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶୈକ୍ଷିକ ସଂଯୋଜକ ଶ୍ରୀ ମିଶ୍ର ନିଜ ଅଭିଭାଷଣରେ ପଖାଳ ହେଉଛି ଆମ ଓଡ଼ିଆଙ୍କ ଅସ୍ମିତାର ପ୍ରତୀକ। ଆଧୁନିକତାର ଦ୍ୱାହି ଦେଇ ଆମେ ଆମ ପ୍ରାଚୀନ ଖାଦ୍ୟକୁ ଅଣଦେଖା କରିବା ସହ ପାଶ୍ଚାତ୍ୟ ଖାଦ୍ୟକୁ ଆପଣେଇ ନେଉଥିବାରୁ ଆମ ଗରିମାମୟ ସଂସ୍କୃତି ଦ୍ରୁତ ଗତିରେ ଅବକ୍ଷୟ ଆଡକୁ ଗତି କରୁଛି। ତେଣୁ ଆମ ସଂସ୍କୃତିକୁ ସୁରକ୍ଷା କରିବା ସହ ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ପୁଣି ଥରେ ବିଶ୍ୱ ଦରବାରରେ ପରିଚିତ କରିବାକୁ ତୃଣମୂଳ ସ୍ତରରୁ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର ସଙ୍କୁଳ ଅନ୍ତର୍ଗତ କଳମଛୁଇଁ, ତାଳଚେର, ଦେଉଳବେଡା, ବଡ ଯୋରଡ଼ା, ଆମ୍ବମୁଣ୍ଡା, ବିକ୍ରମପୁର, ଚାଇଁପାଳ ଆଦି ସାତୋଟି ଶିଶୁ ମନ୍ଦିରର ସଂପାଦକ ଓ ପ୍ରଧାନାଚାର୍ଯ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ପଖାଳ ଭାତ ସହ ଦହି, ବଡ଼ି ଚୂରା, ଶାଗ, ଆଳୁ ଭଜା, ପୋଦିନା ଚଟଣୀ ଆଦି ପାରମ୍ପରିକ ଓଡିଆ ବ୍ୟଞ୍ଜନ ପ୍ରସ୍ତୁତ କରି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦେଉଳବେଡ଼ା ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ହେମନ୍ତ କୁମାର ପ୍ରଧାନ, ଆମ୍ବମୁଣ୍ଡା ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ମାୟାଧର ସାହୁ, ବିକ୍ରମପୁର ଶିଶୁମନ୍ଦିରର ପ୍ରଧାନାଚାର୍ଯ୍ୟ ଜ୍ଞାନରଞ୍ଜନ ଦାସ,ବଡ ଯୋରଡା ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ, ଚାଇଁପାଳ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କଳମଛୁଇଁ ଶିଶୁମନ୍ଦିରର ସଂପାଦକ ବିଭୂତି ଭୂଷଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଳମଛୁଇଁ ଶିଶୁମନ୍ଦିରର ଉପସଭାପତି ତପନ କୁମାର ସାହୁ, କୋଷାଧ୍ୟକ୍ଷ ପଂ*ାନନ ବେହେରାଙ୍କ ସମେତ ଆଚାର୍ଯ୍ୟ ବସନ୍ତ ମହାନ୍ତି, ସଞ୍ଜୟ ସାଲିମା, କୁମୁଦ ସାହୁ, ମଳୟ ଦାସ, ଚତୁର୍ଭୂଜ ସାହୁ, ସରିତା ନାୟକ, ଦମୟନ୍ତୀ ନନ୍ଦ, ଭଗବାନ ବେହେରା, ନିତ୍ୟାନନ୍ଦ ବେହେରା, ରଞ୍ଜୁବାଳା ସାହୁ, ଅର୍ଚ୍ଚନା ସାହୁ, ସୁକନ୍ୟା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ଜଙ୍ଗଲ ମଧ୍ୟରେ କୋଇଲା ଡିପୋ

# ମାଇନିଂ ଅଧିକାରୀଙ୍କ ଚଢାଉ, ଗାଡି ସହିତ ୨୫ଟନ କୋଇଲା ଜବତ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ନଡିଆଳୀ-ବଳଦିଆବନ୍ଧ ରାସ୍ତା ପାଶ୍ୱର୍ରେ ଥିବା କାଜୁ ଜଙ୍ଗଲ ମଧ୍ୟରେ ଚାଲିଥିବା ବେଆଇନ କୋଇଲା ଡିପୋରେ ଚଢାଉ କରି ମାଇନିଂ ବିଭାଗ ଗାଡି ସହିତ ୨୫ଟନ କୋଇଲା ଜବତ କରିଥିବାର ଜଣାପଡିଛି । ବଳଦିଆବନ୍ଧ -ନଡିଆଳୀ ରାସ୍ତାରେ ଥିବା କାଜୁ ଜଙ୍ଗଲ ମଧ୍ୟରେ ବେଆଇନ ଭାବରେ ଏକ କୋଇଲା ଡିପୋରେ ଚୋରା କୋଇଲା କାରବାର ଚାଲିଥିଲା । କୌଣସି ସୂତ୍ରରୁ ଖବରପାଇ ତାଳଚେର ଖଣି ଉପନିର୍ଦ୍ଦେଶକ ତଥା ଜିଲ୍ଲା ଦାୟୀତ୍ୱରେ ଥିବା ଖଣି ଅଧିକାରୀ ଶୋଭେନ୍ଦ୍ର ସାମଲ ସଦଳବଳେ ଚଢାଉ କରିଥିଲେ । ଚଢାଉବେଳେ ଗାଡିର ଡ୍ରାଇଭର ଏବଂ କୋଇଲା ଡିପୋରେ ଥିବା କର୍ମଚାରୀମାନେ ଫେରାର ହୋଇଯାଇଥିଲେ । ଫଳରେ ଅଧିକାରୀମାନେ ଏକ କୋଇଲା ବୋଝେଇ ଟ୍ରକ ନଂ ଓଡି୦୫ଜେଡ଼୪୬୩୫ ଏବଂ ଗୋଟିଏ ମୋଟର ସାଇକେଲ ଓଡି୦୫ଏଏଲ୬୦୭୬କୁ ଜବତ କରି ଥାନାକୁ ଆଣିଛି । ମାଇନିଂ ଅଫିସରଙ୍କ କହିବା ଅନୁସାରେ ପ୍ରାୟ ୨୫ ଟନରୁ ଅଧିକ କୋଇଲା ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢାଉ ଜାରିରହିବ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କନିଷ୍ଠ ମାଇନିଂ ଅଫିସର ସୋମନାଥ ଚକ୍ରବର୍ତ୍ତୀ, ସୁବାଶିଷ ପ୍ରଧାନ, ଶ୍ରୀକାନ୍ତ ସାମଲ, ଅଭିଜିତ ବିଶ୍ୱାଳ, ବାଦଲ ସାହୁ, ଅପିନ୍ଦ୍ର ସାହୁ ପ୍ରମୁଖ ସାମିଲ ହୋଇଥିଲେ । ଟିମରେ ୬ଜଣ ରହିଥିବା ବେଳେ ପୋଲିସ ବି ଉପସ୍ଥିତ ରହିଥିଲେ । ତେବେ ଗୋବିନ୍ଦପୁର ଫାଣ୍ଡି ଠାରୁ ଅଳ୍ପଦୂରରେ ବର୍ଷବର୍ଷ ଧରି ଏହି କୋଇଲା ଚୋରା କାରବାର ଚାଲୁଥିବା ବେଳେ ପୋଲିସ କିପରି ଜାଣି ପାରିନଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ନନ୍ଦିନୀ ଦେବୀ ଦୃଷ୍ଟିହୀନ ବିଦ୍ୟାଳୟରେ ଅବ୍ୟବସ୍ଥା

# ୩ ଦିନଧରି ଛାତ୍ରଛାତ୍ରୀ ଉପାସ, ଜିଲ୍ଲାପାଳଙ୍କୁ ଅଭିଯୋଗ

ଢେଙ୍କାନାଳ, (ସବ୍ୟୁ) : ଢେଙ୍କାନାଳ ସହର କଣ୍ଟାନାଳୀ ବାଇପାସ ଠାରେ ଥିବା ନନ୍ଦିଦୀଦେବୀ ଦୃଷ୍ଟିହୀନ ବଧିର ବିଦ୍ୟାଳୟର ଛାତ୍ରଛାତ୍ରୀ ୩ ଦିନ ଧରି ଉପାସରେ ରହିଥିବାର ଜଣାପଡିଛି । ଭୋକ ଉପାସରେ ପିଲାମାନେ ବିଦ୍ୟାଳୟରେ ଅବ୍ୟବସ୍ଥା ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ନନ୍ଦିନୀ ଦେବୀ ଦୃଷ୍ଟିହୀନ, ବଧିର ବିଦ୍ୟାଳୟରେ ଘୋର ଅବ୍ୟବସ୍ଥା ଦେଖିବାକୁ ମିଳିଛି । ସେଠାରେ ଛାତ୍ରଛାତ୍ରୀ ମାନେ ରହିବା ସହିତ ଶିକ୍ଷା ଲାଭ କରିଛନ୍ତି ।



କିନ୍ତୁ ପରିଚାଳନାକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଥିବା ବେଳେ ସେଠାରେ ଥିବା କୋଷାଧ୍ୟକ୍ଷ ମେରୀରାୟ ଶାସନ ଚଳାଇଛନ୍ତି। କିନ୍ତୁ ଗତ ତିନି ଦିନ ହେବ ପିଲାମାନଙ୍କୁ ଖାଇବାକୁ ନଦେଇ ଉପାସରରେ ରଖିଥିବାର ଜଣାପଡିଛି । ଏହାକୁ ନେଇ ଶୁକ୍ରବାର ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିବାର ଜଣାପଡିଛି । ଅଭିଯୋଗ ଅନୁସାରେ ଛାତ୍ରଛାତ୍ରୀ ମାନଙ୍କୁ ଧମକ ଚମକ ଦେବା ସହିତ ଅନ୍ଧମାନେ ଖାଇବାକୁ ପାଉନାହଁ ବୋଲି ଏଠିକି ଆସୁଛ କହୁଥିବାର ପିଲାମାନେ ଅଭିଯୋଗ କରିଛନ୍ତି । ମଳୟ ପାଣିଗ୍ରାହୀ ଏଭଳି କରୁଥିବାର ଅଭିଯୋଗ କରିଛନ୍ତି । ସେହିପରି ଛାତ୍ର ବୁଲୁ ନାଏକଙ୍କ ଅଭିଯୋଗ ଅନୁସାରେ ଆମକୁ ଖାଇବାକୁ ନଦେଇ ଉପାସରରେ ରଖିଛନ୍ତି ।

ଏହି ଘଟଣାକୁ ନେଇ କ୍ରାଫ୍ଟ ଶିକ୍ଷକ ରତ୍ନାକର ପ୍ରଧାନ କହିବା ଅନୁସାରେ କୌଣସି କାରଣ ନଥାଇ ପିଲାମାନଙ୍କୁ ଛୁଟି କରିଦେଇଛନ୍ତି । ଖାଇବା ବନ୍ଦ କରିଦେଲେ ପିଲାମାନେ ଘରକୁ ଚାଲିଯିବେ ବୋଲି କହୁଛନ୍ତି । ସରକାର ପିଲାମାନଙ୍କୁ ସମସ୍ତ ପ୍ରକାରର ସେବା ଦେଉଥିବା ବେଳେ ଏହା ସବୁ ବାଟମାରଣା କରୁଥିବାର ଅଭିଯୋଗ କରିଛନ୍ତି ।

ସେହିପରି ଉତ୍କଳ ଦୃଷ୍ଟିହୀନ ସଙ୍ଘର ସଭାପତି ସୁଧାଂଶୁ କୁମାର ଏଭଳି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହିତ ଜିଲ୍ଲାପାଳ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି ।

## ପେଟ୍ରୋଲ ପରେ ଏବେ ଗ୍ୟାସ ସଙ୍କଟ, ଗ୍ରାହକ ହନ୍ତସନ୍ତ

ହିନ୍ଦୋଳ, (ସବ୍ୟୁ): ଇରାନ - ଇସ୍ରାଏଲ ଯୁଦ୍ଧ ବିଭୀଷିକା ନେଇ ମଧ୍ୟ ପ୍ରାଚ୍ୟ ସଙ୍କଟ ମଧ୍ୟରେ ଗତି କରୁଥିବା ବେଳେ ଦକ୍ଷିଣ ଏସିଆ ରାଷ୍ଟ୍ର ଭାରତରେ ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନର ଅଭାବ ସୃଷ୍ଟି ହୋଇଛି । ପେଟ୍ରୋଲ ପରେ ପରେ ଏବେ ରନ୍ଧନ ଗ୍ୟାସ ସଙ୍କଟ ଗ୍ରାହକଙ୍କୁ ହନ୍ତ ସନ୍ତ କରି ଦେଲାଣି । ସରକାର ପେଟ୍ରୋଲ ଓ ପେଟ୍ରୋଲିୟମ ଜାତ ସାମଗ୍ରୀ ସହିତ ଗ୍ୟାସ ସଙ୍କଟ ନଥିବାର ଡିଣ୍ଡିମ ପିଟୁ ଥିବା ବେଳେ ଏଣେ ଗ୍ରାମାଞ୍ଚଳରେ ଓ ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ଗ୍ୟାସ କମ୍ପାନୀ ସହିତ ଅନୁବନ୍ଧିତ ହିତାଧିକାରୀ ମାନେ (ଗ୍ରାହକ) ମାନେ ଗ୍ୟାସ ସିଲିଣ୍ଡର ଅଭାବ ଜନିତ ସମସ୍ୟା ଯୋଗୁଁ କାନ୍ଦୁଛନ୍ତି । ପୂର୍ବରୁ ୨୦ ଦିନ ଭିତରେ ଗ୍ରାହକ ନିଜର ଆବଶ୍ୟକତା ଅନୁଯାଇ ଗ୍ୟାସ ସିଲିଣ୍ଡର ବୁକିଂ କରି ପାରୁଥିବା ବେଳେ ଏହାର ସଙ୍କଟ ଆରମ୍ଭ ହେବା ଦିନ ଠାରୁ ପ୍ରଥମେ ଏହାକୁ ୨୫ ଦିନ ଏବଂ ଏବେ ଏହାର ଅବଧିକୁ ୪୫ ଦିନକୁ ବୃଦ୍ଧି କରିଛନ୍ତି । ଏଥି ସହିତ ଘରୋଇ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି ହୋଇ ଥିବାରୁ ଏହା ଗରିବଙ୍କ ମୁଣ୍ଡରେ ଠେଙ୍ଗା ସଦୃଶ ପାଲଟିଛି । ଏଠାରେ ଭାରତ ଗ୍ୟାସର ଦୁଇ ଦୁଇଟି ଏଜେନ୍ସି ଏଚପି ଗ୍ୟାସର ଦୁଇଟି ଏଜେନ୍ସୀ ଏବଂ ଇଣ୍ଡିଆନ ଗ୍ୟାସର ଜଣେ ବିତରକ ବାର ଅନୁଯାୟୀ ସପ୍ତାହକୁ ଥରେ ଲେଖାଏଁ ଆସି ବୁକିଂ ଅନୁସାରେ ଗ୍ୟାସ ସିଲିଣ୍ଡର୍ ବିତରଣ କରି ଯାଇଥାଆନ୍ତି ।

ମାତ୍ର ଏବେ ବୁକିଂ ନଂ ବନ୍ଦ ରହୁ ଥିବା ବେଳେ ଫୋନ୍ କଲ କଲେ ବିତରକ ମାନେ ଆଉ ଆଗ ଭଳି କଲ୍ ଧରୁ ନାହାନ୍ତି । ଗ୍ରାହକ ମାନଙ୍କ କ୍ଷେତ୍ରରେ ଜାଣି ଶୁଣି ହେଉ ବା ଅଜାଣତରେ ହେଉ ଗ୍ୟାସ ସିଲିଣ୍ଡର୍ ଯୋଗାଣରେ ଏକ ପ୍ରକାର କଟକଣା ଲାଗୁ କରାଯାଇଥିବା ବେଳେ ହୋଟେଲ ଓ ଜଳଖିଆ ଦୁକାନି ମାନଙ୍କୁ କିଭଳି ଏଜେନ୍ସି ମାନେ ଦୁଇରୁ ଚାରୋଟି କରି ସିଲିଣ୍ଡର୍ ଯୋଗାଇ ଦେଉଛନ୍ତି ପ୍ରଶ୍ନ ସାପେକ୍ଷ । ଏଠାରେ ଗ୍ରାହକ ମାନଙ୍କୁ ସମୟ ଉପଯୋଗୀ ଓ ଆବଶ୍ୟକତା ଅନୁଯାୟୀ ଗ୍ୟାସ ସିଲିଣ୍ଡର ଯୋଗାଣ ଦିଗରେ ସ୍ଥାନୀୟ ଯୋଗାଣ ବିଭାଗ ଗୁରୁତ୍ୱ ଦେବାକୁ ଏଠାକାର ବୁଦ୍ଧିଜୀବୀ ମହଲରୁ ଦୃଢ଼ ଦାବି ହେଉଛି ।

# ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଅନୁଗୋଳ, (ସବ୍ୟୁ): ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ସମିତି ଅନୁଗୋଳ ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ, ଅନୁଗୋଳ ଜିଲ୍ଲାର ଜଗନ୍ନାଥ ମନ୍ଦିର, ଶୈଳ ଶ୍ରୀକ୍ଷେତ୍ର ବାଇଶି ପାହାଚ ଠାରେ ହିନ୍ଦୁ ନବ ବର୍ଷକୁ ସ୍ୱାଗତ କରିବା ସହ ସନ୍ଧ୍ୟାରେ ସିଂହଦ୍ୱାର ସମ୍ମୁଖରେ ରାଜ୍ୟ ସ୍ତରୀୟ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉଦେଶ୍ୟରେ ଏକ ବିଶାଳ ଧର୍ମସଭା ବହୁ ଆଡମ୍ବର ସହ ପାଳନ କରାଯାଇଅଛି । ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀର କେନ୍ଦ୍ରୀୟ ଶାଖାର ସମସ୍ତ ସଦସ୍ୟ ଓ ସଦସ୍ୟା ପ୍ରମୁଖ ଦାୟିତ୍ୱ ନେଇ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରି ଅଛନ୍ତି ।



ଏହି କାର୍ଯ୍ୟକ୍ରମକୁ ସଫଳ ରୂପରେଖ କରିବାରେ ବିଭିନ୍ନ ଧାର୍ମିକ, ସାମାଜିକ, ଆଧ୍ୟାତ୍ମିକ ଓ ସେବା ଅନୁଷ୍ଠାନର ବ୍ୟକ୍ତିବିଶେଷ ସହଯୋଗ କରି ଅଛନ୍ତି । ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ କମିଟିର ସଭାପତି ହେମନ୍ତ କୁମାର ଦାଶଙ୍କ ଦ୍ୱାରା ସଭାକାର୍ଯ୍ୟ କରାଯାଇଥିଲା । ଏହି ନବବର୍ଷ ପାଳନ କାର୍ଯ୍ୟକ୍ରମରେ ବରିଷ୍ଠ ସ୍ତମ୍ଭକାର ତଥା ରାଜନୀତି ସମୀକ୍ଷାର ପ୍ରଦ୍ୟୁମ୍ନ ଶତପଥୀ ମହୋଦୟ ମୁଖ୍ୟବକ୍ତା, ଗୋବର୍ଦ୍ଧନ ପୀଠରେ ଆଦିତ୍ୟ ବାହିନୀର ଅଧ୍ୟକ୍ଷ ପଣ୍ଡିତ ମାତୃପ୍ରସାଦ ମିଶ୍ର ଅନ୍ୟତମ ବକ୍ତା ଓ ଗୋବର୍ଦ୍ଧନ ପୀଠରେ ସନ୍ଥ ସଂଯୋଜକ ତଥା ଚକାପାଦ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଉତ୍ତରାଧିକାରୀ ପୂଜ୍ୟ ସନ୍ଥ ସଚ୍ଚିଦାନନ୍ଦ ସରସ୍ୱତୀ ମହାଭାଗ ମୁଖ୍ୟଅତିଥି ଭାବେ ସଭା ମଣ୍ଡନ କରିଥିଲେ । ଏହି ସଭାରେ ପୀଠ ପରିଷଦ ଅନ୍ତର୍ଗତ ଆଦିତ୍ୟ ବାହିନୀର ମଧ୍ୟ ବିଭାଗ ସଂଗଠନ ସଚିବ ବରୁଣ କୁମାର ସାହୁ, ପର୍ଶୁରାମ ବାରିକ, ଜଗଦୀଶ ମିଶ୍ର ଓ ଅନ୍ୟ ଆଦିତ୍ୟ ବାହିନୀ ଶାଖାର ବରିଷ୍ଠ ସଦସ୍ୟ ସଦସ୍ୟା ମାନଙ୍କ ସହ ଅନୁଗୋଳ ସହରର ବହୁ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ତଥା-ଭବାନୀ ପ୍ରସାଦ ମିଶ୍ର, ପରମାନନ୍ଦ ମିଶ୍ର, ବିଜୟ କୁମାର ମୋଦି, ଧରଣୀଧର ନାଥ, ଦୁର୍ଗା ଶଙ୍କର ମିଶ୍ର, ନାରାୟଣ ଦାଶ, ତ୍ରିଲୋଚନ ପ୍ରଧାନ, ବସନ୍ତ ଦାସ, ଦ୍ୱାରିକା ପ୍ରସାଦ ନନ୍ଦ, ରାମକୃଷ୍ଣ ତ୍ରିପାଠୀ, ଭାରତ ସ୍ୱାଭିମାନ ମଞ୍ଚର ସୁଧାଂଶୁ ଶେଖର ଦାସ, ପତଞ୍ଜଳି ଯୋଗ ସମିତି, ପ୍ରଜାପିତା ବ୍ରହ୍ମକୁମାରୀ, ଆର୍ଯ୍ୟ ସମାଜ, ଦିବ୍ୟ ଜୀବନ ସଙ୍ଘ, ଆମ ସଂସ୍କୃତି, ଚିନ୍ମୟ ମିଶନ, ପ୍ରଜ୍ଞାନ ମିଶନ ଓ ଅନ୍ୟ ଅନୁଷ୍ଠାନର ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ । ଏହି ହିନ୍ଦୁ ନବବର୍ଷ ପାଳନ ଅବସରରେ ମୁଖ୍ୟବକ୍ତାଙ୍କ ଅଭିଭାଷଣ ରାଷ୍ଟ୍ରପ୍ରତି ଅନନ୍ୟ ଉପାଦେୟ ଓ ଚେତନା ମୂଳକ ବାର୍ତ୍ତା ମୁଖ୍ୟ ଆକର୍ଷଣ ହୋଇଥିଲା । ପ୍ରତିବର୍ଷ କିପରି ଆହୁରି ଅଧିକରୁ ଅଧିକ ପ୍ରଚାର ପ୍ରସାର କରାଯାଇ ସମସ୍ତ ଧାର୍ମିକ ସାମାଜିକ ଅନୁଷ୍ଠାନ ଦ୍ୱାରା ହିନ୍ଦୁ ନବବର୍ଷକୁ ବର୍ଣାଢ୍ୟ ରୂପେ ପାଳନ କରାଯାଇ ପାରିବ, ମୁଖ୍ୟବକ୍ତା ଶତପଥୀ ମହୋଦୟ ସମସ୍ତଙ୍କୁ ନିବେଦନ କରିଥିଲେ । ପ୍ରାରମ୍ଭରେ ପାଳନ ସମିତିର ସମ୍ପାଦକ ପଦ୍ମ ଚରଣ ପ୍ରଧାନ ସମିତିର ବିବରଣୀ ପାଠ କରିଥିଲେ ।

ପରିଶେଷରେ ସଭାପତି ମହୋଦୟ ସମସ୍ତଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ । ସମିତିର ମାର୍ଗଦର୍ଶକ ବାସୁଦେବ ହୋତା, ଆଦିତ୍ୟ ବାହିନୀ ଜିଲ୍ଲା ସଭାପତି ଲଳିତ ମୋହନ ଦାଶ, ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ରଞ୍ଜନ ବେହେରା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

## ବିଜିଗୋଳ ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

# ଶିଶୁ ଅଧିକାର ଆୟୋଗର ତଦନ୍ତ, ପରିବାର ସହ ଆଲୋଚନା

କଣିହାଁ, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ ଗ୍ରାମରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା ଘଟଣାକୁ ନେଇ ଶିଶୁ ଅଧିକାର ଆୟୋଗ ତଦନ୍ତ କରିଛି । ଗୁରୁବାର ଦିନ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭୁବନେଶ୍ୱରର ଅଧ୍ୟକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ଦଳ ବିଜିଗୋଳ ଗ୍ରାମରେ ପହଞ୍ଚି ପୀଡିତାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ସମସ୍ତ ଘଟଣା ପଚାରି ବୁଝିଥିଲେ ।

ଆୟୋଗ ପକ୍ଷରୁ ଏହି ଘଟଣାରେ ଜଡିତ ଦୋଷୀଙ୍କ ବିରୋଧରେ କଠୋର ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ସମଗ୍ର ଘଟଣା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି । ଦଳରେ ଅନ୍ୟମାନଙ୍କ ମଧ୍ୟରେ କସ୍ତୁରୀ ମିଶ୍ର ଓ ମନସ୍ୱିତା ଖୁଣ୍ଟିଆ ସହିତ ସମ୍ପୃକ୍ତ ଅଧିକାରୀମାନେ ଥିଲେ । ସେମାନଙ୍କ ସହ ତାଳଚେର ଏସଡିପିଓ ଭରତ ଚନ୍ଦ୍ର ସାହୁ ,ଏନଟିପିସି ଥାନା ଆଇଆଇସି ସଂଯୁକ୍ତା ଖିଲାର ଉପସ୍ଥିତ ଥିଲେ । ସୁଚନା ଯୋଗ୍ୟଯେ, ଗତ ୨୭ ତାରିଖ ଗୁରୁବାର ଦିନ ଏନଟିପିସି ଟାଉନ ଥାନା ଅନ୍ତର୍ଗତ ବିଜିଗୋଳ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଘରୁ ଶାଗ ତୋଳିବାକୁ ଯାଉଛି କହି ଜଣେ ନାବାଳିକା ନିଖୋଜ ହୋଇଥିବା ବେଳେ ତାର ଶବକୁ ତା ପର ଦିନ ଶୁକ୍ରବାର ସକାଳେ ଗ୍ରାମ ପଛ ପାଖରେ ଥିବା ରଙ୍ଗବେଡା ଜମି ମାଳରୁ ଉଦ୍ଧାର କରାଯାଇଥିଲା । ସକାଳେ ନାବାଳିକା ପରିବାର ଓ ସାହି ଲୋକେ ଖୋଜା ଖୋଜି କରିବାରେ ଶବକୁ ଦେଖିଥିଲେ ।

ପରିବାର ଲୋକେ ଝିଅକୁ ଦୁଷ୍କର୍ମ କରାଯାଇ ହତ୍ୟା କରାଯାଇଛି ଓ ଘର ପାଖରେ ରହୁଥିବା ଆଶିଷ ନାଏକ (୨୩) ହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ପରେ ଅନୁଗୋଳ ଏସପି ରାହୁଲ ଜେନ ଓ ଅନୁଗୋଳ ଜିଲ୍ଲାର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସନ୍ଧାନି କୁକୁର, ସାଇଣ୍ଟିଫିକ ଟିମ ଓ ମୋବାଇଲ ଟ୍ରାକିଂ ମାଧ୍ୟମରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଦନ୍ତ ଚଳାଇଥିଲେ। ପୁଲିସ ମୁଖ୍ୟ ଅଭିଯୁକ୍ତ ଆଶିଷ ନାଏକଙ୍କୁ ଗ୍ରାମ ନିକଟରେ ଥିବା ଏକ ଘଞ୍ଚ ବୁଦା ମୂଳରୁ ଗିରଫ କରିଥିଲେ ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ପରଲୋକ

ବଇଣ୍ଡା, (ସବ୍ୟୁ): ହଣ୍ଡପା ପଞ୍ଚାୟତର ପାପସରା ଗ୍ରାମର ସ୍ୱର୍ଗତ ଶୁରେଶ ଚନ୍ଦ୍ର ପ୍ରଧାନଙ୍କ ଧର୍ମପନି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ କୁଞ୍ଜଲତା ପ୍ରଧାନଙ୍କର କଟକ ଏସ୍‌ସିବି ମେଡିକାଲ୍‌ରେ ଶୁକ୍ରବାର ଅପରାହ୍ନ ୧ ଘଣ୍ଟିକା ସମୟରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ଅତ୍ୟନ୍ତ ସରଳ, ମେଳାପି ଓ ପରୋପକାରୀ ଥିଲେ । ତାଙ୍କ ଶିକ୍ଷକତା ସମୟରେ ସେ ଛାତ୍ରମାନଙ୍କୁ ସାମାଜିକତା, ସଂସ୍କାରିତା ଓ ଚରିତ୍ରବାନ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ସବୁଠାରୁ ବଡ଼ କଥାହେଲେ ସେ ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ । ଏକ ଲମ୍ବା ସମୟ ପାଇଁ ପାପସରା ସ୍କୁଲରେ ଶିକ୍ଷୟିତ୍ରୀ ସମୟରେ ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତ ଓ ସ୍କୁଲର ଭବିଷ୍ୟତ ପାଇଁ ତାଙ୍କ ଅବଦାନ ସର୍ବଦା ଅତୁଳନୀୟ ଏବଂ ଗ୍ରାମର ସାମାଜିକ କାର୍ଯ୍ୟକ୍ରମରେ ମଧ୍ୟ ତାଙ୍କର ସର୍ବଦା ସହଯୋଗ ସ୍ମୃତି ହୋଇ ରହିବ ।

## ବିଭିନ୍ନ ସ୍ଥାନରେ ବିଶ୍ୱ ପଖାଳ ଦିବସ

ତାଳଚେର, (ସବ୍ୟୁ): ଆଜି ବିଶ୍ୱ ପଖାଳ ଦିବସ । ଓଡ଼ିଆ ଲୋକଙ୍କ ନିତିଦିନିଆ ଖାଦ୍ୟ, ମହାପ୍ରଭୁ ଜଗନ୍ନାଥ ମଧ୍ୟ ପଖାଳ ପ୍ରିୟ, ମାର୍ଚ୍ଚ ୨୦ରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଉଛି । ଏପରିକି ପଖାଳ ଦିବସକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି । ଆଜି ତାଳଚେର ଟ୍ରକ ମାଲିକସଂଘ କାର୍ଯ୍ୟାଳୟ, ସାଉଥବଲଣ୍ଡା ଠାରେ ବିଭିନ୍ନ ସଂଗଠନ ପକ୍ଷରୁ ପାଳନ କରାଯିବା ସହ ଅଂଚଳରେ ରହିଥିବା ଢାବା ଓ ହୋଟେଲରେ ମଧ୍ୟ ପଖାଳ ସହିତ ଭଜାମାଛ, ଚୂନାମାଛ, ବଡ଼ିଚୂରା, ଆମ୍ବଚଟଣି ଓ ବିଭିନ୍ନ ପ୍ରକାର ବ୍ୟଞ୍ଜନରେ ପରିବଶେଣ କରାଯାଇଥିବା ଦେଖିବାକୁ ମିଳିଥିଲା । କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ତାଳଚେର ମଧ୍ୟ ସଙ୍କୁଳ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ତେଣୁ ଆମ ସଂସ୍କୃତିକୁ ସୁରକ୍ଷା କରିବା ସହ ଓଡିଆଙ୍କ ପ୍ରିୟ ଖାଦ୍ୟ ପଖାଳକୁ ପୁଣି ଥରେ ବିଶ୍ୱ ଦରବାରରେ ପରିଚିତ କରିବାକୁ ତୃଣମୂଳ ସ୍ତରରୁ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ତାଳଚେର ସଙ୍କୁଳ ଅନ୍ତର୍ଗତ କଳମଛୁଇଁ, ତାଳଚେର, ଦେଉଳବେଡା, ବଡ ଯୋରଡ଼ା, ଆମ୍ବମୁଣ୍ଡା, ବିକ୍ରମପୁର, ଚାଇଁପାଳ ଆଦି ସାତୋଟି ଶିଶୁ ମନ୍ଦିର ଗୁଡ଼ିକ ଯୋଗଦେଇ ପଖାଳ ଭାତ ସହ ଦହି, ବଡ଼ି ଚୂରା, ଶାଗ, ଆଳୁ ଭଜା, ପୋଦିନା ଚଟଣୀ ଆଦି ପାରମ୍ପରିକ ଓଡିଆ ବ୍ୟଞ୍ଜନ ପ୍ରସ୍ତୁତ କରି ପରିବେଷଣ କରାଯାଇଥିଲା ।

## କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଓ ଶିକ୍ଷାଦାନ ବିଳମ୍ବ

# ସରକାରଙ୍କୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜଣାଇଲେ ସଚେତନ ନାଗରିକ ମଞ୍ଚ

ରାସୋଳ, (ସବ୍ୟୁ) : ରାସୋଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ନୂତନ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖା ଓ ଶିକ୍ଷାଦାନର ଅହେତୁକ ବିଳମ୍ବ ପାଇଁ ଆଜି ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି । ସମାଜସେବୀ ଶ୍ରୀନିବାସ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି ପ୍ରତିବାଦ ସଭାରେ ହିନ୍ଦୋଳର ପୂର୍ବତନ ବିଧାୟକ ମହେଶ୍ୱର ନାଏକ, ଶିକ୍ଷାବିତ ମହେନ୍ଦ୍ର ମିଶ୍ର, ଶ୍ରୀକାନ୍ତ କୁମାର ପତି, ରଫିକ ଖାଁ ଓ ସଞ୍ଜୟ ଆଚାର୍ଯ୍ୟ ପ୍ରମୁଖ କେନ୍ଦ୍ରୀୟ ବିଦ୍ୟାଳୟରେ ନାମଲେଖାର ଅହେତୁକ ବିଳମ୍ବ ପାଇଁ କ୍ଷୋଭ ପ୍ରକାଶ କରିବା ସହ ଶାନ୍ତିପୂର୍ଣ୍ଣ ପ୍ରତିବାଦ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ରାସୋଳ ଅଞ୍ଚଳକୁ ସରକାରଙ୍କର ବୈମାତୃକ ମନୋଭାବ ଅଞ୍ଚଳର ବିକାଶରେ ବାଧା ଉପୁଜୁଥିବାରୁ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ରାସୋଳକୁ ଯୋଗ୍ୟ ବିବେଚିତ କରିବା ସହିତ କଳିଙ୍ଗପାଳ ଉଚ୍ଚ ବିଦ୍ୟାଳୟରେ କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ ଭାବରେ ନାମ ଲେଖା ହେବାକୁ ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି । କିନ୍ତୁ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନାମ ଲେଖା ନହେବାରୁ ଜନ ଅସନ୍ତୋଷ ଦେଖାଦେଇଛି । ବିଗତ ସରକାର ରାସୋଳକୁ ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ନହେବା ଯୋଗୁଁ ରାସୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ଘଟଣା ସେହିପରି ପାଣିରେ ଗାର ହେବକି ବୋଲି ସରକାରଙ୍କୁ ସମାଲୋଚନା କରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ । କାରଣ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସରକାରୀ ସ୍ତରରେ ଘୋଷଣା ହେବାପରେ ଚଳିତ ବର୍ଷ ନାମଲେଖା ଏବଂ ଶିକ୍ଷାଦାନ ନହେବା ଫଳରେ ଅଞ୍ଚଳବାସୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇବା ସହିତ ରାସୋଳ ବିକାଶରେ ବାଧା ଉପୁଜୁଛି । ଆଜି ରାସୋଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ସଭା କରିଥିବାବେଳେ ଆଗାମୀ ଦିନରେ ସରକାର ଏହାର ସମାଧାନ ନଲେ ରାଜରାସ୍ତା ଅବରୋଧ କରିବାପାଇଁ ଚେତାବନୀ ଦେଇଛନ୍ତି । ସଭା କାର୍ଯ୍ୟକୁ ସମାଜସେବୀ ଶତ୍ରୁଘ୍ନ ସାହୁ ପରିଚାଳନା କରିଥିବା ବେଳେ ଅଖିଳ କୁମାର ନାୟକ, ସରୋଜ କୁମାର ସାହୁ, ପ୍ରବୀର ପତି, ସୂର୍ଯ୍ୟକାନ୍ତ ନାଥ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।



## ବଅଁରପାଳ-ଅନୁଗୋଳ ବାଇପାସ୍ ରାସ୍ତା ପାଲଟିଛି ମରଣଯନ୍ତା

ବଅଁରପାଳ, (ସବ୍ୟୁ) : କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ବଅଁରପାଳ, ଅନୁଗୋଳ ବାଇପାସ୍ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବେପରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଛି । ଫଳରେ ନୀରିହ ଲୋକମାନେ ମୃତ୍ୟୁବରଣ କରୁଛନ୍ତି । ଦୁର୍ଘଟଣା ହ୍ରାସ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ଘଟଣାରୁ ପ୍ରକାଶ ଗୁରୁବାର ବିଳମ୍ବିତ ରାତ୍ରରେ ବଅଁରପାଳ-ଅନୁଗୋଳ ବାଇପାସ୍ ରାସ୍ତା ଗଡସନ୍ତ୍ରୀ ନିକଟରେ ଟ୍ରକ ଧକ୍କାରେ ଚାଳକର ମୃତ ହୋଇଛି । ଛତିଶଗଡ଼ ରାଜ୍ୟର ଏକ ଟ୍ରକ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜାତୀୟ ରାଜପଥ କଡରେ ପାର୍କିଂ କରି ମରାମତି କାର୍ଯ୍ୟ କରୁଥିବା ବେଳେ ପଛରୁ ଏକ ଟ୍ରକ ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା । ଫଳରେ ଟ୍ରକ ମରାମତି କରୁଥିବା ଚାଳକ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ ।

ଧକ୍କା ଦେଇଥିବା ଟ୍ରକର ଡ୍ରାଇଭର ଓ ଖଲାସି ଗାଡ଼ି ଭିତରେ ଚାପି ହୋଇ ରହିଥିଲେ । ଖବର ପାଇ ବଅଁରପାଳ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ଡ୍ରାଇଭର ଓ ଖଲାସିକୁ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ମୃତ ଟ୍ରକ ଚାଳକଙ୍କ ପରିଚୟ ମିଳିନଥିବା ବେଳେ ପୋଲିସ ଦୁଇଟି ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛନ୍ତି ।

# ପେନସନଭୋଗୀଙ୍କ ଭବିଷ୍ୟତ ଆଶଙ୍କା ଗ୍ରସ୍ତ



କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ଅବସରପ୍ରାପ୍ତ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସଂଘର ଏକ ବୈଠକ ସଭାପତି ଶ୍ରୀ ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଭବନ କେନ୍ଦୁଝର ଠାରେ ଅନୁଷ୍ଠିତ ହୋଇଯାଇଅଛି । ପ୍ରାରମ୍ଭରେ ସମ୍ପାଦକ ଶ୍ରୀ ରବିନ୍ଦ୍ର କୁମାର ପଣ୍ଡା ସଭାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ସିଭିଲ ସର୍ଭିସ ପେନସନ ଆକ୍ଟ ଦେଶର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନଙ୍କ ପେନସନ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବାରୁ ସମସ୍ତ ଉପସ୍ଥିତ ସଭ୍ୟ ଗଭୀର ଉଦବେଗ ପ୍ରକାଶ କରିଥିଲେ । ଏହାଦ୍ୱାରା ୮ମ ବେତନ କମିଶନ ପେନସନ ଅଭିବୃଦ୍ଧିର ସୁଯୋଗରୁ ତା ୩୧- ୧୨-୨୦୨୫ ରିଖ ପୂର୍ବରୁ ଅବସର ଗ୍ରହଣ କରିଥିବା ସରକାରୀ କର୍ମଚାରୀ ବୃନ୍ଦ ବଞ୍ଚିତ ହେବେ । ବୟସ ବୃଦ୍ଧି ସହିତ ବିଭିନ୍ନ ପାରିବାରିକ ବୋଝ ବଢ଼ିଚାଲିଥିଲା ବେଳେ ଏହା ଗଭୀର ଭାବରେ ପେନସନ ଭୋଗୀଙ୍କ ଜୀବନଶୈଳୀକୁ ପ୍ରଭାବିତ କରିବ ବୋଲି ସଭାରେ ଆଶଙ୍କା ପ୍ରକାଶ ପାଇଥିଲା । ଦେଶର ଅନେକ ରାଜ୍ୟରେ ପେନସନ ଭୋଗୀ ଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରୁଥିଲେ ମଧ୍ୟ ଆମ ରାଜ୍ୟରେ ଏହା କାର୍ଯ୍ୟକାରୀ ହୋଇନାହିଁ । ପେନସନ ସାମାଜିକ ସୁରକ୍ଷାର ଏକ ମାଧ୍ୟମ । ଏହାକୁ ସୁରକ୍ଷିତ ରଖିବା ପାଇଁ ସଙ୍ଗଠିତ ଆନ୍ଦୋଳନ ଏକାନ୍ତ ଆବଶ୍ୟକ ବୋଲି ଆଲୋଚନା କରାଯାଇ ମାର୍ଚ୍ଚ ୨୫ ତାରିଖ ଦିନ ଏହି ଆକ୍ଟ ପ୍ରତ୍ୟାହାର ନିମନ୍ତେ ଜିଲ୍ଲାପାଳ କେନ୍ଦୁଝରଙ୍କ ମାଧ୍ୟମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବ । ତଥାପି ଏ ସମସ୍ୟା ସମାଧାନ ନହେଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ପ୍ରସ୍ତୁତ ରହିବାପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ବିଭିନ୍ନ ବ୍ଲକ ସଂଯୋଜକ ବୃନ୍ଦ ନିଜ ନିଜ ବ୍ଲକରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଏକତ୍ରିତ କରି ସଚେତନତା ସୃଷ୍ଟି କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଗଲା । ଓ ବିଡିଓ, ଉପଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା । ଏହି ଆଲୋଚନାରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଚିନ୍ତାମଣି ଜେନା, କ୍ଷୀରୋଦ କୁମାର ରାଉତ,ଭିକାରି ଚରଣ ସାହୁ,ନଳିନୀ ଚନ୍ଦ୍ର ଘଣା, ସୁଶୀଲ କୁମାର ନାୟକ,ଗୌରହରି ଗିରି, ବଳରାମ ରାଉତ,କାଶିନାଥ ମହାନ୍ତ, ପ୍ରସନ୍ନ କୁମାର ପରିଡ଼ା,ଦିଗମ୍ବର ଗିରି, ଗୋପୀନାଥ ଦାଶ, ନରେନ୍ଦ୍ର କୁମାର ପ୍ରଧାନ, ଦୁର୍ଯୋଧନ ସାହୁ,ନୀଳମଣି ସାମଲ, ପ୍ରଦ୍ୟୁମ୍ନ ନାୟକ,ବୈଲୋଚନ ସାହୁ, ବାଙ୍କ ବିହାରୀ ମହାନ୍ତ ପ୍ରମୁଖ ନିଜ ନିଜ ମତାମତ ପ୍ରଦାନ କରିଥିଲେ ।

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା : ବୈଶିଙ୍ଗା ଥାନା ଆଗରେ ଗଣଧାରଣା



ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ପୁଲିସ ଉପଖଣ୍ଡ ଅଧୀନ ବୈଶିଙ୍ଗା ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ନେଇ ଗୁରୁବାର ଦିନ ସାରା ବୈଶିଙ୍ଗା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ ଅଞ୍ଚଳବାସୀ । ଚୋରି, ସଶସ୍ତ୍ର ଡକାୟତି ବଢ଼ିଥିବା ବେଳେ ଦିନ ଦ୍ୱିପ୍ରହରେ ଖଣ୍ଡା, ଭୁଜାଲି ବୁଲୁଥିବାର ଅନେକ ଘଟଣା ଦେଖିବାକୁ ମିଳିଛି । ଅଭିଯୋଗ ଅନୁସାରେ, ବୈଶିଙ୍ଗା ଥାନା ଅଞ୍ଚଳରେ ଚୋରୀ, ଡକାୟତି, ରାହାଜାନି, ଦିନତାଇ, ହତ୍ୟା ଭଳି ଅପରାଧିକ ଘଟଣା ଘଟିବା ସହିତ ଚୋରା ମଦ,ଚୋରା ବାଲି ଓ ମୋରମ ଏବଂ କାଠ ମାଫିଆଙ୍କ ଦାଦାଗିରି ବହୁ ମାତ୍ରାରେ ବଢିଚାଲିଛି। ଏନେଇ ଥାନା ଅଞ୍ଚଳବାସୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ଏଥିପାଇଁ କେତେକ ଥାନା କର୍ମଚାରୀ ଅପରାଧ ମାନଙ୍କ ସହିତ ସମ୍ପର୍କ ରଖି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାର ଅଭିଯୋଗ ବିଷୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଡି.ଆଇ.ଜି. ବାଲେଶ୍ୱର ଏସଡିପିଓ ବେତନଟୀ ଏବଂ ପୁଲିସ ଡିଜି ତଥା ମୁଖ୍ୟମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସ୍ଥାନୀୟ ଅଞ୍ଚଳବାସୀ । ଅଭିଯୋଗ ମୁତାବକ ମୟୂରଭଞ୍ଜ ଏସ୍ପି ଗତ ଫେବ୍ରୁଆରି ମାସ ୨୬ ତାରିଖରେ ଚିଠି ନଂ ୩୮୧ରେ ଏଏସଆଇ ଶୁଭ୍ରାଂଶୁ ଶେଖର ରାଉଳଙ୍କୁ ଶରତ ଥାନାକୁ ବଦଳି କରିଥିଲେ। ଶ୍ରୀ ରାଉଳଙ୍କୁ ତୁରନ୍ତ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଫଳ ଶୂନ। ପରେ ଏସ୍ପି ପୁଣି ଗତ ୭ ତାରିଖରେ ଚିଠି ନଂ ୪୨୨ ଜରିଆରେ ଶ୍ରୀ ରାଉଳଙ୍କୁ ତୁରନ୍ତ ବୈଶିଙ୍ଗା ଥାନାରୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥର ବି ସମାନ କଥା ସେ ଥାନା ଛାଡ଼ିଲେନି । ଗତ ସୋମବାର ପୁଣି ବୈଶିଙ୍ଗା ଅଞ୍ଚଳର ଏକ ସର୍ବଦଳୀୟ ଟିମ ଏସ୍ପିଙ୍କୁ ଭେଟିଥିଲେ ମଧ୍ୟ ଏଏସଆଇ ଶ୍ରୀ ରାଉଳ, ହାବିଲଦାର ନିତ୍ୟାଂଶୁ ଦତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇ ନଥିଲା । ଏହାକୁ ବିରୋଧ କରି ଗୁରୁବାର ପୂର୍ବାହ୍ନ ୧୧ଟାରୁ ଥାନା ସମ୍ମୁଖରେ ଧାରଣାରେ କଂଗ୍ରେସ ଜିଲ୍ଲା ଉପସଭାପତି ମାଧବୀ ସେନାପତି, ସମାଜସେବୀ ଇନ୍ଦ୍ରମଣୀ ମହାପାତ୍ର , ଯୁବ ସଂଗଠକ ବିନୋଦ ସିଂ, ପୂର୍ବତନ ବିଧାୟକ ଗଣେଶର ପାତ୍ରଙ୍କ ସମେତ ଜନପ୍ରତିନିଧି, ବୁଦ୍ଧିଜୀବୀ ବସିଥିଲେ। ତେବେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ବେତନଟୀ ଏସ୍ଡିପିଓ ମିନତୀ ବିଶାଳ ଓ ଥାନା ଅଧିକାରୀ ବାରିଣୀ ଦାସ ଧାରଣାସ୍ଥଳରେ ପହଞ୍ଚି ବୁଝାସୁଝା ଆରମ୍ଭ କରିଥିଲେ । ଶ୍ରୀ ରାଉଳ ଓ ଦତ୍ତଙ୍କୁ ଥାନାରୁ ସ୍ଥାନାନ୍ତର କରାଯିବା ସହ ଆଇନ ଶୃଙ୍ଖଳା ପ୍ରତି ଅଧିକ ଧ୍ୟାନ ଦିଆଯିବାର ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା। ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେଲେ, ପୁଣି ଆନ୍ଦୋଳନ ଜୋରଦାର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଆର୍‌ଆଇଙ୍କୁ ମାଡ଼ ଘଟଣା : ଅଭିଯୁକ୍ତ ଗିରଫ

ଚାନ୍ଦବାଲି, (ସବ୍ୟୁ) : ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ ଅନ୍ତର୍ଗତ ସାରଣା ରାଜସ୍ୱ ନିରୀକ୍ଷକ (ୱି) ତାପସ ରଞ୍ଜନ ଜେନାଙ୍କୁ ଅଫିସ ଭିତରେ ପଶି ସଂଘାତିକ ଭାବେ ଆକ୍ରମଣ କରିବା ଘଟଣାରେ ପୋଲିସକୁ ମିଳିଛି ବଡ଼ ସଫଳତା। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଚାନ୍ଦବାଲି ପୋଲିସ ମୁଖ୍ୟ ଅଭିଯୁକ୍ତ ସୁବାସ ଦାସଙ୍କୁ ଗିରଫ କରିଛି।ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସମ୍ପୂର୍ଣ୍ଣ ବିବାଦ ଏକ ଜମି ପଟ୍ଟାକୁ କେନ୍ଦ୍ର କରି ସୃଷ୍ଟି ହୋଇଥିଲା। ଅଭିଯୁକ୍ତ ସୁବାସଙ୍କ ଶ୍ୱଶୁର ଘର ପଟ୍ଟାରୁ ତାଙ୍କ ପତ୍ନୀଙ୍କ ନାମ କୌଣସି କାରଣବଶତଃ କଟି ଯାଇଥିଲା। ଏହି ନାମକୁ ପୁନର୍ବାର ଯୋଡ଼ିବା ପାଇଁ ସୁବାସ ଆରଆଇଙ୍କ ଉପରେ ଚାପ ପକାଉଥିଲେ। ମାତ୍ର ଆରଆଇ ଶ୍ରୀ ଜେନା ଆଇନଗତ ପ୍ରକ୍ରିୟା ବାହାରେ କୌଣସି କାମ କରିବାକୁ ମନା କରିଦେବାରୁ ସୁବାସ ଉଗ୍ର ହୋଇ ଏଭଳି କାଣ୍ଡ ଭିଆଇଥିଲେ।ପତ୍ନୀଙ୍କ ନାମ ଯୋଡ଼ିବା ପାଇଁ ସୁବାସ ଆରଆଇଙ୍କୁ ବାରମ୍ବାର କହିଥିଲେ, କିନ୍ତୁ କାଗଜପତ୍ର ଅଭାବରୁ ଆରଆଇ ଏହାକୁ ଗ୍ରହଣ କରିନଥିଲେ। ଅଫିସ ଭିତରେ କାମ କରୁଥିବା ଅବସ୍ଥାରେ ଆରଆଇଙ୍କୁ ଘୋଷାଡ଼ି ବାହାରକୁ ଆଣିବା ସହ ଗୋଇଠା ଓ ବିଧା ମାରୁଥିବାର ଦୃଶ୍ୟ ସିସିଟିଭିରେ ସ୍ପଷ୍ଟ ଦେଖାଯାଇଥିଲା। ଘଟଣା ପରେ ଆରଆଇଙ୍କ ପକ୍ଷରୁ ଏତଲା ଦିଆଯାଇଥିଲା। ପୋଲିସ ତୁରନ୍ତ ତତ୍ପରତା ପ୍ରକାଶ କରି ସୁବାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣେ କର୍ତ୍ତବ୍ୟରତ ଅଧିକାରୀଙ୍କ ଉପରେ ଏଭଳି ବର୍ବରୋଚିତ ଆକ୍ରମଣକୁ ନେଇ ସ୍ଥାନୀୟ ରାଜସ୍ୱ କର୍ମଚାରୀ ସଂଘ ତୀବ୍ର ନିନ୍ଦା କରିଛି। ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ଅଫିସରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହୋଇଛି।

## ଧାନମଣ୍ଡିରେ ଧାନ କିଣିବା ଦାବିରେ ରାସ୍ତାରୋକ

# ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ନୀଳଗିରି, (ସବ୍ୟୁ) : ନୀଳଗିରି ବ୍ଲକ ନରସିଂହପୁର ପଞ୍ଚାୟତ ଅଧିନସ୍ଥ ଅମ୍ବିକାପୁର ଧାନ ମଣ୍ଡି ରେ ଧାନ କିଣିବା ଦାବୀ ନେଇ ଆଜି ସକାଳ ଆଠ ଘଟିକା ରୁ ରାସ୍ତାରୋକ ଆରମ୍ଭ ହୋଇ ଦିନ ୧୨ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନ ତରଫରୁ ଏଆରସିଏସ, ଏସିଏସଓ, ଏମଆଇ ଓ ନୀଳଗିରି ଆଇ ଆଇ ସି ଗୋବର୍ଦ୍ଧନ ନାୟକ ଉପସ୍ଥିତ ରହି ଆନ୍ଦୋଳନ କାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଟୋକନ ଧାରୀ ଙ୍କ ଠାରୁ ଧାନ କିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ କ୍ରମ ରେ ବିଶିଷ୍ଟ ଶ୍ରମିକ ନେତା ବିଜୟ କୁମାର ପାତ୍ର, କୃଷକ ନେତା ଉଗ୍ରସେନ ଦାସ, କୈଳାଶ ବାରିକ, ଭାଗବାନ ମହାନ୍ତି, ସରୋଜ କୁମାର ବେହେରା, ଚନ୍ଦନ ପୃଷ୍ଟି, ସନାତନ ବିଶ୍ୱାଳ, ଦାମୋଦର ପଣ୍ଡା ସନାତନ ଜେନା, ଗୋବର୍ଦ୍ଧନ ଗିରିଧାରୀ ମହାପାତ୍ର, ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନ କୁ ସଫଳ କରାଇବାରେ ସହଯୋଗ କରିଥିଲେ। ଟୋକନ ଧାରୀ ଚାଷୀ ମାନେ ଦୀର୍ଘ ୫ ଦିନ ଧରି ମଣ୍ଡି ରେ ଧାନ ପକାଇ ଛନ୍ତି। ୨ ଦିନ ହେଲା ଅଦିନିଆ ବର୍ଷା ଫଳରେ ମଣ୍ଡି ରେ ଧାନ ଗଜା ହେଲାଣି। ଯାହାକି ଚାଷୀମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ପ୍ରଶାସନ ର ପ୍ରତିଶୃତି ଅନୁଯାୟୀ କେତେ ଶୀଘ୍ର ଚାଷୀ ଙ୍କ ଠାରୁ ଧାନ କିଣା ଯାଉଛି, ତାହା ଦେଖିବାକୁ ବାକି ରହିଲା।

# ପୂଜା କମିଟି ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ



ବାଲେଶ୍ୱର, (ସବ୍ୟୁ) : କାଳୀମନ୍ଦିର ପୂଜା କମିଟି ତରଫରୁ ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସହରର ବିଶିଷ୍ଟ ବ୍ୟକ୍ତି, ଆଇନଜୀବୀ, ସାମ୍ବାଦିକ, ଯୁବସଂଗଠକ, ଛାତ୍ରନେତାମାନେ ବହୁ ସଂଖ୍ୟାରେ ଯୋଗଦେଇ ପଖାଳ ଓଡ଼ିଆ ଜାତିର ଏକ ପରିଚୟ ବୋଲି କହିବା ସଂଗେ ସଂଗେ ଏହା ଆମ ସଂସ୍କୃତି ସହିତ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମ କମିଟିର ପାର୍ଥ ପ୍ରତିମ କର ଏବଂ ସନ୍ତୋଷ ଅଗସ୍ତି ପ୍ରମୁଖଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ପୂଜା କମିଟିର ସଦସ୍ୟ/ସଦସ୍ୟାମାନେ କାର୍ଯ୍ୟକ୍ରମକୁ ସଂଚାଳନ କରି ପଖାଳ ଦିବସ ଉପଲକ୍ଷେ ଭାଇଚାରାର ବାର୍ତ୍ତା ଦେଇଥିଲେ ।

# ପ୍ରତାରଣାର ଶିକାର ଗର୍ଭବତୀ ଯୁବତୀ ଥାନାର ଦ୍ୱାରସ୍ଥ, ଅଭିଯୁକ୍ତ ଗିରଫ

ନୀଳଗିରି, (ସବ୍ୟୁ) : ବିବାହର ମିଛ ପ୍ରତିଶ୍ରୁତି ଦେଇ ଏକ ବର୍ଷ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରେମିକା ଗର୍ଭବତୀ ହେବା ପରେ ହାତ ଛାଡି ଦେଇଥିଲେ ପ୍ରେମିକ। ତେଣୁ ନ୍ୟାୟ ପାଇଁ ଥାନାରେ ଅଭିଯୋଗ କଲେ ପ୍ରେମିକା। ବାଲେଶ୍ୱର ଜିଲ୍ଲା ବରହମପୁର ଥାନା କେଶିପୁର ପଂଚାୟତ ବୁଧିଆଚୁଆ ଗାଁର ଝିଅ ଗତ ଏକ ବର୍ଷ ହେବ ମୟୁରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବଡଗୁଡଗୁଡିଆ ଗ୍ରାମର ପ୍ରେମିକ ଭରତ କିସକୁଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ମେଡିକାଲ ଚେକ୍ଅପରୁ ଜାଣିବାକୁ ପାଇଲେ ସେ ଗର୍ଭବତୀ ହେଇଥିବାର । ପ୍ରେମିକା ଗର୍ଭବତୀର ଜାଣି ହାତ ଛାଡି ଦେଇଥିଲେ ପ୍ରେମିକ। ନ୍ୟାୟ ପାଇଁ ଯୁବତୀ ଜଣକ ଗାଁର ଆଶାଦିଦି ସହଯୋଗ ନେଇ ବହରମପୁର ଥାନାରେ ଗତ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବହରମପୁର ଥାନା ପକ୍ଷରୁ ଏକ ୩୮/୨୬ ନଂ ମାମଲା ରୁଜୁ କରି ଯୁବତୀଙ୍କ ପଚରା ଉଚୁରା ଓ ଡାକ୍ତରୀମାଇନା କରି ତଦନ୍ତ ଆରମ୍ଭ କରିବା ସହ ଗତ ରାତ୍ରିରେ ପ୍ରେମିକ ବଦ୍ରୀନାଥ (ଓରଫ) ଭରତ କିସ୍କୁ ଙ୍କୁ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ବହରମପୁର ପୋଲିସ ଗିରଫ କରିଥିଲେ। ଶୁକ୍ରବାର ଭରତ କିସ୍କୁ ଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି।

# କୃଷ୍ଣନଗର ଅଞ୍ଚଳରୁ ୩୬ ଗାଈ ଉଦ୍ଧାର : ୭ ଗିରଫ

ବାଲେଶ୍ୱର, (ସବ୍ୟୁ) : ଜଳେଶ୍ୱର ଥାନା ପୁଲିସ ଆଜି ଜଳେଶ୍ୱର-ଅଗ୍ରୱାଲା ରାସ୍ତାର କୃଷ୍ଣନଗରଠାରୁ ୩୬ଟି ଗାଈ ଉଦ୍ଧାର କରିବା ସହ ବେଆଇନ ଗୋ ଚାଲାଣ ମାମଲାରେ ୭ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ସମସ୍ତେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି। ଗତକାଲି ରାତିରେ ଏହି ୩୬ଟି ଗାଈଙ୍କୁ ଚଲେଇ ଚଲେଇ ନିଆ ଯାଉଥିବା ବେଳେ ଜଳେଶ୍ୱରର କିଛି ଯୁବକ ଅଟକାଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ସେଠାରେ ପହଞ୍ଚି ଗାଈଗୁଡ଼ିକୁ ଶାନ୍ତିଆ ଷ୍ଟାଡିୟମକୁ ଆଣି ରଖିବା ସହ ଏହି ମାମଲାରେ ୭ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡ଼ିଛି ।

# ଦୁଇ ବାଇକ୍ ମୁହାଁମୁହିଁ, ଜଣେ ମୃତ

ସୋର, (ସବ୍ୟୁ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ ସିମୁଳିଆ ଥାନା ସୁଣ୍ଡିଆଡି ଗ୍ରାମର ଚୈତନ୍ୟ ଘୋଷ (୫୫) ଶୁକ୍ରବାର ପୂର୍ବାହ୍ନରେ ନିଜର ଓଡି୦୧ ଜେଡ ୧୬୫୨ ନମ୍ବର ବିଶିଷ୍ଟ ହିରୋ ସ୍ପ୍ଲେଣ୍ଡର ବାଇକ ଯୋଗେ ବାରିକପୁର ହାଟକୁ ଯାଉଥିବା ବେଳେ ବିଦୁ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଚୈତନ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଉଡ଼ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଟିକୁ ଜବତ କରିଥିଲେ।ପରେ ପୁଲିସ ସୋର ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ୨୬/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଏମ୍‌ଆଇ ପ୍ରୋଜେକ୍ଟ କାମ ନିମ୍ନମାନର

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତର ପାଇକତାନ୍ତ୍ରୀ ଗ୍ରାମରେ ଥିବା ଏମଆଇ ପ୍ରୋଜେକ୍ଟକୁ ପ୍ରତିବର୍ଷ କୋଟି କୋଟି ଟଙ୍କା ଆସୁଥିବା ସତ୍ତ୍ୱେ ମଧ୍ୟ ଉନ୍ନତମାନର କାମ ହେଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ସୋମବାର ଆନନ୍ଦପୁର ବ୍ଲକ୍ରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଭାବେ ଅଭିଯୋଗ ଜଣାଇଥିଲେ। ତଥାପି କୌଣସି ସ୍ପଷ୍ଟ ପଦକ୍ଷେପ ନହେବାରୁ, ପୁନର୍ବାର ଆଜି ଆନନ୍ଦପୁର ଉପ ଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି।ସରକାର ଚାଷୀମାନଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, କିନ୍ତୁ ଠିକାଦାର ନିମ୍ନମାନର କାମ କରି ଚାଷୀ ମାନଙ୍କୁ ଠକିବାରେ ଲାଗିଛି। ଏହି ପ୍ରୋଜେକ୍ଟ ଦ୍ୱାରା ପାଣିର ଅଭାବ ହେତୁ ଚାଷ ବିଲକୁ ପାଣି ମଡେଇବା ପାଇଁ କୌଣସି ସୁବିଧା ପାଇପାରୁ ନାହାନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଚାଷୀମାନଙ୍କୁ ସୁବିଧାରେ ପାଣି ଯୋଗାଇବା, କିନ୍ତୁ କିଛି ଅସାଧୁ ଠିକାଦାରଙ୍କ ଅବହେଳା ଓ ଅନିୟମିତତା ପାଇଁ ଏହି ପ୍ରକଳ୍ପର ଲାଭ ଚାଷୀମାନେ ପାଇ ପାରୁନାହାନ୍ତି ବୋଲି ଗ୍ରାମର ଗୌରାଙ୍ଗ ବାରିକ, ପ୍ରତାପ କୁମାର ମାଝୀ, କ୍ଷେମାକର ମାଝୀ, ଆଲୋକ କୁମାର ରାଉତ, ବଟକୃଷ୍ଣ ରାଉତ, ଅନନ୍ତ ରାଉତ, ମାୟାଧର ବାରିକ, ଜଳଧର ମାଝୀ, ସନ୍ତୋଷ କୁମାର ଜେନା ଏବଂ ଅନ୍ୟମାନେ ଅଭିଯୋଗ କରିଛନ୍ତି।

# ହିନ୍ଦୁ ନବବର୍ଷକୁ ପଥ ଉତ୍ସବ ମାଧ୍ୟମରେ ପାଳିତ

ବାଲେଶ୍ୱର, (ସବ୍ୟୁ) : ଚିତ୍ର ଶୁକ୍ଳ ପ୍ରତିପଦ ସୃଷ୍ଟିର ପ୍ରାରମ୍ଭ ଦିବସକୁ ହିନ୍ଦୁ ନବବର୍ଷ ଭାବରେ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ବାଲେଶ୍ୱର ତରଫରୁ ଫକୀରମୋହନ ମୋହନ ଗୋଲେଇ ନିକଟସ୍ଥ ୬ ନମ୍ବର ମଣ୍ଡପରେ ପାଳିତ ହୋଇ ଯାଉଛି। ଏହି ପଥ ଉତ୍ସବକୁ ହିନ୍ଦୁ ନବବର୍ଷ କମିଟି ବାଲେଶ୍ୱର ତରଫରୁ ଆୟୋଜନ କରାଯାଇଥିଲା। ନିମନ୍ତ୍ରିତ ଅନୁଷ୍ଠାନ ଭାବରେ ଏଥିରେ ଯୋଗ ଦେଇ ବ୍ରାହ୍ମ ମୁହୂର୍ତ୍ତରୁ ବେଦପାଠ ଓଁ ଆରମ୍ଭ କରି ପ୍ରାଣାୟାମ, ଆସନ, ହାସ୍ୟାସନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ୮୦ବର୍ଷର ସାଧକ ସାଧିକା ଠାରୁ ୧୮ ବର୍ଷର ଯୁବ ସାଧକ ସାଧିକା ଏଥିରେ ଅଂଶ ଗ୍ରହଣ କରିଥିଲେ । ହିରଣ୍ୟ କଶ୍ୟପବଦ୍ଧ, ମହିଷାସୁର ବଦ୍ଧ, ଆରାଧନା ମେଢ଼, କାଳୀ ମେଢ଼, ଅର୍ଦ୍ଧଚକ୍ର, ସାଇକେଲ ଚାଳନା, ଦମ୍ପତିମାନଙ୍କର ଯୁଗ୍ମ ଆସନ ପ୍ରଭୃତି ଭିନ୍ନ ଭିନ୍ନ ଆସନ ଅତି ଚମତ୍କାର ଭାବରେ ସମସ୍ତେ ପରିବେଷଣ କରିଥିଲେ । ପ୍ରଥମେ ଅନୁଷ୍ଠାନର ସଭାପତି ଡ. ଜୟସ୍ମିତା ନାୟକ ଯୋଗ ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ ସହ ସମ୍ପାଦକ ଧ୍ରୁବ ଚରଣ ବେହେରା, କୋଷାଧକ୍ଷ ସୂର୍ଯ୍ୟ ନାରାୟଣ ପୋଥାଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦିକା ଶ୍ରୀମତୀ ସୁଶ୍ରୀ ସଙ୍ଗିତା ଦାସ କାର୍ଯ୍ୟକ୍ରମକୁ ସୂତ୍ରଧର ହିସାବରେ ଅତି ସୁରୁଖୁରୁରେ ପରିଚାଳନା କରିଥିଲେ। ଶ୍ରୀମତୀ ଅର୍ଚ୍ଚନା କର, ଶ୍ରୀମତୀ ସୁଜାତା ପଣ୍ଡା ଓ ଅନ୍ୟମାନେ ସଂଗୀତ ପରିବେଷଣ କରିଥିଲେ । ଶେଷରେ ନାଚ ଗୀତ ମାଧ୍ୟମରେ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା । ଏଥିରେ ଅତିଥି ଭାବରେ କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ଓ ସଞ୍ଜୟ ମହାପାତ୍ର ଯୋଗ ଦେଇଥିଲେ ।

# ଧାନ ନେଉନି ସମବାୟ ସମିତି ପ୍ରତିବାଦରେ ଚାଷୀଙ୍କ ଧାରଣା

ସୋର, (ସବ୍ୟୁ) : ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମହୁମୁହାଣ ସେବା ସମବାୟ ସମିତିରେ ଧାନ ବିକ୍ରି ନହେବା ଓ ମିଲର ମନଇଚ୍ଛା କଟନୀଛଟନୀ କରିବାକୁ ବିରୋଧ କରି ଶୁକ୍ରବାର ଚାଷୀମାନେ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ସେବା ସମବାୟ ସମିତି ଉପରେ ୧୨୫୬ ଜଣ ଚାଷୀ ନିର୍ଭରଶୀଳ। ଚଳିତ ବର୍ଷ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କ ମଧ୍ୟରୁ ଏବେବି ୧୬୬ଜଣ ଚାଷୀଙ୍କର ଧାନ କିଣାଯାଇନାହିଁ। ଦିନକୁ ଦିନ ଅବଧି ସରୁଥିବା ବେଳେ ମିଲର ମାନେ ଥରକୁ ଥର ଅଧିକ କଟନୀଛଟନୀ କରୁଥିବାକୁ ବିରୋଧ କରି ଆଜି ପୂର୍ବାହ୍ନରେ ଚାଷୀମାନେ ସମବାୟ ସମିତି ଗେଟରେ ତାଲା ପକାଇ ଗେଟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଥିଲେ। ଦିର୍ଘ ୬ ଘଣ୍ଟା ଧାରଣାରେ ବସିବା ପରେ ଜିଲ୍ଲା ଯୋଗାଣ ଅଧିକାରୀ ହସ୍ତକ୍ଷେପ କରି ଯଥାଶିଘ୍ର ଚାଷୀମାନଙ୍କ ଧାନ କିଣିବାକୁ ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

# ନାବାଳିକାକୁ ଅସଦାଚରଣ : ଅଭିଯୁକ୍ତ ଗିରଫ

ବାଲେଶ୍ୱର, (ସବ୍ୟୁ) : ଗୋପାଳପୁର ଥାନା ତାଳପଦା ଅଞ୍ଚଳରୁ ଜଣେ ଯୁବକକୁ ଅସଦାଚରଣ ଅଭିଯୋଗରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାରୁ ପ୍ରକାଶ ଯୁବକ ଜଣକ ହେଲେ ତାଳପଦା ଗ୍ରାମର ଅଜୟ ମଳିକ (୨୦) ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରିଥିବାର ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଅଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକ

ତିହିଡି, (ସବ୍ୟୁ) : ତିହିଡି ବ୍ଲକ ଅଧୀନ ଚାରିତରଫ ସମବାୟ ସମିତି ମଣ୍ଡିରେ ୮ହଜାର କୁଇଣ୍ଟାଲରୁ ଅଧିକ ଧାନ ପଡ଼ି ରହିଛି। ମିଲରଙ୍କ ଅସହଯୋଗରୁ ଏହି ଧାନ ପଡ଼ି ରହିଥିବାରୁ ଚାଷୀଙ୍କ ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। ସମିତି ଅଧୀନ ଚାଷୀମାନେ ଶୁକ୍ରବାର ସକାଳେ ଧାନବସ୍ତା ରଖି ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଅବରୋଧ କରିଛନ୍ତି। ସମିତି ପରିଚାଳନା କମିଟି ସଭାପତି ବସନ୍ତ ନାୟକ ଓ କମକର୍ତ୍ତାଙ୍କ ସମେତ ଚାଷୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ତେବେ ରାସ୍ତା ଅବରୋଧ ହେବାର ୪ଘଣ୍ଟା ପରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ରାସ୍ତାରୋକୋସ୍ଥଳରେ ପହଂଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଚାଷୀ ନେତା ମୁକ୍ତିକାନ୍ତ ନାୟକ ଓ ରାଜନଗର ପଂଚାୟତ ସରପଂଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣି ଦର୍ଶାଇଥିଲେ ଯେ,ମଣ୍ଡିରୁ ବିଗତ ୧୫ଦିନ ମଧ୍ୟରେ ମିଲର ଧାନ ଉଠାଇ ନାହାନ୍ତି। ଯାହାଫଳରେ ଚାଷୀ ଧାନ ବିକି ବି ପ୍ରାପ୍ୟ ପାଇ ପାରୁନାହାନ୍ତି। ଧାନ ବସ୍ତା ଖରା କାକରରେ ପଡ଼ି ରହିଥିଲେ ମଧ୍ୟ ମିଲରମାନେ ଏଥିପ୍ରତି ଦୃଷ୍ଟି ନଦେବା ପରିତାପର ବିଷୟ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା,ସମିତି ସମ୍ପାଦକ ମନୋରଞ୍ଜନ ବଳ,ପୂର୍ବତନ ସରପଂଚ ସୁଦର୍ଶନ ବିଶ୍ୱାଳ,ପୂର୍ବତନ ସମିତି ସମ୍ପାଦକ ସୁଦର୍ଶନ ସ୍ୱାଇଁ,ବିଚିତ୍ର ବଳ,ସଛ ଚରଣ ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ତହସିଲଦାର ଆଚାର୍ଯ୍ୟ ଶୁକ୍ରବାର ୨ଟି ଓ ଅନ୍ୟଦିନରେ ଗୋଟିଏ ବଡ଼ ଟ୍ରକ ସହାୟତାରେ ଧାନବସ୍ତା ଉଠାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଦୁର୍ବୃତ୍ତ ଲୁଟିନେଲେ ଟଙ୍କା ଭର୍ତ୍ତି ବ୍ୟାଗ୍

ବାଲେଶ୍ୱର, (ସବ୍ୟୁ) :ବାଲେଶ୍ୱରରେ ଆଇନଶୃଙ୍ଖଳା ଦିନକୁ ଦିନ ବିଗିଡ଼ିବା ସହ ସହରରେ ଚୋରି, ଲୁଟ୍ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ବାଲେଶ୍ୱର ସହରରେ ପୁଣିଥରେ ଲୁଟ୍ ଘଟଣା ଚର୍ଚ୍ଚାକୁ ଆସିଛି। ଅଜଣା ଦୁର୍ବୃତ୍ତମାନେ ଅସ୍ତ୍ର ଦେଖାଇ ଜଣେ ଯୁବକଙ୍କଠାରୁ ଟଙ୍କାଭର୍ତ୍ତି ବ୍ୟାଗ୍ ଛଡ଼ାଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ପୁଲିସ ସୂଚନା ଅନୁସାରେ, ସହଦେବଖୁଣ୍ଟା ଥାନା ମହର୍ଷିନଗରର ଜୟକୁମାର ଆଚାର୍ଯ୍ୟ ବୈଶିଙ୍ଗାରେ ମାର୍ବଲ ଖାଲିକରି ଘରକୁ ଫେରୁଥିଲେ। ପ୍ରାୟ ୧ଟା ସମୟରେ ଫୁଲାଡ଼ି ଛକ ନିକଟରେ କିଛି ଅଜଣାବ୍ୟକ୍ତି ତାଙ୍କ ଗାଡ଼ିକୁ ଅଟକାଇ ଥିଲେ। ସେମାନେ ଜୟ କୁମାରଙ୍କୁ ଗାଳିଗୁଲଜ କରିବା ସହ ସେମାନେ ମାରଣାସ୍ତ୍ର ଦେଖାଇ ତାଙ୍କ ପାଖରେ ଥିବା ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ନେଇଥିଲେ। ସେହି ବ୍ୟାଗ୍ ଭିତରେ ୭୦ ହଜାର ଟଙ୍କା ଥିବା କୁହାଯାଇଛି। ଘଟଣା ପରେ ଜୟକୁମାର ଦୁର୍ବୃତ୍ତ ମାନଙ୍କ ଗାଡ଼ିକୁ ପିଛା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନଙ୍କୁ ଧରିପାରିନଥିଲେ। ପରେ ସେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ସୂତ୍ର ଆଧାରରେ ଦୁର୍ବୃତ୍ତମାନଙ୍କୁ ଧରିବାକୁ ପୁଲିସ ଚେଷ୍ଟା କରୁଛି।

# ବୈଦ୍ୟୁତିକ ସୁରକ୍ଷା ଉତ୍କର୍ଷତା ପାଇଁ ଓଏଚଏସଏସଏଆଇ ସୁରକ୍ଷା ପୁରସ୍କାରରେ ଟିପିଏନଓଡିଏଲ ସମ୍ମାନିତ




ବାଲେଶ୍ୱର, (ସବ୍ୟୁ) : ବିଦ୍ୟୁତ ସୁରକ୍ଷା ହେଉଛି ଟିପିଏନଓଡିଏଲର ମୂଳମନ୍ତ୍ର। ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରରେ ଟିପିଏନଓଡ଼ିଏଲ ଅଗ୍ରାଧିକାର ପୂର୍ବକ ବହୁବିଧ କାର୍ଯ୍ୟକ୍ରମ ଜାରି ରଖିଛି । ଏହି ପରିପ୍ରେକ୍ଷୀରେ ଗୋଆରେ ଅନୁଷ୍ଠିତ ୧୦ମ ବାର୍ଷିକ ଓଏଚଏସଏସଏଆଇ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ (ଏଚଏସଇ) ଉତ୍କର୍ଷତା ଏବଂ ଇଏସଜି ଗ୍ଲୋବାଲ୍ ପୁରସ୍କାର ୨୦୨୬ରେ ଟିପିଏନଓଡ଼ିଏଲ ୬-ତାରକା ମୂଲ୍ୟାଙ୍କନ ସହିତ ଓଏଚଏସଏସଏଆଇ ସୁରକ୍ଷା ପୁରସ୍କାର (ସ୍ୱର୍ଣ୍ଣ ବର୍ଗ)ରେ ସମ୍ମାନିତ ହୋଇଛି । କମ୍ପାନୀର ମଜବୁତ ସୁରକ୍ଷା ନୀତି ତଥା ପାରିବେଶିକ, ସାମାଜିକ ଏବଂ ସୁଶାସନ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟିପିଏନଓଡ଼ିଏଲକୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହା ସହିତ, ଟିପିଏନଓଡ଼ିଏଲର ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ରଙ୍କୁ ସଂସ୍ଥାରେ ସୁରକ୍ଷା ସର୍ବୋପରି କାର୍ଯ୍ୟସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ବୈଦ୍ୟୁତିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ ଇଏଚଏସ ମେଣ୍ଟର ଆୱାର୍ଡରେ ମଧ୍ୟ ପୁରସ୍କୃତ କରାଯାଇଛି ।ଏହି ଅବସରରେ ଟିପିଏନଓଡ଼ିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କମ୍ପାନୀର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ପ୍ରଦାନ କରିବା ସହ ସୁରକ୍ଷା ନେଇ ସମସ୍ତ ପ୍ରଚେଷ୍ଟାକୁ ଆହୁରି ବଳବତ୍ତର କରିବାପାଇଁ ଉତ୍ସାହିତ କରିଛନ୍ତି ଓ ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା ନେଇ ସଂସ୍ଥା ପକ୍ଷରୁ ବହୁବିଧ ପଦକ୍ଷେପ ନିଆଯାଉଥିବାବେଳେ କାର୍ଯ୍ୟକ୍ଷେତ୍ରରେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ତଥା ସୁରକ୍ଷା ପ୍ରଣାଳୀର କଡାକଡି କାର୍ଯ୍ୟାନ୍ୱୟନ, ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି ସେ କହିଛନ୍ତି ଓ ବୈଦ୍ୟୁତିକ ସୁରକ୍ଷା ନେଇ ସଚେତନତା ବ୍ୟାପକ କରିବା ଓ ଧନଜୀବନ ହାନିକୁ ରୋକିବା ଦିଗରେ ଟିପିଏନଓଡ଼ିଏଲର ବିଭିନ୍ନ ଜନହିତକାରୀ କାର୍ଯ୍ୟକ୍ରମ ଜାରି ରହିଛି। ସେହିପରି ଗ୍ରୀଷ୍ମ ଋତୁରେ ଏସି, ଫ୍ରିଜ, କୁଲର ଆଦି ଉଚ୍ଚ କ୍ଷମତା ଯୁକ୍ତ ବିଦ୍ୟୁତ୍ ଉପକରଣର ବ୍ୟବହାର ପୂର୍ବରୁ ଏହାକୁ ଅଧିକୃତ ଇଲେକ୍ଟ୍ରିସିଆନଙ୍କ ଦ୍ୱାରା ଯାଞ୍ଚ କରାଇବାକୁ ଟିପିଏନଓଡ଼ିଏଲ ଉପଭୋକ୍ତାଙ୍କୁ ପରାମର୍ଶ ଦେବା ସହିତ ଘରେ ଏମସିବି ଏବଂ ଇଏଲସିବି ଲଗାଇବା ପାଇଁ ମଧ୍ୟ କହିଛି। ବିଜୁଳିର ଅଯଥା ଅପଚୟକୁ ରୋକିବା ସହ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ମରାମତି ନ କରି ଟିପିଏନଓଡ଼ିଏଲ କାର୍ଯ୍ୟାଳୟ ଓ ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୮୮ରେ ଯୋଗାଯୋଗ କରିବା ପାଇଁ ସମସ୍ତ ଉପଭୋକ୍ତାଙ୍କୁ ସଂସ୍ଥା ପକ୍ଷରୁ ପରାମର୍ଶ ଦିଆଯାଇଛି।

## ଶ୍ରୀରାମ ନବମୀ ମହୋତ୍ସବ-୨୦୨୬

# ବାଇକ୍ ଶୋଭାଯାତ୍ରା ସହ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷରେ ଉତ୍ସାହ ଓ ଉଦ୍ଦୀପନାରେ ପାଳନ



ଭଦ୍ରକ, (ସବ୍ୟୁ) : ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଂଚାୟତର ହସନପୁର ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଗୋ ମାତା ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠ ମନ୍ଦିରରୁ ଆଗତ ୬୦ରୁ ଉର୍ଦ୍ଧ୍ୱ ସାଧୁ ସନ୍ଥ ସନ୍ନ୍ୟାସୀ ଏବଂ ୫୦ରୁ ଉର୍ଦ୍ଧ୍ୱ ଗୋ ମାତାଙ୍କର ପୂଜନ କରାଯାଇଥିଲା। ପୂର୍ବାହ୍ନରେ ଗାନ୍ଧୀପଡ଼ିଆଠାରେ ଭୂମି ପୂଜନ ସରିବା ପରେ ସାଧୁ ସନ୍ଥଙ୍କୁ ସ୍ୱାଗତ କରି ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ସହର ମଧ୍ୟ ଦେଇ ଆରଡ଼ି ଛକ,ନଲାଙ୍ଗ ହୋଇ ହସନପୁର ଗ୍ରାମ ପରିକ୍ରମା କରି ପୂଜନ ସ୍ଥଳୀକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋମାତାଙ୍କୁ ପୂଜନ କରାଯିବା ସହିତ ହିନ୍ଦୁ ନବ ବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମ୍ମାନୀତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସାଧୁସନ୍ଥମାନେ ହସନପୁର ଗ୍ରାମରେ ପହଂଚିବା ପରେ ଗ୍ରାମର ମହିଳା ମାନେ ଫୁଲ,ଚନ୍ଦନ ଦେଇ ଶଙ୍ଖ ହୁଳୁ ହୁଳି ପକାଇ,କୀର୍ତ୍ତନ କରି ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇ ଯାଇଥିଲେ। ଶ୍ରୀରାମ ମହାଯଜ୍ଞ ସମିତିର ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ରାଜର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥମାନେ ଉକ୍ତ ସଭାରେ ଉପସ୍ଥିତ ରହି ଆର୍ଶିବଚନ ପ୍ରଦାନ କରିବା ସହ ଗୌରବ ମୟ ଭାରତୀୟ ସଂସ୍କୃତି,ପରମ୍ପରା ଓ ଗୋମାହାତ୍ମ୍ୟ ଏବଂ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ। ସାଧୁ ସନ୍ଥମାନଙ୍କ ମଧ୍ୟରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ସ୍ୱାମୀ ଦଣ୍ଡଧାରୀ ମହାରାଜ,ଚନ୍ଦନ ଶ୍ରୀ ମହାପାତ୍ର,ଗଙ୍ଗାରାମଦାସ ମହାରାଜ,ପ୍ରଦୀପ କୁମାର ନାୟକ ମହାରାଜ ଏବଂ ରବି ଦାସ ମହାରାଜ ହିନ୍ଦୁ ସମାଜ,ହିନ୍ଦୁତ୍ୱ,ହିନ୍ଦୁ ନବବର୍ଷ,ଗୋସେବା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀରାମ ମହାଯଜ୍ଞ ସମିତିର ବରିଷ୍ଠ ଉପଦେଷ୍ଟା ରାଜ୍ୟସଭା ସାଂସଦ ମନମୋହନ ସାମଲ,ସମିତିର ସଭାପତି ଆଇନଜୀବି ନିତ୍ୟାନନ୍ଦ ନାୟକ, ଉପସଭାପତି ତ୍ରିଲୋଚୋନ ନାୟକ,ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ,ସମ୍ପାଦକ ସ୍ୱାଧୀନସୁନ୍ଦର ଦାସ,ଆଇନଜୀବି ତୁଷାରକାନ୍ତ ଦାସ,ସ୍ୱରୂପାନନ୍ଦ ମହାପାତ୍ର,କୋଷାଧକ୍ଷ ନିରଞ୍ଜନ ସାହୁ,ସହ-କୋଷାଧକ୍ଷ ଶିବଶଙ୍କର ଦାସ,ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା,ଭଗବାନ ପଣ୍ଡା,କେନ୍ଦ୍ରୀୟ ଗୋ ପୂଜନ ସଂଯୋଜକ ରଘୁନାଥ ସାହୁ,ଡା.ଦେବରାଜ ପାତ୍ର,କେନ୍ଦ୍ରୀୟ ସମିତିର ବରିଷ୍ଠ ସଦସ୍ୟ କୈଳାସ ଦାସ,ବୃନ୍ଦାବନ ଜେନା,ରଞ୍ଜନ ବଳ,ବିଶ୍ୱରଞ୍ଜନ ଦାସ,ଶ୍ରୀକାନ୍ତ ଲେଙ୍କା,ମାନସ ବାରିକ,ବିମ୍ବାଧର ସେନାପତି,ପୁରୁଷୋତ୍ତମ ମହାନ୍ତି,ସଞ୍ଜୀବ ମହାନ୍ତି,ରଞ୍ଜିତ ମହାପାତ୍ର,ବସନ୍ତ ରାଉତ,ସମୀର ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହିଥିଲେ। ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ପରିଚାଳନାରେ ଅମୂଲ୍ୟ ନାୟକ,ସୁଧାକର ମହାପାତ୍ର,ବିଜୟ ଖିଲାର,ପୂର୍ଣ୍ଣଚନ୍ଦ୍ର ସେଠୀ,ଶାନ୍ତନୁ ମହାପାତ୍ର,ରାମଚନ୍ଦ୍ର ରାଉତ,ସୁରେଶ ସାମଲ,ମୁକ୍ତିକାନ୍ତ ସାହୁ,ପ୍ରସନ୍ନ ରାଉତ,ରବି ସାହୁ ପ୍ରମୁଖ ସହଯୋଗ କରିଥିଲେ। ସାଧୁସନ୍ଥଙ୍କ ସ୍ୱାଗତ ପରିପ୍ରେକ୍ଷୀରେ ହୋଇଥିବା ୨ହଜାରରୁ ଉର୍ଦ୍ଧ୍ୱ ବିଶାଳ ବାଇକ୍ ଶୋଭାଯାତ୍ରାରେ ବିଭିନ୍ନ ଅନୁଷ୍ଠାନ,ସାମାଜିକ ସଂଗଠନ,ସଂଘର ବିବିଧ କ୍ଷେତ୍ର,କ୍ଲବ,ମେଢ଼ କମିଟିର ସଦସ୍ୟ ସାମିଲ ହୋଇଥିଲେ। ନାରାୟଣ ଖଟୁଆ,ସରୋଜ ରାଉତ,ଟୁକୁନା ସ୍ୱାଇଁ,ସୀତାରାମ ସେଠୀ,ରଶ୍ମିରଂଜନ ସାହୁ,ସନ୍ତୋଷ ଲେଙ୍କା,ଆନନ୍ଦ ଶଙ୍କର ଦାସ,ସୁଶାନ୍ତ ପଣ୍ଡା,ଜ୍ଞାନ ପାଣି,ବିଜୟ ଦାଶ,ଅମିତ୍ ମୁଖୀ,ଅପୂର୍ବ ବେହେରା, କାହ୍ନୁ ସାହୁ,ଚନ୍ଦନ ମହାପାତ୍ର,ମୁକେଶ ବାରିକ,ଦେବୀ ପ୍ରସାଦ ଦାସ,ପ୍ରିୟବ୍ରତ ଭୋଇ,ଜ୍ୟୋତି ପ୍ରକାଶ ସାହୁ,ଓଁକାର ମହାନ୍ତି,ଶ୍ୟାମ ମୁଣ୍ଡା ପ୍ରମୁଖ ବାଇକ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

**(ଶ୍ରୀମଦ୍‌ଭଗବଦ୍ ଗୀତା ୨/୬୩)**
**ସାଂଖ୍ୟଯୋଗଃ**
**ଶ୍ରୀଭଗବାନୁବାଚ**

**କ୍ରୋଧାଦ୍ଭବତି ସମ୍ମୋହଃ ସମ୍ମୋହାତ୍ ସ୍ମୃତିବିଭ୍ରମଃ ।**
**ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍ ପ୍ରଣଶ୍ୟତି ॥ ୬୩ ॥**

କ୍ରୋଧରୁ ସଦସତ୍ ବିଚାରଶକ୍ତିର ନାଶ ହୁଏ, ସେଥିରୁ ସ୍ମରଣଶକ୍ତିର ବିକାଶ ଏବଂ ସ୍ମରଶକ୍ତିର ବିନାଶରୁ ବୁଦ୍ଧି ବି ନଷ୍ଟ ହୁଏ । ବୁଦ୍ଧି ବିନିଷ୍ଟ ହେଲେ ପ୍ରାଣୀ ମୃତ ପରି ନିଶ୍ଚେଷ୍ଟ ହୁଏ ॥୬୩॥

# ରାଜ୍ୟସଭା ପାଇଁ କ୍ରସ ଭୋଟିଂ

ଗତ ରାଜ୍ୟସଭା ନିର୍ବାଚନରେ ଓଡ଼ିଶାରୁ ଚାରିଜଣ ପ୍ରାର୍ଥୀ ଖାଲି ପଡୁଥିବା ସ୍ଥାନକୁ ପୂରଣ କଲେ । ଯେଉଁ ନିର୍ବାଚନ ହେଲା, ସେଥିରେ ବିଜେଡି ଓ କଂଗ୍ରେସ ଦଳର ପ୍ରାୟ ୧୧ ଜଣ ବିଧାୟକ କ୍ରସ ଭୋଟିଂ କରି ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ଜୟଯୁକ୍ତ କରିବା ପରେ ବିଜେଡି ଓ କଂଗ୍ରେସ ଦଳ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଭାଳେଣି ପଡ଼ିଥିଲା । କେତେକ ବିଧାୟକଙ୍କୁ କଂଗ୍ରେସ ଦଳ ଓ ଆଉ କେତେଜଣ ବିଧାୟକଙ୍କୁ ବିଜେଡି କର୍ତ୍ତୃପକ୍ଷ ନିଲମ୍ବିତ କରିଛନ୍ତି । ଏଥିପାଇଁ ନିଲମ୍ବିତ ହୁଏତ କରାଯାଇଛି ଯେ ସେମାନେ ଦଳ ଛାଡି ସହଜରେ ଅନ୍ୟତ୍ର ଯାଇ ପାରିବେ ନାହିଁ । ଦଳ ବଦଳ କରିବାକୁ ହେଲେ ଦଳୀୟ ବିଧାୟକମାନଙ୍କର ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ଆବଶ୍ୟକ । କଂଗ୍ରେସ ଦଳ ପକ୍ଷରୁ ତିନି ଜଣ ବିଧାୟକଙ୍କୁ ନିଲମ୍ବିତ କରାଯାଇ ରାଜ୍ୟ ବିଧାନସଭାର ବାଚସ୍ପତିଙ୍କ ନିକଟକୁ ଏ ସଂକ୍ରାନ୍ତରେ ପତ୍ର ଲେଖାଯାଇଛି । ମାତ୍ର ବାଚସ୍ପତି ଏ ବିଷୟରେ ନିଷ୍ପତ୍ତି ନେଇ ପାରିବେ ନାହିଁ । ଏପରିକି ବିଳମ୍ବରେ ନିଷ୍ପତ୍ତି ନେଇପାରିବେ, ସେ ଅଧିକାର ତାଙ୍କର ରହିଛି । ଜଣେ ବିଧାୟକ ଭାବେ ବାଚସ୍ପତି ମଧ୍ୟ ନିଜେ ରାଜ୍ୟସଭା ନିର୍ବାଚନରେ ଭୋଟ ଦେଇ ପାରିଥାନ୍ତେ । ମାତ୍ର ସେ ନିଜ ପଦ ମର୍ଯ୍ୟାଦାକୁ ଜଗି ତାହା କରି ନାହାନ୍ତି । ଶୁଣାଯାଏ ଯେ ଗତ ଥର ଦିଲୀପ ରାୟ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ କୁଆଡେ ତତ୍କାଳୀନ ବାଚସ୍ପତି ତାଙ୍କୁ ଭୋଟ ଦେଇଥିଲେ ।

ଦଳ ବଦଳ ନିରୋଧ ଆଇନ (Anti Defection Law) ସଂସଦରେ ୧୯୮୫ ମସିହାରେ ପାରିତ ହୋଇଥିଲା । ସମ୍ବିଧାନର ୫୨ତମ ସଂଶୋଧନ ୧୯୮୫ରେ କରାଯାଇ ଥିଲା ଏବଂ ରାଷ୍ଟ୍ରପତି ଏହି ଆଇନରେ ୧୯୮୫ ଫେବୃଆରୀ ୧୫ରେ ମୋହର ମାରିଥିଲେ । ପୁଣି ଏହି ଆଇନକୁ ଆହୁରି ବଳଶାଳୀ କରାଯାଇଥିଲା । ସଂସଦ ବା ବିଧାନସଭାମାନଙ୍କରେ ଦଳ ବଦଳ କଲେ କିମ୍ବା ଦଳର ହ୍ୱିପକୁ ଅମାନ୍ୟ କଲେ ତାହା ପାଇଁ କଠୋର ବ୍ୟବସ୍ଥା ପାଇଁ ଆଉ ଏକ ସମ୍ବିଧାନ ସଂଶୋଧନ (୯୧ତମ ସଂଶୋଧନ ଆଇନ) ୨୦୦୩ରେ କରାଯାଇଥିଲା ।

**ପରେ ଦଳ ଇଚ୍ଛା କଲେ ତାଙ୍କୁ ଦଳରୁ ନିଲମ୍ବନ ବା ବହିଷ୍କାର କରି ପାରିବେ । ମାତ୍ର କ୍ରସ ଭୋଟର ବିଧାନସଭାରୁ ପଦଚ୍ୟୁତ ହୋଇଥିବାର ଦୃଷ୍ଟାନ୍ତ ନାହିଁ । ତେଣୁ କ୍ରସ ଭୋଟିଂ କରି ଆମର ବିଧାୟକମାନେ ଦଳକୁ ବା ଦଳୀୟ କର୍ତ୍ତୃପକ୍ଷଙ୍କୁ ଖାତିର କରି ନାହାନ୍ତି । ଦଳ ମଧ୍ୟ ସେମାନଙ୍କ ବିରୋଧରେ ସେପରି ଦୃଢ଼ ପଦକ୍ଷେପ ନେଇ ପାରିବେ ନାହିଁ । ୭୫ ବର୍ଷର ଗଣତନ୍ତ୍ର ପରେ ମଧ୍ୟ ଆମେ କେଉଁ ଆଡକୁ ଗତି କରୁଛୁଁ, ସେ ବିଷୟରେ ସମୀକ୍ଷା କରିବା କଥା ।**

ଉଲ୍ଲେଖନୀୟ ଯେ ସାଂସଦ ବା ବିଧାୟକମାନଙ୍କୁ ଦଳରୁ ନିଲମ୍ବନ ବା ବହିଷ୍କାର କରାଯାଇ ପାରିବ । ମାତ୍ର ଜଣେ ସାଂସଦ ବା ବିଧାୟକଙ୍କୁ ସଦସ୍ୟ ପଦରୁ ବହିଷ୍କାର କରାଯାଇ ପାରିବ ନାହିଁ । ସେମାନେ ଅସଂଲଗ୍ନ (Unattached) ସଦସ୍ୟ ଭାବରେ ସଂସଦରେ ବା ବିଧାନସଭାରେ ବସି ପାରିବେ । ସ୍ୱାଧୀନ ସାଂସଦ ବା ବିଧାୟକମାନେ ମଧ୍ୟ କୌଣସି ଦଳରେ ଯୋଗ ଦେଇ ପାରିବେ ନାହିଁ । ମାତ୍ର ସହାନୁଭୂତି ସହକାରେ ସେମାନେ ମଧ୍ୟ କୌଣସି ଦଳକୁ ନ ଯାଇ ସମର୍ଥନ ଜଣାଇ ପାରିବେ ବା ଦଳ ପକ୍ଷରେ ଭୋଟ ଦେଇ ପାରିବେ ।

ଦଳ ବଦଳ ନିରୋଧ ଆଇନ ସମ୍ବିଧାନରେ ଦଶମ ସୂଚୀ ଅନୁଯାୟୀ ବାଚସ୍ପତି ଅଯୋଗ୍ୟତା ସମ୍ପର୍କରେ ପଦକ୍ଷେପ ନେଇ ପାରିବେ । ନିଜେ ସାଂସଦ ବା ବିଧାୟକ ଚାହିଁଲେ ଦଳରୁ ଇସ୍ତଫା ମଧ୍ୟ ପ୍ରଦାନ କରି ପାରିବେ । ମାତ୍ର ବାଚସ୍ପତି ବା ଗୃହର ଅଧକ୍ଷଙ୍କ ନିଷ୍ପତ୍ତି ଉପରେ ବିଚାର ବିଭାଗ ସମୀକ୍ଷା ମଧ୍ୟ କରି ପାରିବେ । ସମ୍ବିଧାନର ଦଶମ ସୂଚୀ ଅନୁଯାୟୀ ଏପରି ବ୍ୟବସ୍ଥା ରହିଛି ।

୨୦୦୩ ମସିହାରୁ ରାଜ୍ୟସଭା ନିର୍ବାଚନରେ ଖୋଲାଖୋଲି ଭୋଟ ପ୍ରଦାନର ବ୍ୟବସ୍ଥା ହୋଇଛି । ଦଳୀୟ ଏଜେଣ୍ଟଙ୍କୁ ତାଙ୍କ ଭୋଟ ଦେଖାଇ ପାରିବେ । ପରେ ଦଳ ଇଚ୍ଛା କଲେ ତାଙ୍କୁ ଦଳରୁ ନିଲମ୍ବନ ବା ବହିଷ୍କାର କରି ପାରିବେ । ମାତ୍ର କ୍ରସ ଭୋଟର ବିଧାନସଭାରୁ ପଦଚ୍ୟୁତ ହୋଇଥିବାର ଦୃଷ୍ଟାନ୍ତ ନାହିଁ । ତେଣୁ କ୍ରସ ଭୋଟିଂ କରି ଆମର ବିଧାୟକମାନେ ଦଳକୁ ବା ଦଳୀୟ କର୍ତ୍ତୃପକ୍ଷଙ୍କୁ ଖାତିର କରି ନାହାନ୍ତି । ଦଳ ମଧ୍ୟ ସେମାନଙ୍କ ବିରୋଧରେ ସେପରି ଦୃଢ଼ ପଦକ୍ଷେପ ନେଇ ପାରିବେ ନାହିଁ । ୭୫ ବର୍ଷର ଗଣତନ୍ତ୍ର ପରେ ମଧ୍ୟ ଆମେ କେଉଁ ଆଡକୁ ଗତି କରୁଛୁଁ, ସେ ବିଷୟରେ ସମୀକ୍ଷା କରିବା କଥା ।

**ଯେପରି କେତେଗୁଡ଼ିଏ ବିନ୍ଦୁର ସମଷ୍ଟିରେ ସମୁଦ୍ରର ସୃଷ୍ଟି ସେହିପରି ଆମ୍ଭେମାନେ ଜଣ ଜଣଙ୍କ ସହ ମିତ୍ରତା ସ୍ଥାପନ କରି ମିତ୍ରତାର ସାଗର ହୋଇ ପାରିବୁ । ଜଗତର ପ୍ରତ୍ୟେକ ବ୍ୟକ୍ତି ଅପର ପ୍ରତି ମିତ୍ରଭାବ ପୋଷଣ କରି ଜୀବନ ଯାପନ କଲେ ଜଗତର ରୂପ ବଦଳି ଯାଆନ୍ତା ।**

*(ମହାତ୍ମା ଗାନ୍ଧି)*

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଉପଯୁକ୍ତ ନ୍ୟାୟର ପରିଭାଷା



## ଗଜାନନ ମିଶ୍ର

ହିମାଚଳ ପ୍ରଦେଶର ନ୍ୟାୟିକ ଅଦାଲତ କୋଠାଘର ଭିତ୍ତିଭୂମି ସ୍ଥାପନବେଳେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ବକ୍ତବ୍ୟ- 'ଡାକ୍ତରଖାନା ପରି ସେବା ମନୋବୃତ୍ତି ବିଚାର ପ୍ରକ୍ରିୟାରେ ରହିବା ନିହାତି ଆବଶ୍ୟକ ।' ଜନସାଧାରଣଙ୍କ ମନୋଭାବକୁ ପ୍ରକାଶ କରିଥିବାରୁ ବହୁତ ଧନ୍ୟବାଦ ପ୍ରଧାନ ବିଚାରପତିଙ୍କୁ । ଭାରତୀୟଙ୍କ ହୃଦ୍ ସ୍ପନ୍ଦନ ଅନୁଭବ କରିପାରିଛନ୍ତି ସେ । ଆଫ୍ରିକାର ଲୋକଗଳ୍ପଟିଏ ମନେପଡୁଛି- 'ମୃଗଟିଏକୁ ବହୁତ ବେଗରେ ଦୌଡି ପଳାଉଥିବା ଦେଖି ହାତୀ ପଚାରିଲା, 'ଆରେ ଆରେ ମୃଗ, ଏତେ ଜୋରରେ କେଉଁଆଡେ କାହିଁକି ଦୌଡି ପଳାଉଛୁ !' ମୃଗ କହିଲା, ମେଣ୍ଢାଙ୍କୁ ମାରିବାକୁ ଆଦେଶ ଅଛି, ଚାରିଆଡେ ଆରକ୍ଷୀଦଳ ବ୍ୟାପି ରହିଛନ୍ତି' । ଏହାଶୁଣି ହାତୀ ଆଶ୍ଚର୍ଯ୍ୟ ହୋଇ କହିଲା, 'ତୁ ତ ମେଣ୍ଢା ନୁହଁ' । ସେଇଟା ଠିକ୍ । କିନ୍ତୁ ମୁଁ ମେଣ୍ଢା ନୁହଁ ବୋଲି ପ୍ରମାଣ କରିବାକୁ ମତେ କୋଡିଏ ବର୍ଷ ଲାଗିଯିବ, ତେଣୁ ଜୋରରେ ଦୌଡି ପଳାଉଛି' । ଏହା ଶୁଣିଲାମାତ୍ରେ ହାତୀ ବି ତା ପଛେ ପଛେ ଦୌଡି ଦୌଡି ପଳାଇବାରେ ଲାଗିଗଲା' ।

ଏ ଲେଖକଙ୍କ ଏକ ତିକ୍ତ ଅନୁଭୂତି ଏଠି ଉପସ୍ଥାପନ କଲେ ଅପ୍ରାସଙ୍ଗିକ ହେବ ନାହିଁ ନିଶ୍ଚୟ । ୧୯୮୬ ସେପ୍ଟେମ୍ବର ମାସର କଥା ।

କଣ୍ଟାବାଞ୍ଜି ରେଳ ଷ୍ଟେସନରୁ ଟିଟିଲାଗଡକୁ ଟିକଟ କାଟି ବୋକାରୋ-ମାଡ୍ରାସ ଟ୍ରେନରେ ଏ ଲେଖକ ଆସୁଥିଲେ । ଟିଟିଲାଗଡ ଫାଟକରେ ଟ୍ରେନ ଅଚାନକ ଅଟକିବାରୁ ଏ ଲେଖକ ଟ୍ରେନରୁ ଓହ୍ଲାଇପଡିଲେ କଣ ହୋଇଛି ଜାଣିବା ଇଚ୍ଛାରେ । ପଛପଟୁ ଖପ୍ କିନା ଜଣେ ଭ୍ରାମ୍ୟମାଣ ରେଳବାଇ ପୋଲିସ ହାତ ଧରି ପକାଇଲେ ଓ ଚାଲନ୍ତୁ କହି ପୁଣି ଟ୍ରେନ ଉପରକୁ ଚଢାଇନେଲେ । ଏ ଲେଖକ କିଂ କର୍ତ୍ତବ୍ୟ ବିମୂଢ ଭଳି ଚଢିଗଲେ । ଟିଟିଲାଗଡ ଜଙ୍କସନରେ ସେ ପୋଲିସ ମହାଶୟ ଆଉ କେତେକ ପୋଲିସ କର୍ମଚାରୀଙ୍କୁ ଡାକି ଆଉ ଚାରି/ପାଞ୍ଚଜଣ ରେଳବାଇ ଥାନାରେ ହାଜର କରାଇଦେଲେ । ଘଟଣା କଣ? ପଚାରି ବୁଝିଲାବେଳକୁ ଚେନପୁଲିଂ ମାମଲା । ଯେହେତୁ ଆମେ ଟ୍ରେନରୁ ଓହ୍ଲେଇପଡିଲୁ ଆମକୁ ଆସାମୀ ଭାବି ପୋଲିସ ଧରିଛି । ବାଃରେ? କାରଣ, ବର୍ଷ ଶେଷକୁ କେତେ ମାମଲା କିଏ ଦେଲା ତାଙ୍କର ଲେଖାହେବା କଥା । ଆମକୁ କୁହାଗଲା ଫାଇନ ବୁଝେଇ ଦିଅନ୍ତୁ ଓ ଯାଆନ୍ତୁ । କହିଲି, ଦୋଷ ଆଦୌ କରି ନି, ଦଣ୍ଡ କିଆଁ ପାଇବି ? ମତେ କୁହାଗଲା, ଯଦି ଲଢିବେ ଆଠ/ଦଶ ବର୍ଷ ଲମ୍ବିଯିବ । ବାଧ ହୋଇ ମୁଣ୍ଡ ନୁଆଁଇଥିଲି ସେଦିନ ।

ଆଉ ଆଜି! ଡିଜିଟାଲ ଯୁଗରୁ ଏ ଆଇ ଆସିଲାଣି । କୁହାଯାଉଛି ତ୍ୱରିତ ନ୍ୟାୟ ପାଇଁ ଏ ଆଇ ଅପରିହାର୍ଯ୍ୟ । ଦୁରୁପଯୋଗ କିନ୍ତୁ କାହିଁରେ କଣ! ଏ ଆଇ ପାଇବ କୋଉଠୁ ମାନବିକତା, ଦୟା, କ୍ଷମା ! ପାରିବ କି ଦେଇ ଆଇନ ସେବା ! ସନ୍ଦେହ ପ୍ରଚୁର । ସମ୍ବେଦନଶୀଳତା ଆସିବ କୁଆଡୁ ? ଆଉ ଏହାର ଅଭାବରେ ନ୍ୟାୟିକ କ୍ଷମତା କେମିତି ବୃଦ୍ଧି ପାଇବ ! ଏ ଆଇ ବା କୃତ୍ରିମ ବୁଦ୍ଧିମତ୍ତା ପ୍ରକୃତିରୁ ନା କିଛି ପାଇବ ନା ପ୍ରକୃତିର ସନ୍ତାନକୁ କଣ ସେମିତି ପ୍ରଦାନ କରିବ ! ପ୍ରତିଟି ମାମଲା ଅଲଗା ଅଲଗା, ତଥ୍ୟ ସଂଗ୍ରହ, ବିଶ୍ଳେଷଣ, ସମସ୍ୟାର ସମାଧାନ ଅଲଗା ଅଲଗା । ବିଚାରପତିଙ୍କ ମୁଣ୍ଡ ଖେଳେଇ ନ ହେଉଥିଲାବେଳେ କୃତ୍ରିମ ବୁଦ୍ଧିମତ୍ତା ଯେ ପାରିବ ଏ ବିଶ୍ୱାସ ଆସୁ ନି ।

**ଡିଜିଟାଲ ଯୁଗରୁ ଏ ଆଇ ଆସିଲାଣି । କୁହାଯାଉଛି ତ୍ୱରିତ ନ୍ୟାୟ ପାଇଁ ଏ ଆଇ ଅପରିହାର୍ଯ୍ୟ । ଦୁରୁପଯୋଗ କିନ୍ତୁ କାହିଁରେ କଣ! ଏ ଆଇ ପାଇବ କୋଉଠୁ ମାନବିକତା, ଦୟା, କ୍ଷମା ! ପାରିବ କି ଦେଇ ଆଇନ ସେବା ! ସନ୍ଦେହ ପ୍ରଚୁର । ସମ୍ବେଦନଶୀଳତା ଆସିବ କୁଆଡୁ ? ଆଉ ଏହାର ଅଭାବରେ ନ୍ୟାୟିକ କ୍ଷମତା କେମିତି ବୃଦ୍ଧି ପାଇବ ! ଏ ଆଇ ବା କୃତ୍ରିମ ବୁଦ୍ଧିମତ୍ତା ପ୍ରକୃତିରୁ ନା କିଛି ପାଇବ ନା ପ୍ରକୃତିର ସନ୍ତାନକୁ କଣ ସେମିତି ପ୍ରଦାନ କରିବ ! ପ୍ରତିଟି ମାମଲା ଅଲଗା ଅଲଗା, ତଥ୍ୟ ସଂଗ୍ରହ, ବିଶ୍ଳେଷଣ, ସମସ୍ୟାର ସମାଧାନ ଅଲଗା ଅଲଗା । ବିଚାରପତିଙ୍କ ମୁଣ୍ଡ ଖେଳେଇ ନ ହେଉଥିଲାବେଳେ କୃତ୍ରିମ ବୁଦ୍ଧିମତ୍ତା ଯେ ପାରିବ ଏ ବିଶ୍ୱାସ ଆସୁ ନି ।**

ଥରେ ଗୋଟିଏ ପାରିବାରିକ ମାମଲାରେ ବିଚାରପତି ଦେଖିଲେ ଯେ କୋଡିଏ ବର୍ଷ ଗଡିଚାଲିଛି । ରାଗି ଯାଇ ବିବାହ ବିଚ୍ଛେଦ ପାଇଁ ଆଦେଶ ଦେଇଦେଲେ । କିନ୍ତୁ ଏତେ ବର୍ଷ ପରେ ସ୍ୱାମୀ-ସ୍ତ୍ରୀ ପରସ୍ପରକୁ ଦେଖି ପୁଣି ଯେ ମିଳନ ହେବାକୁ ବ୍ୟାକୁଳ, ବୁଝି ପାରିଲେ ନାହିଁ । ବିବାହ ବିଚ୍ଛେଦ ଆଦେଶ ଶୁଣିଲା ମାତ୍ରେ ସ୍ୱାମୀ ନିଜ ସ୍ତ୍ରୀର ହାତ ଧରି ଟାଣି ନେଲା ଆଉ ଗାଡି ପଛପଟେ ବସାଇ ଅଦାଲତରୁ ପଳାଇଗଲା । ମୂଲ୍ୟହୀନ ହୋଇଗଲା ଆଦେଶ । ଅନ୍ୟଏକ ପାରିବାରିକ ମାମଲାରେ ସ୍ତ୍ରୀକୁ ମାମଲାର ଶେଷଯାଏଁ ଭରଣ ପୋଷଣ ଦେବାକୁ ଆଦେଶ ଦେଲେ । ମାମଲାଟି ଆପୋଷ ସମାଧାନ ଆଡକୁ ଯାଉଥିଲା । ଆଦେଶ ପାଇଲାକ୍ଷଣି ସ୍ୱାମୀ ଏକକାଳୀନ ଦଶ ଲକ୍ଷ ଗଣି ଦେଇ ସ୍ତ୍ରୀ ସହିତ ସବୁ ସଂପର୍କ କାଟିଦେଲା ଚିରଦିନ ପାଇଁ । ଏମିତି ବେଳେବେଳେ ବିଚାରପତିଙ୍କ ଆଦେଶ/ରାୟ ସମାଜରେ ନକାରାତ୍ମକତାର କାରଣ ହେଉଛି । କହିବାର କଥା ହେଉଛି ଅଦାଲତ ନ ହେଉ ଶୋଷଣର ଏକ ହତିଆର, ରହିଲେ ରହୁ ସ୍ତ୍ରୀର ରକ୍ଷାକବଚ ହୋଇଛ ଆପତ୍ତି କରିବାର ନାହିଁ । ନ ହେଲେ ସାମାଜିକ, ପାରିବାରିକ ଅସନ୍ତୁଳନ ହୋଇଯିବ । ଆୟ, ଅବସ୍ଥା ଦେଖି ଭରଣପୋଷଣ କିଏ କାହାକୁ ଦେବ, ଠିକ୍ ନିର୍ଣ୍ଣୟ କରୁ ଅଦାଲତ, ମନମାନି ନ କରୁ । ଆଇନ ଅନୁସାରେ ହେଉ । ଆଇନରେ କୌଣସି ଲିଙ୍ଗଭେଦ ନାହିଁ । ଭାବନାରେ ଆଦେଶ ଆସିବ କାହିଁକି ?

ସୁତରାଂ, ନ୍ୟାୟ ଦେବା ଗୋଟିଏ ସେବା ଅଟେ କହିବା ସତ୍ୟକୁ ସ୍ୱୀକାର କରିବା । ନ୍ୟାୟ ପ୍ରଦାନ ଦୟା ନୁହେଁ କି ନୁହେଁ ଅନୁକମ୍ପା । ସତ୍ୟକୁ ଖୋଜି ବାହାର କରିବା ନ୍ୟାୟାଳୟର ମୂଳ କାମ । କିନ୍ତୁ ଦେଖାଯାଉଛି ସତ୍ୟ ଦେଖି ଆଖି ବୁଜି ହେଉଛି । ନର୍ଦୋଷକୁ ଦଣ୍ଡ ମିଳୁଛି ଆଉ ଦୋଷୀ କରୁଛି ବାହାରେ ମସ୍ତି । ଏହା ହିଁ ସମାଜର ଅଧପତନ ପାଇଁ କାରଣ । ଆଇନର ଶାସନ ପାଇବା ହେଉଛି ଏକ ମୌଳିକ ଅଧିକାର । ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ନ୍ୟାୟ ସହଜ ସୁଲଭ ହେଉ, ସମସ୍ତଙ୍କ ହାତରେ ମିଳୁ, ଉଚ୍ଚ / ଉଚ୍ଚତମ ନ୍ୟାୟାଳୟକୁ ଯିବାକୁ ନ ପଡୁ । ଜିଲ୍ଲାସ୍ତରରେ ସମସ୍ତ ବିଚାରପତି ସଚେତନ ନ ରହିଲେ ପ୍ରଧାନ ବିଚାରପତିଙ୍କ ବକ୍ତବ୍ୟର କିଛି ମାନେ ରହିବ ନାହିଁ । ଏଣୁ ନ୍ୟାୟାଳୟ ସହିତ ସମସ୍ତେ ସଜାଗ ରହିବା ଉଚିତ ।

**ତପୋବନ, ଟିଟିଲାଗଡ, ବଲାଙ୍ଗିର**
**ମୋ-୯୪୩୭୩୬୬୬୪୪**

# ଆମ ପଖାଳର ବୈଶିଷ୍ଟ୍ୟ

## ସତ୍ୟକାମ ମହାନ୍ତି

ମାନବ ସଭ୍ୟତାରେ ଖାଦ୍ୟର ବିଶେଷତାକୁ ବୃଦ୍ଧି କରିବା ନିମିତ୍ତ ୨୦୧୧ ମସିହା ଠାରୁ ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୨୦ ତାରିଖରେ ପଖାଳ ଦିବସ ପାଳନ କରାଯାଉଅଛି । ଓଡିଶା ବାହାରେ ମଧ୍ୟ ପଖାଳର ଖାଦ୍ୟ ଗୁଣକୁ ପ୍ରୋତ୍ସାହିତ କରାଯାଉଛି ।

ଓଡ଼ିଶାରେ ମୁଖ୍ୟତଃ ପଖାଳ ଏକ ଖରାଦିନିଆ ଖାଦ୍ୟ । ଓଡିଶା ବାହାରେ ଏପରିକି ୟୁରୋପ, ଉତ୍ତର ଆମେରିକା ପ୍ରଭୃତି ରାଷ୍ଟ୍ରରେ ଜୁଲାଇ ମାସରେ ଖୁବ୍ ଗରମ ହୁଏ । ତେଣୁ ବିଦେଶରେ ପ୍ରତିବର୍ଷ ଜୁଲାଇ ମାସ ତେର ତାରିଖରେ ବିଶ୍ୱ ପଖାଳ ଦିବସ ପାଳନ କରାଯାଉଛି ।

ସେମାନଙ୍କ ପକ୍ଷେ ତାଙ୍କର ଜଳବାୟୁ ଦୃଷ୍ଟିରୁ ମାର୍ଚ୍ଚ ମାସରେ ଭୀଷଣ ଗରମ ହୁଏ ନାହିଁ । ତାରିଖ ଭିନ୍ନ ଭିନ୍ନ ହେଲେ ମଧ୍ୟ ସମଗ୍ର ବିଶ୍ୱରେ ପଖାଳ ଦିବସ ପାଳିତ ହେଉଛି ।

ଦଶମ ଖ୍ରୀଷ୍ଟାବ୍ଦରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରୀତିନୀତିରେ ପଖାଳ ସମ୍ପୃକ୍ତ । ସମସ୍ତ ଭକ୍ତ ପଖାଳକୁ ମହାପ୍ରସାଦର ଏକ ଅଙ୍ଗ ଭାବେ ଗ୍ରହଣ କରିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିରରେ ଜିଉମାନଙ୍କର ଉପଭୋଗ ନିମିତ୍ତ ଆଦରର ସହ ପଖାଳ ଭାତ ସମର୍ପିତ ହୋଇ, ମହାପ୍ରସାଦରେ ପରିଗଣିତ ହୁଏ । ଫଳରେ ପଖାଳର ଧାର୍ମିକ ଗୁରୁତ୍ୱ ବିଶେଷ ଭାବରେ ରହିଛି ।

ଏହା ସତ୍ୟ ଯେ, ପଖାଳର ସୃଷ୍ଟି ଓଡିଶାରୁ ହିଁ ହୋଇଅଛି । ସେଥି ନିମିତ୍ତ ପ୍ରଥମେ ଓଡ଼ିଶାରେ ମାର୍ଚ୍ଚ ମାସ କୋଡିଏ ତାରିଖରେ ପଖାଳ ଦିବସ ପାଳନ କରାଯାଇଆସୁଅଛି । ସମଗ୍ର ଓଡ଼ିଶାର ଜନସାଧାରଣ ଏହି ଦିବସକୁ ପାଳନ କରନ୍ତି ବିଶେଷତଃ ଭାରତ ଉପମହାଦେଶର ପୂର୍ବ ଭାଗରେ ତଥା ନେପାଳ ଏବଂ ମିଆଁମାର ବହୁସ୍ଥଳରେ ପଖାଳକୁ ଆଦରଣୀୟ ଖାଦ୍ୟ ଭାବରେ ଗ୍ରହଣ କରାଯାଇଛି ।

ମୋ ଦୃଷ୍ଟିରେ ପଖାଳ ଏକ ଆବେଗ, ସାଧାରଣତାର ଚିହ୍ନ, ଆରାମଦାୟକ ଓ ଓଡ଼ିଆ ପରମ୍ପରାର ଉଚ୍ଚ ନିଦର୍ଶନ । ବିଶେଷ ଭାବରେ ଗୃହରେ ଏହା ଆକର୍ଷଣ, ଯେଉଁ ଖାଦ୍ୟ କି କଠିନ ସମୟରେ ଉତ୍ତେଜନା ସୃଷ୍ଟି କରିବାରେ ସମର୍ଥ ଏବେ ମଧ୍ୟ ଓଡ଼ିଆମାନଙ୍କର ଅତିପ୍ରିୟ ଖାଦ୍ୟ ରୂପେ ଆମ ମା'ର ସ୍ନେହ ଓ ଆମ ସଂସ୍କୃତିର ନିର୍ଯ୍ୟାସକୁ ସ୍ମରଣ କରାଇଥାଏ ।

ମାର୍ଚ୍ଚ ଦଶ ତାରିଖକୁ ଓଡ଼ିଶାର ସ୍ୱତନ୍ତ୍ର ଅମ୍ଳଯୁକ୍ତ ଭାତ ବା ପଖାଳ ଭାବରେ ପାଳନ କରାଯାଉଛି । ରନ୍ଧା ଭାତରେ ପାଣି ମିଶାଇ ରାତ୍ରିରେ ରଖି ଗ୍ରୀଷ୍ମ ସମୟରେ ଖିଆଯାଏ, ଯାହାଦ୍ୱାରା ଶରୀର ଶୀତଳ ରହେ । ଏହି ଉତ୍ସବ ଶରୀରକୁ ସତେଜ କରୁଥିବା ପଖାଳ ଭାତର ବିଶେଷତ୍ୱ ଓ ଲୋକପ୍ରିୟତାକୁ ଓଡ଼ିଶା ବାହାରେ ପ୍ରଚାର କରି ତାହାର ପୃଷ୍ଟିକାରିତା ଓ ସାଂସ୍କୃତିକ ପ୍ରସିଦ୍ଧି ବିଷୟରେ ସଚେତନତା ଜାଗରଣ ନିମିତ୍ତ ଉଦ୍ଦିଷ୍ଟ ।

ଓଡ଼ିଶାର ଘରେ ଘରେ ପଖାଳର ବହୁକାଳରୁ ସାଂସ୍କୃତିକ ପ୍ରସିଦ୍ଧି ରହିଆସିଛି । ଏହା ଏକ ସାଧାରଣ ଖାଦ୍ୟ ନୁହେଁ ବରଂ ଏହି ଖାଦ୍ୟ ଓଡ଼ିଆମାନଙ୍କର ସରଳତା ଓ ବହୁକାଳରୁ ଗ୍ରହଣ କରୁଥିବା ପରମ୍ପରାର ପ୍ରତୀକ ।

ଏହା ଓଡ଼ିଶା ରାଜ୍ୟରେ ପ୍ରଥମେ ଗ୍ରହଣ କରାଯାଇ ପାରେ ବଙ୍ଗ, ଆସାମ ଓ ଛତିଶଗଡ଼ ପ୍ରଭୃତିକୁ ଯାଇଛି ଏହାର ଶରୀରକୁ ଶୀତଳ କରିବାର ଶକ୍ତି ଥିବାରୁ ବହୁଭାବରେ ଗ୍ରହଣ କରାଯାଇ ଓଡ଼ିଆ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇପାରିଛି ।

ବିଭିନ୍ନ ପ୍ରକାର ପଖାଳ :-

ପଖାଳକୁ ବିଭିନ୍ନ ଭାବରେ ପ୍ରସ୍ତୁତ କରି ଗ୍ରହଣ କରାଯାଇଥାଏ । ଜୀରା ପଖାଳ – ପଖାଳରେ ଜୀରା ଓ ଲୁଣ ଦେଇ ପ୍ରସ୍ତୁତ ହୁଏ । ଦହି ପଖାଳ – ତୀବ୍ର ଖଟା ସୁଗନ୍ଧନିମିତ୍ତ ପଖାଳରେ ଦହି ମିଶ୍ରିତ ହୁଏ । ସଜ ପଖାଳ – ଭାତକୁ ପାଣିରେ ମିଶାଇ ବିନା ଅମ୍ଳଯୁକ୍ତ ଭାବରେ ପ୍ରସ୍ତୁତ ହୁଏ । ବାସୀ ପଖାଳ – ରାତିସାରା ପଖାଳ ଭାତକୁ ରଖି ପରେ ସ୍ୱତନ୍ତ୍ର ସ୍ୱାଦ ପାଇଁ ପ୍ରସ୍ତୁତ । ଚିପୁଡା ପଖାଳ – ପଖାଳକୁ ଚିପୁଡ଼ି ଦେବା ପରେ, ତା ସହିତ ବିଭିନ୍ନ ପରିବା ସିଝା ।

ପଖାଳର ସ୍ୱାସ୍ଥ୍ୟଗତ ଉପକାରିତା- ଗ୍ରୀଷ୍ମ ସମୟରେ ଦେହର ତାପକୁ କମ କରି ଶୀତଳ କରିବା ଓ ଦେହରେ ଜଳୀୟ ଅଂଶକୁ ବଢ଼ାଇବାରେ ପଖାଳ ଭାତ ସେବନ ଉପକାରୀ ।

ପଖାଳ ଭାତର ଅମ୍ଳଯୁକ୍ତ ଅଂଶ ଦେହରେ ସକାରତ୍ମକ ବ୍ୟାକ୍ଟେରିଆ ସୃଷ୍ଟି ହୁଏ ଓ ଖାଦ୍ୟ ସହଜରେ ହଜମ ହୋଇଯାଏ ।

ଦେହର ସର୍ବାଙ୍ଗୀନ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ପଖାଳରେ ଥିବା ଭିଟାମିନ ଓ ଧାତୁ ବହୁ ଉପକାରୀ, ଦେହର ପ୍ରତିଷେଧକ ଶକ୍ତି ଅମ୍ଳଯୁକ୍ତ ପଖାଳ ଖାଇବା ଦ୍ୱାରା, ସେଥିରେ ଥିବା ପ୍ରୋବାଇଟିକ୍ସ ଯୋଗୁଁ ଦୃଢ ହୋଇଥାଏ ।

ପଖାଳ ଦିବସରେ ଘରେ ଘରେ ଓ ଭୋଜନାଳୟଗୁଡିକରେ କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ପ୍ରକାର ପଖାଳ ପ୍ରସ୍ତୁତ କରାଯାଏ । ଲୋକମାନେ ପଖାଳ ଭାତକୁ ବହୁତ ଭଲ ପାଉଥିବାରୁ ତାଙ୍କର ଖାଦ୍ୟ ଗ୍ରହଣ କରିବାର ଆନନ୍ଦ ଗଣମାଧମ ବା ସାମାଜିକ ଗଣମାଧମରେ ବହୁ ଚିତ୍ର ଓ ଖାଦ୍ୟର ପ୍ରଚାର ହେଉଛି ।

ଶ୍ରୀଜଗନ୍ନାଥ ମନ୍ଦିର, କେନ୍ଦ୍ରାପଡ଼ାର ବଳଦେବଜିଉ ମନ୍ଦିର, ବାଲେଶ୍ୱରର ଇମାମି ଜଗନ୍ନାଥ ମନ୍ଦିର, ଇଂକଡା ତଥା ପୃଥିବୀର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ପଖାଳ ଭୋଗ କରାଯାଏ । ଏହାଦ୍ୱାରା ଆଧାତ୍ମିକ ଭାବନାର ଉଦ୍ରେକ ହୁଏ । ଭକ୍ତମାନେ ମନ୍ଦିରରେ ପଂକ୍ତି ଭୋଜନ କରି ସମବେତ ଭାବରେ ପୁଷ୍ଟିକର ପଖାଳ ସେବନରେ ଆନନ୍ଦ ଲାଭ କରନ୍ତି ।

**ଉପସଭାପତି**
**ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ, ଭୁବନେଶ୍ୱର**
**ମୋ-୮୦୯୩୩୪୬୫୪୮**

# କିସ୍ - ଯେଉଁଠି ମାନବତା ହେଉଛି ମନ୍ଦିର



## ପ୍ରମୋଦ ମହାନ୍ତି

ମନ୍ଦିର କହିଲେ ଆମେ ସାଧାରଣତଃ ଦେବାଦେବୀଙ୍କ ପୂଜାସ୍ଥଳକୁ ବୁଝୁ । କିନ୍ତୁ ଆଜିର ଯୁଗରେ ଏମିତି କିଛି ସ୍ଥାନ ରହିଛି, ଯେଉଁଠାରେ ଦେବତା ରୂପେ ପୂଜା ହୁଏ ମାନବତା । ସେଠାରେ ସେବା ହେଉଛି ସର୍ବୋଚ୍ଚ ଧର୍ମ । ସେହିପରି ଏକ ଅଦ୍ୱିତୀୟ ସ୍ଥାନ ହେଉଛି କିସ୍, ଯାହାକୁ ପ୍ରତିଷ୍ଠା କରିଛନ୍ତି ସମାଜସେବୀ ଶିକ୍ଷାବିତ ଡଃ ଅଚ୍ୟୁତ ସାମନ୍ତ । ଅନ୍ୟ ଭାବେ ଯଦି ଅନୁଭବ କରିବା ତେବେ

ଏହି କିସ୍ କେବଳ ଏକ ଶିକ୍ଷା ପ୍ରତିଷ୍ଠାନ ନୁହେଁ ଏହା ଏକ ଜୀବନ୍ତ ମନ୍ଦିର ସଦୃଶ, ଯେଉଁଠାରେ ଦିନ ରାତି ଚାଲିଥାଏ ମାନବ ସେବାର ଯଜ୍ଞ ।

ସେଥିପାଇଁ ଦରିଦ୍ରତାରୁ ଦେବତ୍ୱ ପର୍ଯ୍ୟନ୍ତ ଶ୍ରୀ ଅଚ୍ୟୁତ ସାମନ୍ତଙ୍କ ଜୀବନ କାହାଣୀ ଏକ ଉପନ୍ୟାସ ଠାରୁ କମ୍ ନୁହେଁ । କଷ୍ଟ ଓ ସଂଘର୍ଷ ମଧ୍ୟରେ ଶିକ୍ଷା ଅର୍ଜନ କରି ସେଥିରୁ ସୃଷ୍ଟି ହୋଇଥିବା ଅନୁଭବ ତାଙ୍କୁ ଜଣାଇଲା ଯେ ଦରିଦ୍ରତା କେତେ ଭୟାବହ ଓ ଶିକ୍ଷା ତାହାର ଏକମାତ୍ର ମୁକ୍ତିପଥ ।

ସେ ନିଜ ଜୀବନର ସୁଖ ସୁବିଧାକୁ ପଛରେ ରଖି ଡକ୍ଟର ସାମନ୍ତ ନିଷ୍ପତ୍ତି ନେଲେ – ମୋର ସଫଳତା ମୋ ପାଇଁ ନୁହେଁ, ସମାଜ ପାଇଁ । ଯଥାର୍ଥରେ ଏହି ଭାବନା ତାଙ୍କୁ ସାଧାରଣ ମଣିଷରୁ ଅସାଧାରଣ ମାନବତାବାଦୀରେ ପରିଣତ କରିଥିଲା ।

କିସ୍ – ଯେଉଁଠାରେ ପ୍ରତ୍ୟେକ ଶିଶୁ ହେଉଛନ୍ତି ଦେବତା ।

ମନ୍ଦିରରେ ଯେପରି ଦେବତାଙ୍କୁ ପୂଜା କରାଯାଏ, ସେହିପରି କିସ୍‌ରେ ପ୍ରତ୍ୟେକ ଶିଶୁକୁ ଦେଖାଯାଏ ଦେବତାର ରୂପରେ । ଏଠାରେ କୌଣସି ଶିଶୁ ଧନୀ ଗରିବ କିମ୍ବା ପରିତ୍ୟକ୍ତ ନୁହେଁ-ସମସ୍ତେ ସମାନ ।

ଏଠାରେ ଶିକ୍ଷା କେବଳ ଲବ୍ଧ ଜ୍ଞାନ ନୁହେଁ ଏହା ଜୀବନ ଶିକ୍ଷା । ଏଠାରେ ଶିଶୁମାନେ ଶିଖନ୍ତି କିପରି ଭଲ ମଣିଷ ହୋଇ ସମାଜର ସେବା କରିବେ ।

ଶ୍ରୀ ସାମନ୍ତଙ୍କ ତ୍ୟାଗ ହିଁ ତାଙ୍କ ସଫଳତାର ମୂଳ ମନ୍ତ୍ର । ସେ କୁହନ୍ତି- ସଫଳତା ସହଜରେ ଆସେ ନାହିଁ । ଏହା ପଛରେ ରହିଥାଏ ଅସୀମ ତ୍ୟାଗ ଓ ପରିଶ୍ରମ । ତାଙ୍କର ଜୀବନ ଏହାର ସ୍ପଷ୍ଟ ଉଦାହରଣ ।

ସେ ନିଜର ବ୍ୟକ୍ତିଗତ ଜୀବନ, ସୁଖ,ଭୋଗ ସବୁକୁ ପଛରେ ପକାଇ ଲକ୍ଷ ଲକ୍ଷ ଶିଶୁଙ୍କ ଭବିଷ୍ୟତ ଗଢ଼ିବାରେ ନିଜକୁ ନିଯୁକ୍ତ କରିଛନ୍ତି । ଏହି ତ୍ୟାଗ ତାଙ୍କୁ ସାଧାରଣ ନେତା ନୁହେଁ, ବରଂ ଏକ ମହାନ ସେବକ ରୂପେ ପରିଚିତ କରାଇଛି ।

ଭାରତର ଅଦ୍ୱିତୀୟ ବିତ୍ତଶାଳୀ ମହିଳା ଶ୍ରୀମତୀ ନୀତା ଆମ୍ବାନୀ କିଟ ଓ କିସ ଆସି ତାଙ୍କର ଅନୁଭବ ପ୍ରକାଶ କରିଛନ୍ତି । ନୀତା ଆମ୍ବାନୀ କିସ୍ ପରିଦର୍ଶନ ସମୟରେ ଯେପରି ଶିଶୁମାନଙ୍କ



ସହ ମିଶିଗଲେ, ତାହା ପ୍ରମାଣ କରେ ଯେ ଏଠାରେ ଥିବା ପରିବେଶ ସତରେ କେତେ ଆତ୍ମୀୟ ଓ ପବିତ୍ର ।

ସେ ଶିଶୁମାନଙ୍କ ସହ ନାଚିଲେ, ଖେଳିଲେ, ସେମାନଙ୍କ ସହ ହସିଲେ-ଏହା ଏକ ଅସାଧାରଣ ଦୃଶ୍ୟ ଥିଲା । ଏହା ବୁଝାଏ ଯେ, ମାନବତାର ସମ୍ମୁଖରେ ସମସ୍ତ ପରିଚୟ ଛୋଟ ହୋଇଯାଏ ।

ଏହା ଏକ ସାମାଜିକ ବିପ୍ଳବ, ଯାହା ନିରବ ଭାବରେ ହେଉଥିଲେ ମଧ୍ୟ ତାହାର ପ୍ରଭାବ ଅତ୍ୟନ୍ତ ଗଭୀର ।

ଆଶ୍ଚର୍ଯ୍ୟ ସାମନ୍ତ – ହେଉଛି ଉପାଧି । ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟ ଦେଖି ଅନେକେ ତାଙ୍କୁ ଆଶ୍ଚର୍ଯ୍ୟ ସାମନ୍ତ ବୋଲି କହୁଛନ୍ତି । ଏହା କେବଳ ଏକ ଉପାଧି ନୁହେଁ, ବରଂ ତାଙ୍କ ଅପୂର୍ବ ସାଧନାର ସିଦ୍ଧି ।

ମନ୍ଦିରର ନୂଆ ପରିଭାଷା

ଆଜିର ଯୁଗରେ ମନ୍ଦିର କେବଳ ପଥରର ଗୃହ ନୁହେଁ ଯେଉଁଠାରେ ମାନବତାର ସେବା କରାଯାଏ, ତାହା ହେଉଛି ସତ୍ୟର ମନ୍ଦିର । କିସ୍ ଏହାର ସର୍ବୋତ୍ତମ ଉଦାହରଣ ।

ଡଃ ସାମନ୍ତଙ୍କ ଏହି ମହାନ କାର୍ଯ୍ୟ ଆମକୁ ଶିଖାଏ ଯେ, ସତ୍ୟ ଓ ଧର୍ମ ହେଉଛି ମାନବ ସେବା । ସତ୍ୟର ପ୍ରକୃତ ପୂଜା ହେଉଛି ଦୁଃଖୀଙ୍କ ମୁହଁରେ ହସ ଫୁଟାଇବା ।

**୧୨ ଏ ଗଙ୍ଗା ପ୍ରସାଦ ମୁଖାର୍ଜୀ ରୋଡ,**
**ଭବାନୀପୁର,କୋଲକାତା**
**ମୋ- ୭୦୦୩୭୫୨୪୯୧**
**୯୪୩୩୨୮୮୫୬୨**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଯୁଦ୍ଧ ପ୍ରଭାବ...

ତେବେ ଇତିମଧ୍ୟରେ ଟଙ୍କାର ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ସର୍ବାନିମ୍ନ ସ୍ତରକୁ ଖସିଛି । ଏବେ ଭାରତ ପାଇଁ ମହଙ୍ଗ ହୋଇଛି । ଫଳରେ ତୈଳ କମ୍ପାନୀ ଗୁଡିକ ପ୍ରିମିୟର ପେଟ୍ରୋଲର ମୂଲ୍ୟକୁ ବୃଦ୍ଧି କରିଛନ୍ତି । ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲର ମୂଲ୍ୟକୁ ନିୟନ୍ତ୍ରଣ କରାଯାଇଛି । ତେବେ ନିୟମିତ ପେଟ୍ରୋଲରେ ମୂଲ୍ୟ ବୃଦ୍ଧି କରାଯାଇନାହିଁ । ତେବେ ଯେଉଁମାନେ ପ୍ରିମିୟର ପେଟ୍ରୋଲ ବ୍ୟବହାର କରିଛନ୍ତି ତାଙ୍କ ପାଇଁ ଏହା ମହଙ୍ଗା ହୋଇଛି ।

### ୨୨ ପର୍ଯ୍ୟନ୍ତ...

କାଳବୈଶାଖୀ ବର୍ଷା ଲାଗି ସତର୍କତା ଜାରି କରାଯାଇଛି । ଶନିବାର ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ କାଳବୈଶାଖୀ ଲାଗି ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ଦୁଇ ଜିଲ୍ଲାରେ ଘଡ଼ଘଡ଼ି ସହ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କିମି ରହିପାରେ । ଏହାସହ କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାରେ କାଳବୈଶାଖୀ ବର୍ଷା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି । ଏହିସବୁ ଜିଲ୍ଲାଗୁଡ଼ିକରେ ବିଜୁଳି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ରହିପାରେ । ସେହିଭଳି ୨୨ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ସତର୍କ ସୂଚନା ଦିଆଯାଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ନୟାଗଡ଼, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ କାଳବୈଶାଖୀ ବର୍ଷା ହୋଇପାରେ । ଏହିସବୁ ଜିଲ୍ଲାଗୁଡ଼ିକରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

### ଏସ୍‌ସିବି ନିଆଁ...

ଗୌରୀଶଙ୍କର ମାଝୀ, ଈରାଶିଷ ଆଚାର୍ଯ୍ୟ, ସନାତନ ବିଜୁଳି, ରୂପୁ ଭାତ୍ରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ବିଜେପି ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଯେଉଁମାନେ ବିଶ୍ୱସ୍ତରୀୟ ମେଡିକାଲ କଲେଜ ଲାଗି ଘୋଷଣା କରି ଅନ୍ଧାରରେ ରଖିଥିଲେ, ପରୋକ୍ଷରେ ସେମାନେ ହିଁ ଏସ୍‌ସିବି ନିଆଁ ଲାଗିବା ପାଇଁ ଦାୟୀ । ଓଡ଼ିଶାବାସୀଙ୍କ ସ୍ୱାସ୍ଥ୍ୟ ପାଇଁ ବିରୋଧୀମାନେ ଆଲୋଚନାକୁ ଆସନ୍ତୁ ବୋଲି ଅନୁରୋଧ କରିଥିଲେ ଶ୍ରୀ ତ୍ରିପାଠୀ । ସେପଟେ ବିରୋଧୀ ତାଙ୍କ ଜିଦ୍‌ରେ ଅଟଳ । ବିଜେଡି ସଭ୍ୟ ଯୋଗେଶ ସିଂ ଓ କଂଗ୍ରେସ ସଭ୍ୟ ନୀଳମାଧବ ହିକ୍କା ରିପୋର୍ଟର୍ସ ଟେବୁଲ ଉପରକୁ ଚଢ଼ିଯାଇଥିଲେ। ସେମାନେ ପୋଷ୍ଟର ଧରି ଟେବୁଲ ଉପରେ ପ୍ରଦର୍ଶନ କରିଥିଲେ । ବାଚସ୍ପତି ବିରୋଧୀ ସଭ୍ୟମାନଙ୍କୁ ଆଲୋଚନାରେ ଭାଗ ନେବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ । ଫଳରେ ଗୃହକୁ ୧୧.୪୬ରୁ ଦିନ ୧ଟା ପର୍ଯ୍ୟନ୍ତ ମୁଲତବୀ ସର୍ବଦଳୀୟ ବୈଠକ ଡାକିଥିଲେ ବାଚସ୍ପତି ସୁରମା ପାଢ଼ୀ । ସର୍ବଦଳୀୟ ବୈଠକରୁ କୌଣସି ନିଷ୍କର୍ଷ ନବାହାରିବାରୁ ଦିନ ୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା ।

ଅପରାହ୍ନ ୪ଟାରେ ବାଚସ୍ପତି ନିଜ ଆସନକୁ ଆସିବା କ୍ଷଣି ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟ ଗୃହ ମଧ୍ୟଭାଗରେ ଆସି ହଟ୍ଟଗୋଳ ଜାରି ରଖିଥିଲେ । ହଟ୍ଟଗୋଳ ମଧ୍ୟରେ ନିର୍ମାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଥିଲା । ଉଭୟ ବିରୋଧୀ ସଭ୍ୟମାନେ କକ୍ଷତ୍ୟାଗ କରିଥିବାବେଳେ ବିନା ବିରୋଧୀରେ ଖର୍ଚ୍ଚ ଦାବି ଆଗତ ହେବା ସହ ଗୃହୀତ ମଧ୍ୟ କରାଯାଇଥିଲ । ।

# ଆମ ସାମ୍ବାଦିକ ସଂଘ ତୃତୀୟ ବାର୍ଷିକ ଉତ୍ସବ

ବାସୁଦେବପୁର, (ସବ୍ୟୁ) : ସାମ୍ବାଦିକ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଖବର ପରିବେଷଣ ସମୟରେ ଦାୟିତ୍ୱ ବୋଧ ରହିବା ଆବଶ୍ୟକ । ଖବର ସବୁ ସମୟରେ ସତ୍ୟ ଓ ତଥ୍ୟ ଉପରେ ଆଧାରିତ ହେବା ଉଚିତ । ଖବର ସଂଗ୍ରହ ବେଳେ ଖବର ସତ୍ୟତା ପରଖିଲେ ନିର୍ଭୁଲ ଓ ନିରପେକ୍ଷ ହେବ ବୋଲି ବାସୁଦେବପୁରର ଆମ ସାମ୍ବାଦିକ ସଂଘର ତୃତୀୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ । ବାସୁଦେବପୁର ନୀଳମଣୀ ଟାଉନହଲ ପରିସର ମଧ୍ୟରେ ଅନୁଷ୍ଠିତ ସଭାର ଆମ ସାମ୍ବାଦିକ ସଂଘର ସଭାପତି କିଶୋର କୁମାର ମହାପାତ୍ର ସଭାପତିତ୍ୱରେ କରିଥିଲେ । ଆମ ସାମ୍ବାଦିକ ସଂଘର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ବୈଦ୍ୟୁତିକ ଗଣମାଧ୍ୟମର ଉପସ୍ଥାପକ ବିଙ୍ଚିନାରାୟଣ ଦାସ,ବରେଣ୍ୟ ଅତିଥି ଭାବେ ଏସୟୁଜେ ଓଡ଼ିଶାର ସଭାପତି କୈଳାସ ଚନ୍ଦ୍ର ନାୟକ,ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ଡ୍ରଡା)ହେମନ୍ତ କୁମାର ମହନ୍ତ,ବାସୁଦେବପୁର ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା,କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇ ସାମ୍ବାଦିକମାନେ ଏକତ୍ରୀତ ହୋଇ ନରହିଲେ ଅନ୍ୟମାନେ ତାର ସୁଯୋଗ ନେଉଛନ୍ତି । ସଙ୍ଗଠିତ ହେଲେ ସରକାର ସାମ୍ବାଦିକ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବାଧ ହେବେ । ଦୀର୍ଘ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ଥିବା ତିହିଡିର ଅଭୟ କୁମାର ପତି,ସୋର ଅଂଚଳର ସାମ୍ବାଦିକ ଅଭୟ କୁମାର ପତ୍ରୀ,ବାସୁଦେବପୁର ସାମ୍ବାଦିକ ପ୍ରଦୀପ୍ତ କୁମାର ମହାନ୍ତି,ପ୍ରଶାସନିକ କ୍ଷେତ୍ରରେ ନିଜର କର୍ତ୍ତବ ନିଷ୍ଠାର ନିଛକ ଉଦାହରଣ ସାଜିଥିବା ଓଡ଼ିଶା ପ୍ରଶାସନିକ ସେବାର ବାସୁଦେବପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ,ଡାକ୍ତର ମନୋଜ କୁମାର ମିଶ୍ର,ରାଜମିସ୍ତ୍ରୀ ନାରାୟଣ ବାରିକ ଓ ସୂର୍ଯ୍ୟକାନ୍ତ ମହାନ୍ତିଙ୍କୁ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ଅନୁଷ୍ଠାନର କୁନି କୁନି କଳାକାର ଓଡ଼ିଶାର ଲୋକ କଳା ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଉଡାନ୍ କଳା ଏକାଡ଼େମୀର ପରିଚାଳକ ରାଜେଶ କୁମାର ସାହୁ ସଂଯୋଜନା କରିଥିଲେ । ଆମ ସାମ୍ବାଦିକ ସଂଘର ବାର୍ଷିକ ମୁଖପତ୍ର ସାମ୍ବାଦିକର ସ୍ୱର ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା । ସଦସ୍ୟ ଅମୀୟ ଭୂଷଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆମ ସାମ୍ବାଦିକ ସଂଘର ସଦସ୍ୟ ରାଜୀବ କୁମାର ଦାସ,ମନୀନ୍ଦ୍ର ବିଶ୍ୱାଳ ଓ ସ୍ୱାଧିନ ଆଲୋକ ଡାଙ୍ଗୁଆ ସହଯୋଗ କରିଥିଲେ ।

## ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବିବାଦ ତୁଟିଲା

ଡେଲାଙ୍ଗ,(ସବ୍ୟୁ) : ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବିବାଦରେ ସୁପ୍ରିକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଯେତେବେଳେ ୨ ଜଣ ପ୍ରତିଦ୍ୱନ୍ଦୀ ଥିଲେ ସେତେବେଳେ ସାନି ନିର୍ବାଚନ ର ଆବଶ୍ୟକତା ନାହିଁ ବୋଲ ଦର୍ଶାଇ ପ୍ରତିଦ୍ୱନ୍ଦୀ କୁ ବିଜେତା ଘୋଷଣା କରିବ ।କୁ ସୁପ୍ରିକୋର୍ଟ ଆଦେଶ ଦେଇଛନ୍ତି ।ଓଡ଼ିଶା ହାକୋର୍ଟ ଦେଇଥିବା ର ।ୟକୁ ସୁପ୍ରିମ କୋର୍ଟ ରଦ୍ଦ କରିଦେଇଛନ୍ତି । ବିଚାରପତି ବିକ୍ରମ ନାଥ ଓ ସନ୍ଦିପ ମେହେଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଛନ୍ତି ।

ଅଧ୍ୟକ୍ଷାଙ୍କ ନିର୍ବାଚନ ଅସିଦ୍ଧ ହେବା ପରେ ଓଡ଼ିଶା ହାଇକୋର୍ଟ ଏହି ବିବାଦରେ ନୂଆ ନିର୍ବାଚନ କରିବକୁ ନିର୍ଦ୍ଦେଶ ଦେଇଥିଲେ । ଗତବର୍ଷ ଡ଼ିସେମ୍ବର ରେ ଉଭୟ ରମାଦେବୀ ରାଉତରାୟ ଓ ବାସନ୍ତୀ ସାହୁ ଆବେଦନକୁ ଖାରଜ କରି ସାନି ନିର୍ବାଚନ କରିବକୁ ଆଦେଶ କରିଥିଲେ । ଉଲ୍ଲେଖ ଥାଉକି,୨୦୨୨ ରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପାଇଁ ନିର୍ବାଚନ ହୋଇଥିଲା ଓ ଏଥିରେ ରମାଦେବୀ ଓ ବାସନ୍ତୀ ଲଢ଼ିଥିଲେ । ବାସନ୍ତୀ ସାହୁ ଜିତିଥିଲେ । ତେବେ ଏହାକୁ ନେଇ ରମାଦେବୀ ରାଉତରାୟ ନିର୍ବାଚନୀ ମାମଲା କରିଥିଲେ । ବାସନ୍ତୀଙ୍କର ୩ ଟି ସନ୍ତାନ ଥିବା ନେଇ ମାମଲା ହୋଇଥିଲା ଏବଂ ଇଲେକ୍ସନ ଟ୍ରିବ୍ୟୁନାଲ ରମାଦେବୀଙ୍କୁ ଅଧ୍ୟକ୍ଷା ଭାବେ ଘୋଷଣା କରିଥିଲେ ।

ବାସନ୍ତି ସାହୁ ଏହା ବିରୋଧରେ ଆପିଲେଟ ଟ୍ରିବ୍ୟୁନାଲକୁ ଯିବା ପରେ ଟ୍ରିବ୍ୟୁନାଲ ପକ୍ଷରୁ ସାନ ନିର୍ବାଚନ ନିର୍ଦ୍ଦେଶ ଦିଆଯାଇଥିଲା । ଏଥିରେ ରମାଦେବୀ ରାଉତାୟ ଓ ବାସନ୍ତି ସାହୁ ଉଭୟ ହାଇକୋର୍ଟ ଯାଇଥିଲେ । ହାଇକୋର୍ଟ ଉଭୟଙ୍କ ଆବେଦନ ଖାରଜ କରିଦେଇଥିଲେ । ପରେ ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା । ସୁପ୍ରିମକୋର୍ଟ ଏହାର ବିଚାର କରି ସାନି ନିର୍ବାଚନ କୁ ମନା କରିଛନ୍ତି ଏବଂ ୨ ଜଣ ପ୍ରତିଦ୍ୱନ୍ଦୀତା କରିଥିବାରୁ ପ୍ରତିଦ୍ୱନ୍ଦୀ ରମାଦେବୀ ରାଉତରାୟଙ୍କୁ ଅଧ୍ୟକ୍ଷା ଘୋଷଣା କରିବାକୁ କହିଛନ୍ତି ଏବଂ ଦୁଇ ସପ୍ତାହ ମଧ୍ୟରେ ଏନେଇ ଜଣାଇବାକୁ ନିର୍ଦ୍ଦେଶ ଦେଉଛନ୍ତି । ସୁପ୍ରିକୋର୍ଟଙ୍କ ଏହି ମାମଲାକୁ ଆଡଭୋକେଟ କେଦାର ନାଥ ତ୍ରିପାଠୀ, ଆଦିତ୍ୟ ନାରାୟଣ ତ୍ରିପାଠୀ, ଉମାକାନ୍ତ ମିଶ୍ର, ତୁଷାର ଗର୍ଗ, ପ୍ରଭାତୀ ନାୟକ ଓ ଦେବବ୍ରତ ଦାଶ ପରିଚାଳନା କରିଥିଲେ ।

## ଗ୍ରାହକଙ୍କ ପସନ୍ଦ ଓବେନ ଇଲେକ୍ଟ୍ରିକ୍ ବାଇକ

ଭୁବନେଶ୍ୱର (ସବ୍ୟୁ)କ: ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ତଥା ଆରଆଣ୍ଡଡି ଭିତ୍ତିକ ଇଲେକଟ୍ରିକ୍ ମୋଟରସାଇକେଲ ନିର୍ମାତା, “ଓବେନ ଇଲେକଟ୍ରିକ ପକ୍ଷରୁ ଘୋଷଣା କରାଯାଇଛି ଯେ କମ୍ପାନୀର ଜାତୀୟ ସ୍ତରରେ ଶୁଭାରମ୍ଭ ହେବାର ଦୁଇ ବର୍ଷ ମଧ୍ୟରେ ଓବେନ ମୋଟରସାଇକେଲର ଚାଳକମାନେ ଭାରତୀୟ ରାସ୍ତାରେ ମିଳିତ ଭାବେ ୩.୨ କୋଟିରୁ ଅଧିକ କିଲୋମିଟର ଦୂରତା ଅତିକ୍ରମ କରିଛନ୍ତି । ଏହା ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଦୈନନ୍ଦିନ ଯାତାୟାତ ପାଇଁ ଗ୍ରାହକମାନେ ସେମାନଙ୍କର ପ୍ରାଥମିକ ପସନ୍ଦର ଯାନ ଭାବରେ ଓବେନ ମୋଟରସାଇକେଲ ଉପରେ କିପରି ଅଧିକରୁ ଅଧିକ ନିର୍ଭର କରୁଛନ୍ତି । ୨୦୨୪ ମସିହା ପ୍ରାରମ୍ଭରୁ ବିଭିନ୍ନ ବଜାରରୁ ସଂଗୃହିତ ଯାନବାହନ ତଥ୍ୟ ଅନୁଯାୟୀ, ଏହି ସମୁଦାୟ ଦୂରତା ବିଭିନ୍ନ ସହରରେ ଚାଳକମାନଙ୍କ ଦ୍ୱାରା କମ୍ପାନୀର ରୋର୍ ପୋର୍ଟଫୋଲିଓ ଯେପରିକି ରୋର, ରୋର ଇଜେଡ ଏବଂ ରୋର ଇଜେଡ ସିଗମାର ନିରନ୍ତର ଦୈନନ୍ଦିନ ବ୍ୟବହାରକୁ ପ୍ରତିଫଳିତ କରୁଛି, ଯାହା ବିଭିନ୍ନ ଟ୍ରାଫିକ୍ ପରିବେଶ, ଭୂ-ପ୍ରକୃତି ଏବଂ ଜଳବାୟୁ ପରିସ୍ଥିତି ଦେଇ ଗତି କରିଛି । ଏହି ମାଇଲଖୁଂଟ ଉପରେ ମତ ରଖି ଓବେନ ଇଲେକଟ୍ରିକର ପ୍ରତିଷ୍ଠାତା ତଥା ସିଇଓ ମଧୁମିତା ଅଗ୍ରଓ୍ୱାଲ କହିଛନ୍ତି, ବିଭିନ୍ନ ସହର ଏବଂ ରାସ୍ତା ପରିସ୍ଥିତିରେ ଓବେନ ମୋଟରସାଇକେଲରେ ଚାଳକମାନେ ୩.୨ କୋଟି କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିବା ଏକ ସ୍ପଷ୍ଟ ପ୍ରମାଣ ଯେ ଗ୍ରାହକମାନେ କିପରି ଏହି ମୋଟରସାଇକେଲଗୁଡ଼ିକୁ ସେମାନଙ୍କର ଦୈନନ୍ଦିନ ଯାତାୟାତରେ ସାମିଲ କରୁଛନ୍ତି । ଭାରତୀୟମାନଙ୍କର ବାସ୍ତବିକ ଦୈନନ୍ଦିନ ଯାତାୟାତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉତ୍ପାଦଗୁଡ଼ିକୁ ତିଆରି କରିବା ପ୍ରତି ଆମର ଲକ୍ଷ୍ୟକୁ ଏହା ଆହୁରି ସୁଦୃଢ଼ କରୁଛି ।

## ଭଦ୍ରକରେ ଓଡିଶା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ଭଦ୍ରକ, (ସବ୍ୟୁ) : ଆସନ୍ତା ଓଡିଶା ଦିବସ ପାଳନକୁ ସୁସଂଗଠିତ ଓ ଗମ୍ଭୀରତାର ସହ ପାଳନ କରିବା ପାଇଁ ଆଜି ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି । ବୈଠକରେ ଆସନ୍ତା ଓଡିଶା ଦିବସ ଅବସରରେ ଜିଲ୍ଲାର ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ବିଭିନ୍ନ ପ୍ରତିଯୋଗିତା ଓ ସମ୍ମାନ ସମାରୋହ ଆୟୋଜନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସମସ୍ତ ବିଭାଗକୁ ନିଜ ନିଜ ଦାୟିତ୍ୱ ସମୟୋପଯୋଗୀ ଭାବେ ପାଳନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଓଡ଼ିଶା ଦିବସ ଦିନ ଭଦ୍ରକ ନେହେରୁ ଷ୍ଟାଡିୟମରେ ସକାଳ ୭:୩୦ ଟାରେ ଜିଲ୍ଲାର ସମସ୍ତ ଛାତ୍ର,ଛାତ୍ରୀ,ବରିଷ୍ଠ ନାଗରିକ ଓ ଜନସାଧାରଣଙ୍କୁ ନେଇ ସାମୁହିକ ଭାବେ ଜାତୀୟ ସଙ୍ଗୀତ ଗାନ କରିବା ପାଇଁ ଉକ୍ତ ବୈଠକରେ ସ୍ଥିରୀକୃତ ହେଲା । ଏହା ସହିତ ଓଡିଆ ପକ୍ଷ ପାଳନ କରାଯିବାର ସବିଶେଷ ତଥ୍ୟ ଗୃହୀତ କରାଗଲା । ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ,ଜିଲ୍ଲା ପରିଷଦ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ନାୟକ,ଡେପୁଟି କଲେକ୍ଟର ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ତ୍ତିକନାଥ ମଣ୍ଡଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶେଷରେ,ଓଡିଶା ଦିବସକୁ ସଫଳ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ ।

### ଅବ୍ୟବସ୍ଥା ଘେରରେ ବାଗୁଡ଼ି ଡାକ୍ତରଖାନା

## ରୋଗୀ ସଂଖ୍ୟା ବଢୁଛି, ଚିକିତ୍ସା ସେବା କମୁଛି

ସୋର (ସବ୍ୟୁ) : ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଠାରେ ୧୯୭୦ ମସିହାରୁ ପ୍ରତିଷ୍ଠିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିନକୁ ଦିନ ରୋଗୀମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧି ପାଉଥିବା ବେଳେ ଚିକିତ୍ସା ସେବା ସୁବିଧା ନଥିବାରୁ ରୋଗୀମାନେ ନିରାଶ ହୋଇ ଅନ୍ୟ ଦୂରଦୂରାନ୍ତକୁ ଯିବା ପାଇଁ ବାଧହେଉଛନ୍ତି । ପାହାଡ଼ିଆ ଏବଂ ଖଣି ଖାଦାନ ଅଞ୍ଚଳ ତଥା ଆଖପାଖର ବସବାସ କରୁଥିବା ହଜାର ହଜାର ଗରିବ ଖଟିଖିଆ ଲୋକେଏହି ସରକାରୀ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି । ଏଠାରେ ଦୈନିକ ୧୨୦ରୁ ଅଧିକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ସ୍ଥଳେ ଏଠାରେ ଜଣେ ଡାକ୍ତର ଏବଂ ଅଳ୍ପ ସଂଖ୍ୟକ କର୍ମଚାରୀ ଥିବା ଯୋଗୁଁ ଉପଯୁକ୍ତ ଚିକିତ୍ସା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଠାକାର ଆୟୁଷ ଡାକ୍ତର, ଫାର୍ମାସିଷ୍ଟ, ୪ର୍ଥ ଶେଣୀ କର୍ମଚାରୀ ଓ ଅନ୍ୟ କେତେକ ପଦବୀ ଖାଲି ପଡ଼ିଛି । କର୍ମଚାରୀମାନଙ୍କ ପାଇଁ ରହିବାକୁ କ୍ୱାଟର ନାହିଁ । ଏହାର ଗେଟ୍ ନାହିଁ, ଉପଯୁକ୍ତ ଉଚ୍ଚତା ବିଶିଷ୍ଟ ପାଚେରି ନାହିଁ । ହସପିଟାଲ ୪ପାଖରେ ଖାଲଢିପ ଥିବା ଯୋଗୁଁ ସାମାନ୍ୟ ବର୍ଷା ହେଲେ ପାଣି ନିଷ୍କାସିତ ହୋଇ ନପାରି ଜମି ରହୁଥିବାରୁ ରୋଗୀମାନଙ୍କର ଯିବା ଆସିବାରେ ଅସୁବିଧା ତଥା ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ବର୍ଷାଦିନରେ ଏହି ପରିସ୍ଥିତି ଆହୁରି ଅସମ୍ଭାଳ ହେବାକୁ ଯାଉଛି । ଗୋରୀମାନଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ସେହି ଅନୁସାରେ କର୍ମଚାରୀ ଓ ଡାକ୍ତର ସଂଖ୍ୟା ବୃଦ୍ଧିର ଆବଶ୍ୟକତା ଜରୁରୀ ହୋଇପଡୁଛି । ଆଗାମୀ ଦିନରେ ଏଠାରେ ପ୍ରସବ ସେବା ଆରମ୍ଭ ହେବାକୁ ଯାଉଥିବା ବେଳେ ଏହି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି ।

## ସ୍ୱର୍ଗତ ସୈନିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭଣ୍ଡାରିପୋଖରୀ (ସବ୍ୟୁ):ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ଧୂଳିଗଡିଆ ଗ୍ରାମର ଅବସରପ୍ରାପ୍ତ ସୈନିକ ସ୍ୱର୍ଗତ ଧରଣୀଧର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳନ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ସୁଧାଂଶୁ ଶେଖର ନାୟକ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ସମିତି ସଭ୍ୟ ପ୍ରତାପ ଦ୍ୱିବେଦୀ, ସମାଜସେବୀ ଶଶିକାନ୍ତ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ବୈଦ୍ୟନାଥ ଦାସ ପ୍ରମୁଖ ସ୍ୱର୍ଗତ ସୈନିକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଦେଶରକ୍ଷା ପ୍ରତି ସମର୍ପଣ ଭାବ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ସୈନିକଙ୍କ ପ୍ରତିମୂର୍ତ୍ତି ଉନ୍ମେଚିତ କରାଯାଇଥିଲା । ମୃତ୍ୟୁଞ୍ଜୟ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

### ଭାପୁର ଅଞ୍ଚଳର ଜୀବନରେଖା ମହାନଦୀ ଏବେ ମୃତ

## ସେଚପ୍ରକଳ୍ପ-ପାନୀୟ ଜଳ ସମସ୍ୟା ବଢିଚାଲିଛି

ଭାପୁର, (ସବ୍ୟୁ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ର କେନ୍ଦୁପଲ୍ଲି, କରବର, ପଦ୍ମାବତୀ ପଂଚାୟତ ଦେଇ ବୋହିଯାଇଛି ବ୍ଲକର ଜୀବନରେଖା କୁହାଯାଉଥିବା ନଦୀର ମା ମହାନଦୀ ମୃତ ଅବସ୍ଥାରେ । ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ନଦୀ ଶୁଖିଲା ପଡିବା ସହ ଚାରିଆଡେ ବିସ୍ତିର୍ଣ୍ଣ ବାଲୁକା ଶଯ୍ୟା ଦେଖିବାକୁ ମିଳିଛି । ମହାନଦୀର ଉପର ମୁଣ୍ଡରୁ ପାଣି ଆସିବା ଠପ ହୋଇ ପଡିଚି । ଓଡିଶା ଏଂ ଛତିଶଗଡ଼ ରାଜ୍ୟ ର ଅଂହକାର ପାଇଁ ମହାନଦୀ ଉପରେ ନିର୍ଭର କରି ବଞ୍ଚୁଥିବା ଭାପୁର ବ୍ଲକର ଜନସାଧାରଣ ଙ୍କ ଜୀବିକା ଓ ଜୀବନ ଉପରେ ପଡିଛି ପ୍ରଭାବ ।ମହାନଦୀ କୂଳରେ ଅବସ୍ଥିତ ଗ୍ରାମ ଗୁଡିକର ଜନତା ଏବେ ଭାଗବାନ ଙ୍କ ଭରସାରେ ହାତ ଟେକି ଦେଇଛନ୍ତି ।କରବର, କେନ୍ଦୁପଲ୍ଲୀ, ପଦ୍ମାବତୀ, ମାଧପୁର ପଂଚାୟତବାସୀ ଙ୍କ ପାଇଁ ନା ପାନୀୟ ଜଳ, ନା ଚାଷ କ୍ଷେତକୁ ଜଳ,ନା ମାଛମାରି ବଂଚୁଥିବା ଧୀବର ମାନେ ଖରାଦିନ ଆସିଲେ ମୌଳିକ ଜୀବିକାରୁ ବଂଚିତ ହେଉଛନ୍ତି । ମହାନଦୀରେ ବଡ଼ବଡ଼ ବୋରିଙ୍ଗ କରି ମେଗାପ୍ରକଳ୍ପ ଦ୍ୱାରା ନୟାଗଡ,ରଣପୁର, ଓଡ଼ଙ୍ଗା, ଖଣ୍ଡପଡ଼ା, ଭାପୁର, ବେଗୁନିଆ ବ୍ଲକକୁ ଜଳ ଯୋଗାଣ ହେଉଛି କିନ୍ତୁ ମହାନଦୀରେ ପାଣି ନଥିବାରୁ ଏହି ସବୁ ବ୍ଲକର ଜନସାଧାରଣ ପାଣି ପାଇବାରେ ସମସ୍ୟା ଦେଖା ଦେଇଛି । ସେଥିପାଇଁ ପ୍ରଶାସନ ନଦୀରେ ଯେଉଁଠାରେ ପାଣି ଧାର ରହିଛି ସେଠାରୁ ବାଲି ଖୋଳି ରାସ୍ତା ମାଧ୍ୟମରେ ମେଗା ପ୍ରକଳ୍ପର ବୋରିଙ୍ଗ ସ୍ଥାନକୁ ପାଣି ଅଣାଯାଉଛି । ଏପରିକି ନଦୀ ଶଯ୍ୟାରେ ଚରୁଥିବା ଗୃହପାଳିତ ପଶୁ ପାଣି ପାଇଁ ତହଳବିକଳ ହେଉଛନ୍ତି ।ଏହି ଅନ୍ତଃରାଜ୍ୟ ସମସ୍ୟା ଯଥାଶୀଘ୍ର ଦୂର କରାନଗଲେ ଭବିଷ୍ୟତରେ ଉତ୍କଟ ପରିସ୍ଥିତି ଦେଖାଯିବ ବୋଲି ପରିବେଶବିତ ମନେ ଚିନ୍ତା ପ୍ରକଟ କରିଛନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହେଲା ପଖାଳ ଦିବସ

ବାଲେଶ୍ୱର (ସବ୍ୟୁ)-ଆଜି ପଦ୍ମାବତୀ ପାର୍କ ଠାରେ ଜିଲ୍ଲା ପ୍ରଶାସନ ଦ୍ୱାରା ପଖାଳ ଦିବସ ପାଳିତ ହୋଇଛି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ବିଶ୍ୱଜିତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଖାଳ ଦିବସକୁ ପାଳନ କରାଯାଇଛି । ଉପସ୍ଥିତ ଥିବା ସମସ୍ତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ପଖାଳ ଖାଇଥିଲେ । ଏଠାରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ବାଲେଶ୍ୱର ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଞ୍ଜୟ କୁମାର ରାଉତଙ୍କ ସମେତ ଅନେକ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇ ପଖାଳ ଖାଇବାର ମଜା ନେଇଥିଲେ । ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପାନ୍ଥନିବାସ ଠାରେ ଆଭାସି ଜରିଆରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆୟୋଜିତ ହୋଇଥିବା ପଖାଳ ଦିବସରେ ଅଂଶଗ୍ରହଣ କରିଥିବା ଜିଲ୍ଲା ପ୍ରଶାସନର ଅଧିକାରୀମାନଙ୍କ ସମେତ ଦେଶ ତଥା ବିଦେଶରେ ଥିବା ଅନେକ ଓଡ଼ିଆ ଲୋକମାନଙ୍କ ସହିତ ଯୋଡି ହୋଇଥିଲେ । ସେ ସମସ୍ତ ଓଡ଼ିଶାବାସୀ ଓ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡିଆ ଭାଇଭଉଣୀମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ ।

## ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର ଉଦ୍‌ଘାଟିତ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟାତ୍ରୀଙ୍କ ପଞ୍ଚ ଦିବସୀୟ ପୁନଃ ପ୍ରଶିକ୍ଷଣ ତାଲିମ ଶିବିର -୨୦୨୬ ଉଦଘାଟିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠି ଅନୁଷ୍ଠାନିକ ଭାବରେ ଉଦଘାଟନ କରିଛନ୍ତି । ଶାରୀରିକ ଶିକ୍ଷକ ଶିକ୍ଷୟାତ୍ରୀ ମାନଙ୍କ ଉତ୍ତମ ଶିକ୍ଷା ପ୍ରଦାନ ଦ୍ୱାରା ଏକ ଶୃଙ୍ଖଳିତ ତଥା ସୁସ୍ଥ ସମାଜ ଗଠିତ ହୋଇ ପାରିବ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ବରିଷ୍ଠ ଶିକ୍ଷକ ରାଜକିଶୋର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉ୍ଘାଟନୀ ସମାରୋହରେ



କାର୍ଯ୍ୟକ୍ରମ ସଂଯୋଜକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହିତ ତାଲିମ ଶିବିରର ଲକ୍ଷ ଓ ଉଦ୍ଦେଶ୍ୟ ଜ୍ଞାପନ କରି ଥିଲେ ଏବଂ ଶୃଙ୍ଖଳିତ ଜୀବନ ଯାପନ ନିମନ୍ତେ ଶିବିରାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ତଥା ଜିଲ୍ଲା କ୍ରୀଡା ଛାତ୍ରବାସ ଅଧିକ୍ଷକ ଅବନୀ ମୋହନ ମହାନ୍ତି , ଫିଜିଓଥେରାପି ସାଧନ କର୍ମୀ ଶୁଭକାନ୍ତ ଦଳେଇ , ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଜିଲ୍ଲା ସାଧାରଣ ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ଯୋଗ ମାର୍ଗଦର୍ଶକ ଜ୍ୟୋତି ରଞ୍ଜନ ଦାସ ସନମାନନିୟ ଅତିଥି ଭାବରେ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଜାତୀୟ ସ୍ତରୀୟ ଯୋଗାସନ ଛାତ୍ରଛାତ୍ରୀ କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ, ସଂଗୀତା ପାଢ଼ୀ ଓ ଶୁଭ ଲକ୍ଷ୍ମୀ ବେହେରା ଯୋଗାସନ ପ୍ରଦର୍ଶନ ମାଧ୍ୟମରେ ଅତିଥିଙ୍କୁ ସ୍ୱାଗତ କରିଥିଲେ । ମଞ୍ଚାସୀନ ଅତିଥିଗଣଙ୍କୁ ବିଦ୍ୟାଳୟ ତରଫରୁ ଉତ୍ତରୀୟ, ଉପଢୌକନ ଓ ଚାରା ବୃକ୍ଷ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରା ଯାଇଥିଲା । ସମଗ୍ର ଜିଲ୍ଲାରୁ ମୋଟ ୧୨୬ ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟାତ୍ରି ଏହି ଶିବିରରେ ଯୋଗଦାନ କରି ପ୍ରଶିକ୍ଷଣ ଗ୍ରହଣ କରିବେ । ପ୍ରଧାନ ଶିକ୍ଷକ ତଥା ପରିଚାଳନା ସମ୍ପାଦକ ଅଜିତ କୁମାର ଜେନା ଶିବିରର ରୂପରେଖ ଉପସ୍ଥାପନ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କେନ୍ଦ୍ରୀୟ କାର୍ଯ୍ୟାଳୟର ହରିଶ ଚନ୍ଦ୍ର ରାଉତ, ପଙ୍କଜ କୁମାର ବେହେରା, ପ୍ରଦୀପ କୁମାର ଚୌଧୁରୀ,ନୀଳକ= ନାୟକ,ବିଦ୍ୟାଳୟର ଶିକ୍ଷକ ହରେକୃଷ୍ଣ ମହାନ୍ତ, ଶୁଭକାନ୍ତ ନାୟକ, ତରଣୀ କାନ୍ତ ମହାନ୍ତ, ଶୁଭାଶିଷ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସର୍ବଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜେପି ଯୁବମୋର୍ଚ୍ଚାର ନୂତନ ରାଜ୍ୟ ଉପସଭାପତି ଯୁବନେତା ପ୍ରଶାନ୍ତ ପାଇକରାୟଙ୍କୁ ଶୁଭେଚ୍ଛା

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର କ୍ଷେତ୍ରବାସୀ ଡିଏଭି କଲେଜର ପୂର୍ବତନ ଛାତ୍ରନେତା ତଥା ଯୁବନେତା ପ୍ରଶାନ୍ତ ପାଇକରାୟଙ୍କୁ ବିଜେପି ଯୁବମୋର୍ଚ୍ଚାର ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି । ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ରୁ ନିଜ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଶ୍ରୀ ପାଇକରାୟ ଗତ ୨୦୨୪ ବିଧାନସଭା ନିର୍ବାଚନରେ ଓଡ଼ିଶାର ଯୁବକ ମାନଙ୍କୁ ଏକାଠି କରି ବିଜେପି ସରକାର ଗଠନ କରିବା ଦିଗରେ ନିଜ ନେତୃତ୍ୱର ପରାକାଷ୍ଠା ଦେଖାଇ ରାଜ୍ୟସ୍ତରୀୟ ନେତାଙ୍କ ବିଶ୍ୱାସ ଭାଜନ କରିବାରେ ସଫଳ ହୋଇଛନ୍ତି । ରାଜ୍ୟ ବିଜେପି ତରଫରୁ ଦାୟିତ୍ୱ ଘୋଷଣା ହେଲା ପରେ ଶ୍ରୀ ପାଇକରାୟଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

ସରକାରୀ ଦଳର ରାଜ୍ୟ ଉପସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ , ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କୁ ଧନ୍ୟବାଦ ଜ୍ଞାପନ କରିବା ସହ ଅଞ୍ଚଳବାସୀ କିଭଳି ଭାବେ ସରକାରୀ ଯୋଜନାର ଲାଭ ଉଠାଇପାରିବେ ଏବଂ ଅଞ୍ଚଳର ଯୁବକ ମାନଙ୍କର କିଭଳି ଭାବେ ନିଯୁକ୍ତି ହୋଇପାରିବ ସେ ଦିଗରେ ବିଶେଷ ଧ୍ୟାନଦେବି ବୋଲି କହିଛନ୍ତି ନୂତନ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପସଭାପତି ପ୍ରଶାନ୍ତ ପାଇକରାୟ ।

**AFFIDAVIT**

By virtue of an affidavit No-2551/dtd. 11/04/25 sworn before the executive magistrate Tihidi, I Ramesh Chandra Biswal (51) S/o Bairagi Biswal, At-Darapur, Po-Jamojodi, P.s-Pirahat, Dist-Bhadrak, odisha declare that my son's school record name has been mentioned as Akash Biswal, S/o Ramesh Chandra Biswal & koushalya Biswal. but in his Aadhar card bearing No-669217039225 name has been mentioned Amash Biswal wrongly. That Akash Biswal & Amash Biswal is one & same person.

Ramesh Chandra Biswal

**ଦ.ପୂ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପାଇଁ କାର୍ଯ୍ୟ କରୁଥିବା ବରିଷ୍ଠ ବିଭାଗୀୟ ବୈଦ୍ୟୁତିକ ଇଞ୍ଜିନିୟର (ଜି) / ଚକ୍ରଧରପୁର, ଏକକ ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିପକ୍ଷରେ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଉ ନାହିଁ ଏବଂ ଏପରି କୌଣସି ମାନୁଆଲ ପ୍ରସ୍ତାବ ଆସିଥିଲେ ତାହାକୁ ଅଣଦେଖା କରାଯିବ । କ୍ର. ନଂ, ଇ-ଟେଣ୍ଡର ନୋଟିସ୍ ନମ୍ବର ଏବଂ ତାରିଖ ଏବଂ କାର୍ଯ୍ୟର ନାମ ନିମ୍ନରେ ଉଲ୍ଲିଖିତ: ୧. ୧୦୩-ଇଏଲ-ଡବ୍ଲୁଟି-୨୦୨୫-୨୬, ୨୦.୦୩.୨୦୨୬ । ଝାରସୁଗୁଡ଼ା: ପ୍ଲାଟଫର୍ମରେ ଶୀଘ୍ର ପାଣି ଦେବାର ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ:ଟ ୨୬,୮୫,୪୧୯.୫୪ । ଇଏମ୍‌ଡି ଟ ୫୩,୨୦୦/- । ୨.୧୦୪-ଇଏଲ-ଡବ୍ଲୁଟି-୨୦୨୫-୨୬,୧୭.୦୩.୨୦୨୬ । ସି ଆଣ୍ଡ ଡବ୍ଲୁ ଷ୍ଟୋର ଏବଂ ଷ୍ଟାଫ୍ ରୁମ୍ ଇତ୍ୟାଦି ସହିତ ରୋଲିଂ ପରୀକ୍ଷା ସୁବିଧା ପ୍ରଦାନ । ଟେଣ୍ଡର ମୂଲ୍ୟ : ଟ. ୯,୬୦,୨୭୮.୦୪ । ଇଏମଡି : ଟ. ୧୯,୨୦୦/- । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ପ୍ରତ୍ୟେକ ପାଇଁ କୌଣସି ନାହିଁ । ବନ୍ଦ/ଖୋଲା ତାରିଖ : ୨୦.୦୪.୨୦୨୬, ୧୫.୦୦ ଘଣ୍ଟା କ୍ର.ନଂ ୧ ପାଇଁ ଏବଂ ୧୫.୦୪.୨୦୨୬ ରିଖ ୧୫.୦୦ ଘଣ୍ଟା କ୍ର.ନଂ ୨ ପାଇଁ । ଟେଣ୍ଡର ୱେବସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ରହିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହେବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ ।

(PR-1334)

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷ ମହାପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରାର ସୁପରିଚାଳନା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସର୍କିଟ ହାଉସରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ଆସନ୍ତା ୨୬ ତାରିଖରେ ରଥଯାତ୍ରା ଓ ୩୦ ତାରିଖରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ । ରଥଯାତ୍ରା ଦିନ ଭୋର ୪ ଘଟିକାରୁ ସାଢେ ଚାରି ଘଟିକା ପର୍ଯ୍ୟନ୍ତ ମଙ୍ଗଳ ଆଳତୀ ଓ ଅବକାଶ, ପରେ ପରେ ୫ ଘଟିକା ପର୍ଯ୍ୟନ୍ତ ସାହଣମେଲା ଦର୍ଶନ ହେବ ବୋଲି ନୀତି ନିର୍ଘଣ୍ଟ ହୋଇଛି। ସେହିଭଳି ମଧ୍ୟାହ୍ନ ୧୦.୧୫ ଘଟିକାରୁ ୧୦.୪୫ ଘଟିକା ପର୍ଯ୍ୟନ୍ତ ଯାତ୍ରା ପୂଜା ଶେଷ ପରେ ଶ୍ରୀ ଜିଉଙ୍କ ପହଣ୍ଡି, ରଥରେ ପୂଜା, ଘୋଡା ଯୋଚା ଓ ଚାରମାଳ ଖୋଲା ପରେ ଅପରାହ୍ନ ସାଢେ ୨ ଘଟିକା ସମୟରେ ରଥଟଣା ହେବ ବୋଲି ସମୟ ନିର୍ଘଣ୍ଟ କରାଯାଇଛି । ଅନୁରୂପ ଭାବେ ବାହୁଡା ଯାତ୍ରା ଦିନ ଅପରାହ୍ନ ସାଢେ ୨ ଘଟିକା ସମୟରେ ମଧ ରଥଟଣା ଆରମ୍ଭ ହେବ। ଉକ୍ତ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ବିଭାଗୀୟ ଅଧିକାରୀ ମାନେ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି । ଅସ୍ଥାୟୀ ଭୋଗପିଣ୍ଡି, ସଫେଇ, ଆଲୋକୀକରଣ, ମନ୍ଦିରକୁ ଫୁଲରେ ସଜେଇବା, ପାନୀୟ ଜଳ ବୋତଲ ବ୍ୟବସ୍ଥା କରିବାକୁ ଭୁବନେଶ୍ୱର ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି । ସେହିଭଳି ପାନୀୟ ଜଳ ଯୋଗାଣ, ରାସ୍ତା ଧୌତ, ରଥ ଆଗରେ ଓ ପଛରେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବା ପାଇଁ ୱାଟକୋକୁ ନିର୍ଦ୍ଦେଶ ଦିଆଯାଇଛି । ଅଗ୍ନି ନିର୍ବାପନ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ରାସ୍ତା ମରାମତି, ଶାନ୍ତି ଶୃଙ୍ଖଳା ରକ୍ଷା ସମ୍ପର୍କରେ ମଧ ଆଲୋଚନା ହୋଇଛି । ଚଳିତ ବର୍ଷ ଶୃଙ୍ଖଳିତ ଭାବେ ଅଶୋକାଷ୍ଟମୀ ରଥଯାତ୍ରା ନିମନ୍ତେ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ପରାମର୍ଶ ଦେଇଥିଲେ । ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ଉପ ଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଲିଙ୍ଗରାଜ ମନ୍ଦିର ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ହେମନ୍ତ କୁମାର ଭରିମାଲ୍ଲ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।



### ରାଜ୍ୟସଭା କ୍ରସ୍ ଭୋଟିଂ କରିଥିବା ୬ ବିଜେଡି ବିଧାୟକଙ୍କ ଜବାବ

# କାରଣ ଦର୍ଶାଅ ନୋଟିସ୍ ବେଆଇନ୍, ପ୍ରତ୍ୟାହାର କର

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା ବିଜେଡିର ୬ ବିଧାୟକ ସେମାନଙ୍କୁ ଦିଆଯାଇଥିବା ସୋ କଜ କାରଣ ଦର୍ଶାଅ ନୋଟିସର ଜବାବ ରଖିଛନ୍ତି। ବିଜେଡିର ବିଧାୟକ ଚକ୍ରମଣି କଅଁର, ନବ ମଲ୍ଲିକ, ସୌଭିକ ବିଶ୍ୱାଳ, ସୁବାଶିନୀ ଜେନା, ରମାକାନ୍ତ ଭୋଇ, ଦେବୀ ରଞ୍ଜନ ତ୍ରିପାଠୀ କାରଣ ଦର୍ଶାଅ ନୋଟିସକୁ ଆଇନ ଅନୁଯାୟୀ ଅସିଦ୍ଧ ବୋଲି ଦର୍ଶାଇବା ସହ ପାଲଟା କେସର ଧମକ ଦେଇଛନ୍ତି ।

କାରଣ ଦର୍ଶାଅ ନୋଟିସର ଜବାବରେ ଏମାନେ ଉଲ୍ଲେଖ କରିଛନ୍ତି ଯେ, ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଧମକ ଦେଇ ବିରୋଧୀ ମୁଖ୍ୟ ସଚେତକ ପ୍ରମିଳ୍ଲା ମଲ୍ଲିକ ସୀମା ଉଲ୍ଲଙ୍ଘନ କରିଛନ୍ତି। ଭାରତୀୟ ନ୍ୟାୟ ସଂହୀତାର ଦଣ୍ଡଭାଗି ଦଣ୍ଡନୀୟ ଅପରାଧ କରାଯାଇଛି ବୋଲି ଜବାବ ଦେଇଛନ୍ତି। ବିଧାୟକମାନେ ଦଳର ସଦସ୍ୟତା ପରିତ୍ୟାଗ କରିନାହାନ୍ତି। ରାଜ୍ୟସଭା ନିର୍ବାନରେ ନିଜର ସ୍ୱାଧୀନ ମତଦାନ କରି କୌଣସି ଆଇନ ଉଲ୍ଲଙ୍ଘନ କରିନାହାନ୍ତି। ସେମାନେ କେବଳ ନିଷ୍ପତ୍ତିକୁ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିନାହାନ୍ତି। ରାଜ୍ୟସଭା ନିର୍ବାଚନରେ ଭୋଟ୍ ଦେବା ପାଇଁ ଜଣେ ଭୋଟରଙ୍କୁ ସମ୍ବିଧାନର ଦଶମର ଅନୁଚ୍ଛେଦ ଅନୁଯାୟୀ ଦଣ୍ଡବ୍ୟବସ୍ଥା ଲାଗି ହେବ ନାହିଁ। ନୋଟିସ କେବଳ ବେଆଇନ, ମନମୁଖୀ ନୁହେଁ, ବରଂ ଆଇନ ପ୍ରକ୍ରିୟା ଓ ଭାରତର ସମ୍ବିଧାନର ଅପବ୍ୟବହାର ନୋଟିସ ପ୍ରତ୍ୟାହାର କରନ୍ତୁ, ନଚେତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବାଧ୍ୟ ହେବେ ବୋଲି ସେମାନେ କହିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ରାଜ୍ୟସଭା ନିର୍ବାଚନରେ ଦଳୀୟ ହୋଇ କମ କରେନି। ମୁଖ୍ୟ ସଚେତକ ହ୍ୱିପ ଜାରି କରି ବେଆଇନ କାର୍ଯ୍ୟ କରିଛନ୍ତି। ଭୋଟ୍ ପାଇଁ କହିବା ଓ ବିରୋଧ ପାଇଁ ପ୍ରବର୍ତ୍ତାଇବା ଦଣ୍ଡନୀୟ ଅପରାଧ। ଭାରତୀୟ ନ୍ୟାୟସଂହିତା ଅନୁଯାୟୀ ବର୍ଷେ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ଏଭଳି ନୋଟିସ ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲେଙ୍ଘନ ମୁଖ୍ୟ ସଚେତକ ପ୍ରମିଲ୍ଲା ମଲ୍ଲିକଙ୍କ ନାଁରେ ଫୌଜଦାରୀ ମାମଲାର ଚେତାବନୀ ଦେବା ସହ ରାଜ୍ୟସଭା ନିର୍ବାଚନରେ ଦଳୀୟ ହ୍ୱିପ କାମ କରେନି ବୋଲି କହିଛନ୍ତି ।

ଅପରପକ୍ଷରେ ପ୍ରମିଲ୍ଲା ମଲ୍ଲିକ ଏହାର ଜବାବ ଦେଇଛନ୍ତି , ସେ କହିଛନ୍ତି ଯେ, ଗୋଟିଏ ଅଫିସରୁ ଚିଠି ବସି ଟାଇପ କରାଯାଇଛି । ଯେଉଁମାନେ କିଣିକି ନେଇଛନ୍ତି ସେମାନେ ଲେଖିଛନ୍ତି ଏମାନେ ଦସ୍ତଖସ୍ତ କରିଛନ୍ତି। ଆଇନ କଣ ଏକା ସେମାନଙ୍କ ପାଇଁ, କଣ ଆଇନର ଆଶ୍ରୟ ନେବା କଥା ନିଅନ୍ତୁ। ଦଳ ବିରୋଧରେ ଯାଇ କାହିଁକି ଭୋଟ ଦେଲେ ସେ କଥା ନଲେଖି ଧମକାଇ ଆଇନ ଦେଖାଉଛନ୍ତି। ଏବେ ସେମାନେ ବିବେକ କଥା କହୁଛନ୍ତି ଦଳ ଟିକେଟ ନେଲା ବେଳେ କାହିଁକି ବିବେକ ନଥିଲା ବୋଲି ପ୍ରଶ୍ନ କରିଛନ୍ତି। ଏହି ବିଧାୟକ ଉଭୟରେ କଣ କାର୍ଯ୍ୟାନୁଷ୍ଠାନ ହେବ ରାଜ୍ୟ ସଭାପତି ନିଷ୍ପତ୍ତି ନେବେ ବୋଲି ନିଷ୍ପତ୍ତି ନେଇଛନ୍ତି ।

## ସମାନ ଯୋଗ୍ୟତା ଥିବା କର୍ମଚାରୀଙ୍କ ମଧ୍ୟରେ ପାତରଅନ୍ତର କରିବା ଅନୁଚିତ୍: ହାଇକୋର୍ଟ

କଟକ,(ସବ୍ୟୁ) : ଅଙ୍ଗନବାଡ଼ୀ କର୍ମୀ ଭାବେ କାର୍ଯ୍ୟରତ ଥିବା ଏବଂ ପରେ ଚୁକ୍ତିଭିତ୍ତିକ ଭାବେ ସୁପରଭାଇଜର ପଦରେ ନିଯୁକ୍ତ ଜଣେ କର୍ମଚାରୀଙ୍କୁ ନିୟମିତ ବେତନ ସ୍କେଲ୍ ଦେବାକୁ ହାଇକୋର୍ଟର ଜଣିକିଆ ବିଚାରପତି ଦେଇଥିବା ଆଦେଶକୁ ହାଇକୋର୍ଟ କାଏମ୍ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ହାଇକୋର୍ଟ ସମାନ ଯୋଗ୍ୟତା ଥିବା କର୍ମଚାରୀଙ୍କ ମଧ୍ୟରେ ପାତରଅନ୍ତର କରିବା ଅନୁଚିତ ବୋଲି ମତଦେବା ସହ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ରିଟ୍ ପିଟିସନ୍‌କୁ ଖାରଜ କରି ଦେଇଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ କୃଷ୍ଣ ଶ୍ରୀପଦ ଦୀକ୍ଷିତ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ସୁବାସିନୀ ଦାସ ୧୯୮୩ ମସିହାରୁ ବିଞ୍ଝାରପୁର ଅଞ୍ଚଳରେ ଜଣେ ଅଙ୍ଗନବାଡ଼ୀ କର୍ମୀ ଭାବେ କାର୍ଯ୍ୟ କରୁଥିଲେ । ୧୯୯୨ରେ ସେ ସ୍ନାତକ ହାସଲ କରିଥିଲେ । ୨୦୦୭-୦୮ ମସିହାରେ ସୁପରଭାଇଜର ପଦ ପାଇଁ ହୋଇଥିବା ମନୋନୟନ ପ୍ରକ୍ରିୟାରେ ସେ ଯୋଗ୍ୟ ବିବେଚିତ ହୋଇଥିଲେ। ତାଙ୍କୁ ନିୟମିତ ପଦ ବଦଳରେ ଚୁକ୍ତିଭିତ୍ତିକ ଭାବେ ନିଯୁକ୍ତି ଦିଆଯାଇଥିଲା। ଏହା ସତ୍ତ୍ୱେ ତାଙ୍କଠାରୁ ଜୁନିୟର (କନିଷ୍ଠ) ଥିବା ଅନେକ କର୍ମୀଙ୍କୁ ନିୟମିତ ସ୍କେଲରେ ଦରମା ମିଳୁଥିବା ବେଳେ ସୁବାସିନୀଙ୍କୁ କେବଳ ମାସିକ ୯,୩୦୦ ଟଙ୍କା ଦରମା ଦିଆଯାଉଥିଲା। ଏଥିପାଇଁ ସୁବାସିନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଜଣିକିଆ ବିଚାରପତି ଏହି ମାମଲାର ଶୁଣାଣି କରି ସୁବାସିନୀଙ୍କୁ ଅବସର ପର୍ଯ୍ୟନ୍ତ ନିୟମିତ ଦରମା ବେତନ ସ୍କେଲ୍ ସହ ସମସ୍ତ ପରବର୍ତ୍ତୀ ବେତନ ସଂଶୋଧନ ଲାଗୁ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାର ଏହି ଆଦେଶକୁ ଚାଲେଞ୍ଜ କରି ହାଇକାର୍ଟରେ ରିଟ୍ ଅପିଲ ଦାୟର କରିଥିଲେ। ଅଦାଲତ କହିଛନ୍ତି ଯେ ରାଜ୍ୟ ସରକାର ଜଣେ 'ଆଦର୍ଶ ନିଯୁକ୍ତିଦାତା' ଭାବେ କାର୍ଯ୍ୟ କରିବା ଉଚିତ୍ ଏବଂ ସମାନ ଯୋଗ୍ୟତା ଥିବା କର୍ମଚାରୀଙ୍କ ମଧ୍ୟରେ ପାତରଅନ୍ତର କରିବା ଅନୁଚିତ୍। ପ୍ରତିପକ୍ଷ ଜଣେ ବରିଷ୍ଠ ଏବଂ ଯୋଗ୍ୟ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କୁ ଛାଡ଼ି ଜୁନିୟରଙ୍କୁ ନିୟମିତ ଦରମା ଦେବା ନ୍ୟାୟ ସଙ୍ଗତ ନୁହେଁ । ଯେହେତୁ ପ୍ରତିପକ୍ଷ ଅବସର ଗ୍ରହଣ କରିସାରିଛନ୍ତି, ତେଣୁ ୮ ସପ୍ତାହ ମଧ୍ୟରେ ତାଙ୍କର ସମସ୍ତ ବକେୟା ଦରମା ଏବଂ ନିୟମିତ ସ୍କେଲ୍ ଅନୁଯାୟୀ ପ୍ରାପ୍ୟ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିପକ୍ଷ ଅଙ୍ଗନବାଡ଼ୀ କର୍ମୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସୁନ୍ଦର ଦାସ ମାମଲା ପରିଚାଳନା କରୁଥିଲେ ।

### ବିପୁଳ ପରିମାଣର କଫ୍‌ସିରଫ ସମେତ ଲକ୍ଷାଧିକ ଟଙ୍କା ଜବତ

## ମୁଖ୍ୟ ଅଭିଯୁକ୍ତ ସମେତ ୪ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଜଟଣୀ ବାଇପାସ୍ ନିକଟ ମୋଦି ପଡିଆ ଠାରେ ଚଢଉ କରି ଶିଳ୍ପାଂଚଳ ପୁଲିସ ବିପୁଳ ପରିମାଣ ର କଫସିରଫ ସମେତ ନଗଦ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିସହିତ ଘଟଣାସ୍ଥଳରୁ ୩ଟି କାର, ୩ଟି ବାଇକ୍ ଓ ୫ଟି ମୋବାଇଲ କୁ ପୁଲିସ ଜବତ କରିଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବେଗୁନିଆ ଥାନା କଡବ ର ରଞ୍ଜନ ପାଙ୍ଗଣାଣୀ (୨୫) ସମେତ ଆଦର୍ଶ ଥାନା କଂଟାଛକ ର ଜଗନ୍ନାଥ ପ୍ରଧାନ (୪୪), କଟକ ଜିଲ୍ଲା ନୂଆପଡା ବାଲିସାହି ର ଜ୍ୟୋତିରଞ୍ଜନ ସାହୁ (୩୪) ଏବଂ ଶେକ୍ ବଜାର ର ତ୍ରିଲୋଚନ ସାହୁ (୪୨)ଙ୍କୁ ପୁଲିସ ଗିରଫ କରିଛି ବୋଲି ଏସପି ଅଫିସରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି। ମୋଦି ପଡିଆ ଠାରେ ବଡଧରଣ ର କଫସିରଫ କାରବାର ହେବା ନିର୍ଭରଯୋଗ୍ୟ ସୂତ୍ରରୁ ଖବର ମିଳିଥିଲା। ଏହି ସମୟରେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଏସପି ଶ୍ରୀ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗତକାଲି ରାତି ୮.୩୦ ସମୟରେ ଚଢଉ କରିଥିଲେ। ଚଢଉବେଳେ ଅଭିଯୁକ୍ତମାନେ ଖସିବାକୁ ଉଦ୍ୟମ କରିଥିଲେ। ମାତ୍ର ପୁଲିସ ସେମାନଙ୍କୁ କାବୁ କରିଥିଲା। ପୁଲିସ ସେମାନଙ୍କ ଠାରୁ ୮୫୦ ବୋତଲ କଫସିରଫ, ନଗଦ ୧,୨ ୭,୧୦୦ଟଙ୍କା, ଓଡି-୦୨-ସିଆର-୧୩୩୩, ଓଡି.୦୨-ଟି-୬୭୦୮, ଓଆର-୦୨ ବିକ୍ୟୁ-୧୩୩୩ ନଂ ବିଶିଷ୍ଟ ୩ଟି କାର, ଓଡି-୨୫-ଏସ୍- ୧୮ ୯୪ ଏବଂ ଓଡି୦୫-ବିସି-୭୭୮୫ ନଂ ବିଶିଷ୍ଟ ଦୁଇଟି ବାଇକ୍ ଓ ଓଡି-୦୨- ଡିଇ-୬୪୪୨ ନଂ ବିଶିଷ୍ଟ ସ୍କୁଟି ସମେତ ୫ଟି ମୋବାଇଲ ଫୋନ୍ କୁ ପୁଲିସ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ତଦନ୍ତବେଳେ ହିମାଚଳ ପ୍ରଦେଶ ରୁ ମାଲ ଆସୁଥିବାବେଳେ ଏଠାରୁ ସେମାନେ ବିଭିନ୍ନ ଜିଲ୍ଲା କୁ ପଠାଉଥିବା ଜଣାପଡିଛି। ଗିରଫ ଅଭିଯୁକ୍ତମାନଙ୍କୁ ପୁଲିସ ୭୪/୨୬ରେ ଏକ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଛି ବୋଲି ଏସପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁ ଉପସ୍ଥିତଥିଲେ।

## ଶାନ୍ତି ମହିଳା ୱାକର୍ସ କ୍ଲବ୍‌ର ଶପଥ ଗ୍ରହଣ ଉତ୍ସବ ଓ ପଖାଳ ଦିବସ




କଟକ, (ସ୍ୱପ୍ର) : ଅଗ୍ରଣୀ ମହିଳା ସଙ୍ଗଠନ ଶାନ୍ତି ମହିଳା ୱାକର୍ସ କ୍ଲବ୍‌ର କର୍ମକର୍ତ୍ତା ମାନଙ୍କ ଶପଥ ଗ୍ରହଣ ଉତ୍ସବ ଓ ପଖାଳ ଦିବସ ସଙ୍ଗଠନର ମୁଖ୍ୟ ପୃଷ୍ଠପୋଷକ ଡା. ନିରଞ୍ଜନ ତ୍ରିପାଠୀଙ୍କ ନିମସାହୀ ସ୍ଥିତ ବାସଭବନରେ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ୱାକର୍ସ ଡିଷ୍ଟ୍ରିକ୍ ୧୦୨ର ଗଭର୍ଣ୍ଣର ରାଜ କିଶୋର ସ୍ୱାଇଁ ଯୋଗଦେଇ କ୍ଲବ କର୍ମକର୍ତ୍ତାଙ୍କ ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ପୂର୍ବତନ ଡେପୁଟି ଗଭର୍ଣ୍ଣର ମମତା ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସଭାପତି ଅନ୍ନପୂର୍ଣ୍ଣା ପରିଡା, ସମ୍ପାଦକ ଅଜନ୍ତା ମହାପାତ୍ର, କୋଷାଧ୍ୟକ୍ଷ ନିବେଦିତା ମହାନ୍ତିଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟମାନେ ଶପଥ ଗ୍ରହଣ କରିଥିଲେ । ଏଥିରେ କ୍ଲବ୍‌ର ପୃଷ୍ଠପୋଷକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ, ପୂର୍ବତନ ଗଭର୍ଣ୍ଣର ଶ୍ୟାମ ସୁନ୍ଦର ସାହୁ, ଫନିନ୍ଦ୍ର ମଲ୍ଲିକ, ମହେଶ୍ୱର ମହାନ୍ତିଙ୍କ ସମେତ ୪୦ ଜଣ ସଭ୍ୟସଭ୍ୟାମାନେ ବିଭିନ୍ନ ବ୍ୟଞ୍ଜନ ସହିତ ପଖାଳର ମଜା ନେଇଥିଲେ ।

# ଓପିଜିସି ଦ୍ୱାରା ୧,୫୭୦ ଲୋକଙ୍କ ଚକ୍ଷୁ ପରୀକ୍ଷା

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଝାରସୁଗୁଡା




ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ପାଞ୍ଚଟି ଗ୍ରାମ ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଅଛି ଓ ଏହି ଶିବିରଗୁଡ଼ିକ ପାଞ୍ଚଟି ଭିନ୍ନ ଭିନ୍ନ ପଂଚାୟତ ଯଥା ତେଲେନପାଲିରେ ୧୧ ମାର୍ଚ୍ଚ, ଦଳଗାଁ ରେ ୧୩ ମାର୍ଚ୍ଚ, ତୀଲିଆରେ ୧୫ ମାର୍ଚ୍ଚ, ରେମେଣ୍ଡାରେ ୧୭ ମାର୍ଚ୍ଚ ଏବଂ କୁମାରବନ୍ଧରେ ୨୦ ମାର୍ଚ୍ଚରେ ଅନୁଷ୍ଠିତ ହୋଇଥିଲା। ଏହି ସମସ୍ତ ଶିବିରରେ ମୋଟ ୧,୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିରେ ୮୩୯ ଜଣ ପୁରୁଷ ଏବଂ ୭୩୧ ଜଣ ମହିଳା ଅନ୍ତର୍ଭୁକ୍ତ। ପରୀକ୍ଷା ପରେ ୧,୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡାସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କର ମାଗଣା ଅପରେସନ କରାଯାଇଥିଲା। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେସନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା। ତେଲେନପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମ ଶିବିର ଉଦଘାଟନ କରି ଓପିଜିସିର ନିର୍ଦ୍ଦେଶକ (ଅପରେସନ) ଅଞ୍ଜନା ରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। ଏହି ଉଦଘାଟନ ଅବସରରେ ସିନିଅର ଭାଇସ ପ୍ରେସିଡେଣ୍ଟ (ଅପରେସନ) ସୁକାନ୍ତ ମହାପାତ୍ର, ଇବ ଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସଆର ଉପଦେଷ୍ଟା ପ୍ରଫୁଲ୍ଲ ଧଳ ଏବଂ ଓପିଜିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଚକ୍ଷୁ ପରୀକ୍ଷା ଶିବିରଗୁଡ଼ିକ କେୟାର ନେତ୍ରମ୍, ଭୁବନେଶ୍ୱର-ର ସହଯୋଗରେ ଆୟୋଜନ କରାଯାଇଥିଲା। ସଂସ୍ଥାର ବିଶେଷଜ୍ଞ ଚିକିତ୍ସକ ଦଳ ରୋଗୀ ମାନଙ୍କର ଚକ୍ଷୁ ପରୀକ୍ଷା କରି ମୋତିଆବିନ୍ଦୁ, ଦୃଷ୍ଟି ତ୍ରୁଟି ଓ ଅନ୍ୟାନ୍ୟ ଚକ୍ଷୁ ସମସ୍ୟା ଚିହ୍ନଟ କରିଥିଲେ। ଓପିଜିସିର ସିଏସଆର ଟିମ୍ ର ସଦସ୍ୟ —ହିମାଂଶୁ ବେହେରା, ସିନିଅର ମ୍ୟାନେଜର-ସିଏସଆର; ତପସ ପଣ୍ଡା, ଆସିଷ୍ଟାଣ୍ଟ ମ୍ୟାନେଜର-ସିଏସଆର; ଏବଂ ଅମର ସିଂହ, ଏକ୍ଜିକ୍ୟୁଟିଭ-ସିଏସଆର— ଏହି ଶିବିରଗୁଡ଼ିକର ପରିଚାଳନା କରିଥିଲେ । ପାଞ୍ଚଟି ଗ୍ରାମ ପଞ୍ଚାୟତର ସରପଞ୍ଚମାନଙ୍କର ସହଯୋଗରେ ଶିବିରଗୁଡ଼ିକ ସୁଚାରୁ ଭାବେ ଆୟୋଜିତ ହୋଇଥିଲା ।

## ଯୁବକର ମୃତଦେହ ଉଦ୍ଧାର

ଚଣ୍ଡିଖୋଲ,(ସବ୍ୟୁ): ଯାଜପୁର ଜିଲ୍ଲାର ବଡ଼ଚଣା ଥାନା ଅଧିନସ୍ଥ ଚଣ୍ଡିତଳ ଜଙ୍ଗଲରେ ଶୁକ୍ରବାର ସକାଳୁ ଜଣେ ଯୁବକର ମୃତ ଦେହ ପଡିଥିବା ଦେଖି ଲୋକେ ପୁଲିସକୁ ଖବର ଦେଇଥିଲେ, ଖବର ପାଇ ଥାନାଧିକାରୀ ଜଗଦୀଶ କର ସଦଳ ବଳେ ଘଟଣାସ୍ଥଳରେ ପହଂଚିବା ପରେ ଯୁବକର ପରିଚୟ ମିଳିଥିଲା । ମୃତ ଯୁବକ ହେଲେ ଉକ୍ତ ଥାନା ଅନ୍ତର୍ଗତ ଖଇରା ପଂଚାୟତ ନୂଆଶାସନ ଗାଁର ନକୁଳ ଦାସଙ୍କ ପୁଅ କାହ୍ନୁଚରଣ ଦାସ(୨୬) । ଗତକାଲି ସକାଳ ସମୟରୁ ସେ କେଉଁଆଡେ ପଳାଇଥିଲେ ଏବଂ ପରିବାର ଲୋକେ ଖୋଜାଖୋଜି କରିବା ପରେ ଆଜି ସକାଳେ ଯୁବକର ମୃତ ଦେହ ଚଣ୍ଡିତକ ଜଙ୍ଗଲରେ ପଡିଥିବା ପୁଲିସ ଦେଖିଥିଲା । ମୃତ କାହ୍ନୁଙ୍କ ଭାଇ ଲିଖିତ ଅଭିଯୋଗ କରିବା ପରେ ମୃତଦେହ ଜବତକରି ଥିଲା ଏବଂ ମୃତକ ନିଜ ହାତକୁ କୌଣସି ଅସ୍ତ୍ରରେ କାଟିଦେଇଥିବା ଦେଖିବାକୁ ମିଳିଥିଲା ।

# ହିଣ୍ଡାଲକୋ ପକ୍ଷରୁ ମହିଳା ସଶକ୍ତିକରଣ ଉପଲକ୍ଷେ ସ୍ୱତନ୍ତ୍ର ସିଲେଇ ପ୍ରଶିକ୍ଷଣ

ଭୁବନେଶ୍ୱର (ସବ୍ୟୁ): ) ହିଣ୍ଡାଲକୋ, ହୀରାକୁଦ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ହୀରାକୁଦ ଅଞ୍ଚଳର ମହିଳାଙ୍କୁ ସଶକ୍ତିକରଣ କରିବାପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ହୀରାକୁଦ ସ୍ଥିତ ବରିଷ୍ଠ ନାଗରିକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଶୁଭାରମ୍ଭ କରାଯାଇଛି । ଏହି ଉପଲକ୍ଷେ ହିଣ୍ଡାଲକୋ, ହୀରାକୁଦର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ, ହିଣ୍ଡାଲକୋ କମପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ବରିଷ୍ଠ ନାଗରିକ ସଂଗଠନର ସଭାପତି ସୁରେନ୍ଦ୍ର ଚୋବେ, ସମ୍ପାଦକ ମଧୁସୂଦନ ଦାସ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଉପଦେଷ୍ଟା। ସୁକାନ୍ତ ମହାପାତ୍ର, ଏଫ୍‌ଏମ୍‌ସିର ବ୍ରାଞ୍ଚ ମୁଖ୍ୟ ଯଶୋବନ୍ତ ନାୟକ ମିଳିତ ଭାବରେ ପୂଜାର୍ଚ୍ଚନା। କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ




ନାଗରିକ ସଂଗଠନର ବହୁ ସଭ୍ୟ ଏବଂ ପ୍ରଶିକ୍ଷଣ ନେବାକୁଥିବା ବହୁ ମହିଳା ମାନେ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ହେବାପରେ ହିଣ୍ଡାଲକୋ ଦ୍ୱାରା ରଗଡ ମାଧ୍ୟମରେ ହେବାକୁ ଥିବା ଅତ୍ୟାଧୁନିକ ପୋଷାକ ପ୍ରସ୍ତୁତି କେନ୍ଦ୍ରରେ ପୋଷାକ ଉତ୍ପାଦନ କରିବା ସହ ପ୍ରାୟ ୫୦ ଜଣ ମହିଳା ଆତ୍ମ ନିଯୁକ୍ତି ଏବଂ ସ୍ୱାବଲମ୍ବୀ ହୋଇପାରିବେ । ହିଣ୍ଡାଲକୋ, ହୀରାକୁଦର ୟୁନିଟ୍ ମୁଖ୍ୟ ସୁମିତ ମୁଖାର୍ଜୀ ଉପସ୍ଥିତ ମହିଳା ମାନଙ୍କୁ ଉପଯୁକ୍ତ ତାଲିମ ନେଇ ଭବିଷ୍ୟତରେ ହିଣ୍ଡାଲକୋ ଦ୍ୱାରା ହେବାକୁ ଥିବା ଅତ୍ୟାଧୁନିକ ସିଲେଇ ଉତ୍ପାଦନ କେନ୍ଦ୍ରରୁ ପୋଷାକ ଉତ୍ପାଦନ କରି ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳା ମାନଙ୍କୁ ମଧ ରୋଜଗାରକ୍ଷମ କରିବାରେ ସହଯୋଗ ଦେବାକୁ ଉପଦେଶ ଦେଇଥିଲେ । ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ ଏହି ତାଲିମକୁ ଗ୍ରହଣ କରି ଅତିଶୀଘ୍ର ପୋଷାକ ପ୍ରସ୍ତୁତି କରି ଉପାର୍ଜନ କ୍ଷମ ହେଲେ ହିଣ୍ଡାଲକୋର ପ୍ରଚେଷ୍ଟା ଫଳବତୀ ହେବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ନାଗରିକ ସଂଗଠନର ସଭାପତି ସୁରେନ୍ଦ୍ର ଚୋବେ ହିଣ୍ଡାଲକୋ ଏଭଳି ଏକ ପଦକ୍ଷେପ ମହିଳା ସଶକ୍ତିକରଣ ଉପଲକ୍ଷେ ନେଇଥିବା ହେତୁ ସାଧୁବାଦ ଜଣାଇଥିଲେ ।

### କେଏଲ୍ଏଫ୍ ପୁସ୍ତକ ପୁରସ୍କାର ୨୦୨୬

# ପ୍ରକାଶ ପାଇଲା ୫ଟି ବିଭାଗର ବିସ୍ତୃତ ତାଲିକା

ଭୁବନେଶ୍ୱର(ସବ୍ୟୁ): କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲଏଫ) ପକ୍ଷରୁ ୨୦୨୫ରେ ସାହିତ୍ୟ ବର୍ଗରେ ପ୍ରକାଶିତ ହୋଇଥିବା ଉଲ୍ଲେଖନୀୟ ପୁସ୍ତକଗୁଡିକୁ ସ୍ୱୀକୃତି ପ୍ରଦାନ କରିବା ପାଇଁ ଆଜି ଔପଚାରିକ ଭାବେ କେଏଲଏଫ ବୁକ୍ ଆୱାର୍ଡସ ୨୦୨୬ ର ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ପ୍ରତିଷ୍ଠିତ ଲେଖକ ଏବଂ ଫିକ୍ସନ, ନନ୍-ଫିକ୍ସନ, କବିତା, ଅନୁବାଦ, ଡେବ୍ୟୁ ଓ ଶିଶୁ ସାହିତ୍ୟ ବର୍ଗରେ ପରିବ୍ୟାପ୍ତ ଆକର୍ଷଣୀୟ ଶୀର୍ଷକଗୁଡିକର ଏକ ପ୍ରଭାବଶାଳୀ ଶୃଙ୍ଖଳା ଅନ୍ତର୍ଭୁକ୍ତ ରହିଛି । ସେଗୁଡିକ ମଧ୍ୟରେ ଉଲ୍ଲେଖନୀୟ ଶୀର୍ଷଗଗୁଡିକରେ ଅରୁନ୍ଧତୀ ରୟଙ୍କ ମଦର ମ୍ୟାରୀ କମ୍ସ ଟୁ ମି, ପଙ୍କଜ ମିଶ୍ରଙ୍କ ଦ ୱାର୍ଲ୍ଡ ଆଫଟର ଗାଜା, ଶ୍ରୀନାଥ ରାଘବନଙ୍କ ଇନ୍ଦିରା ଗାନ୍ଧୀ ଆଣ୍ଡ ଦ ଇୟର୍ସ ଦ୍ୟାଟ ଟ୍ରାନ୍ସଫର୍ମଡ ଇଣ୍ଡିଆ, ଆନନ୍ଦ ତେଲ୍‌ତୁମ୍ବଡେଙ୍କ ଦ ସେଲ ଆଣ୍ଡ ଦ ସୋଲ, ଅନୁରାଧା ରୟଙ୍କ କଲ୍ଡ ବାଏ ଦ ହିଲ୍ସ, କିରନ ଦେସାଇଙ୍କ ଦ ଲୋନ୍ଲିନେସ ଅଫ୍ ସୋନିଆ ଆଣ୍ଡ ସନି, ଜି ଥ୍ୟାଲିଙ୍କ ଦ ଏଲ୍ସହେ୍‌ୱ୍ୟାରିଆନସ୍, ରାହୁଲ ଭଟ୍ଟାଚାର୍ଯ୍ୟଙ୍କ ରେଲ୍ସଙ୍ଗ, କାବେରୀ ନାମ୍ବିସାନଙ୍କ ରାଇଜିଙ୍ଗ ସନ୍ସ ଓ ରୁଚିର ଯୋଶିଙ୍କ ଗ୍ରେଟ ଇଷ୍ଟର୍ଣ୍ଣ ହୋଟେଲ ଏବଂ କିଛି ଲୋକପ୍ରିୟ ଅନୁବାଦ ଅନ୍ତର୍ଭୁକ୍ତ ରହିଛି । କେଏଲ୍ଏଫ ବୁକ୍ ଆୱାର୍ଡସ ୨୦୨୬ ପାଇଁ ସର୍ଟଲିଷ୍ଟ ଏପ୍ରିଲ ୨୦୨୬ର ୨ୟ ସପ୍ତାହରେ ଘୋଷଣା କରାଯିବ । ସେହିପରି ବିଜେତାଙ୍କୁ ଆସନ୍ତା ମେ' ୯ ତାରିଖ ୨୦୨୬ରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆନ ହାବିଟାଟ ସେଣ୍ଟରଠାରେ କଳିଙ୍ଗ ସାହିତ୍ୟ ମହୋତ୍ସବ ଇନ୍ଦ୍ରପ୍ରସ୍ଥର ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ କରାଯିବ । ଏହି କାର୍ଯ୍ୟକ୍ରମରେ ଦେଶର ବହୁ ପ୍ରତିଷ୍ଠିତ ଲେଖକ, ପ୍ରକାଶକ, ବିଦ୍ୱାନ ଓ ସାହିତ୍ୟପ୍ରେମୀମାନେ ଏକତ୍ରିତ ହେବାର ସମ୍ଭାବନା ରହିଛି । ଏହି ଅବସରରେ କେଏଲଏଫର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ପରିଡା କହିଛନ୍ତି, କେଏଲଏଫ ବୁକ ଆୱାର୍ଡସ ପୁସ୍ତକର ସ୍ଥାୟୀ ଶକ୍ତି ଏବଂ ଆମର ସାଂସ୍କୃତିକ ଓ ବୌଦ୍ଧିକ ପରିକଳ୍ପନାକୁ ରୂପ ଦେଉଥିବା ପୁସ୍ତକ ଓ ସ୍ୱରଗୁଡିକୁ ପାଳନ କରୁଛି । ଉଲ୍ଲେଖନୀୟ ସାହିତ୍ୟିକ କୃତିଗୁଡିକୁ ସ୍ୱୀକୃତି ପ୍ରଦାନ କରି ଆମେ ଲକ୍ଷ ଲକ୍ଷ ଲୋକଙ୍କୁ ଅନୁପ୍ରାଣିତ କରୁଥିବା, ସାର୍ଥକ ଆଲୋଚନାକୁ ପ୍ରୋତ୍ସାହିତ କରୁଥିବା ଏବଂ ଗର୍ବର ସହିତ ସାହିତ୍ୟର ଚିରସ୍ଥାୟୀ ବିରାସତକୁ ଆଗକୁ ନେଉଥିବା ଲେଖକମାନଙ୍କୁ ସମ୍ମାନିତ କରିବା ପାଇଁ ଲକ୍ଷ୍ୟ ରଖିଛୁ ।

## ଓମନି ଧକ୍କାରେ କଣ୍ଟେନର ଚାଳକ ମୃତ

ଚଣ୍ଡିଖୋଲ,(ସବ୍ୟୁ): ୧୬ ନମ୍ବର ଜାତୀୟ ରାଜପଥର ବଡଚଣା ଅନ୍ତର୍ଗତ ଶୁକ୍ରବାର ଦିନ ସକାଳେ ଖରାପ ହୋଇଥିବା କଣ୍ଟେନର କୁ ଚାଳକ ସଜାଡୁଥିବା ସମୟରେ ପଛପଟୁ ଏକ ଓମନି କାର ଧକ୍କାରେ କଣ୍ଟେନର ଚାଳକର ମୃତ୍ୟୁ ଘଟିଥିବା ଜଣାଯାଇଛି । ଶୁକ୍ରବାର ଭୋର ସମୟରେ ଚଣ୍ଡିଖୋଲ ପଟୁ କଟକ ଅଭିମୁଖେ ଯାଉଥିବା କଣ୍ଟେନର କୌଣସି କାରଣରୁ ଖରାପ ହେବାରୁ ୧୬ ନମ୍ବର ଜାତୀୟ ରାଜପଥ କଡ଼ାଇ ଛକ ନିକଟରେ କଣ୍ଟେନର ରାସ୍ତା ତଳେ ଗାଡି ରଖି ଚାଳକ ସୁବ୍ରତ କୁମାର ମଣ୍ଡଳ ମରାମତି କରୁଥିଲା । ଏହି ସମୟରେ ଅନ୍ୟ ଏକ ଓମନି କାର ଦୃତ ଗତିରେ ଆସି ଚାଳକ ଉପରେ ଚଢି ଯାଇଥିଲା । ଖବରପାଇ ବଡ଼ଚଣା ଥାନାଧିକାରି ଜଗଦୀଶ କରଙ୍କ ନିର୍ଦ୍ଦେଶକ କ୍ରମେ ପୁଲିସ କର୍ମଚାରୀ ଘଟନାସ୍ଥଳରେ ପହଂଚି ସୁବ୍ରତ କୁମାର ମଣ୍ଡଳକୁ ବଡ଼ଚଣା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଲେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ପରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବାରୁ ପରିବାର ଲୋକେ ପହଂଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା । ମୃତ ସୁବ୍ରତ କୁମାର ମଣ୍ଡଳଙ୍କ ଘର ପଶ୍ଚିମବଙ୍ଗ ୨୪ ପ୍ରଗଣା ଅନ୍ତର୍ଗତ ବିଷ୍ଣୁପୁର ଥାନା କଲମୀଖଲି ଗ୍ରାମର ସନ୍ୟାସ ମଣ୍ଡଳଙ୍କ ପୁଅ ସୁବ୍ରତ ବୋଲି ପୁଲିସ ସୂଚନା ଦେଇଛି । ପୁଲିସ ଉଭୟ ଦୁଇଟି ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

### ରୌପ୍ୟ ଜୟନ୍ତୀ ଅବସରରେ ଲୋକାର୍ପିତ ହେଲା ସ୍ମାରକୀ ସ୍ତମ୍ଭ

# ଗାରିମାମୟ ୩୧ ବର୍ଷ, ଧଉଳିରେ ଉନ୍ମୋଚିତ ହେଲା ସ୍ମୃତିର ସ୍ମାରକୀ

ଭୁବନେଶ୍ୱର,(ସବ୍ୟୁ): ଐତିହ୍ୟ ସମ୍ପନ୍ନ ଧଉଳି ପାଦଦେଶରେ ୩୧ ବର୍ଷର ଗୌରବମୟ ଯାତ୍ରାକୁ ପାଳନ କରିବା ପାଇଁ ଧଉଳି ଚାରୁକଳା ମହାବିଦ୍ୟାଳୟ ପ୍ରସ୍ତୁତ କରୁଛି ଏକ ଭବ୍ୟ ମଞ୍ଚ,ଯେଉଁଠି ଆସନ୍ତା ୨୮ ଓ ୨୯ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ରୌପ୍ୟ ଜୟନ୍ତୀ ଉତ୍ସବ ଓ ୭ମ ଅନ୍ତର୍ଜାତୀୟ ଧଉଳି କଳା ମହୋତ୍ସବ।ଏହି ଅବସରରେ ଅନ୍ତର୍ଜାତୀୟ କଳା ପ୍ରଦର୍ଶନୀ,ଶିଳ୍ପୀ ଶିବିର ଓ ଆଲୋଚନା ଚକ୍ର ଆୟୋଜିତ ହେବ। ଦର୍ଶକମାନେ ଚିତ୍ର କିଣିବାର ସୁଯୋଗ ମଧ ପାଇବେ।ଏହି ଉତ୍ସବ କେବଳ ଏକ କାର୍ଯ୍ୟକ୍ରମ ନୁହେଁ ବରଂ ବରିଷ୍ଠ ଓ ଯୁବ ଶିଳ୍ପୀଙ୍କ ମଧ୍ୟରେ ସ୍ମୃତି ଓ ଅନୁଭୂତି ବାଣ୍ଟିବାର ଏକ ମାଧ୍ୟମ ସାଜିବ । ଅନୁଷ୍ଠାନର ଗାରିମାକୁ ଜୀବନ୍ତ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିର୍ମିତ ଏକ ସୁଉଚ୍ଚ ସ୍ମାରକୀ ସ୍ତମ୍ଭକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଓ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ ଲୋକାର୍ପଣ କରିଥିଲେ। ଏହି ସ୍ମାରକୀ ସ୍ତମ୍ଭ ଆଗାମୀ ଦିନପାଇଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଭାସ୍କର୍ଯ୍ୟ କଳା ନୈପୁଣ୍ୟତାର ସ୍ୱାକ୍ଷର ବହନ କରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।ଏହି ଅବସରରେ ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ।



## ଇରାନରେ ବିକ୍ଷୋଭ କରିବା ମହଙ୍ଗା ପଡିଲା

# ୩ ଜଣଙ୍କୁ ସର୍ବସମ୍ମୁଖରେ ଫାଶୀ




**ତେହେରାନ:** ଇରାନ ନିଜେ ଯୁଦ୍ଧର ନିଆଁରେ ଜଳୁଥିବା ନିଜ ଅସନ୍ତୁଷ୍ଟ ନାଗରିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣର ପୂର୍ବ ନିଷ୍ପତ୍ତିକୁ ଭୁଲି ନାହିଁ। ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ଓ ମାନବାଧିକାର ସଂଗଠନ ଅନୁଯାୟୀ, ଇରାନ କୋମରେ ଜଣେ ୧୯ ବର୍ଷୀୟ ଚାମ୍ପିଅନ୍ ରେସଲରଙ୍କ ସମେତ ତିନିଜଣ ବିକ୍ଷୋଭକାରୀଙ୍କୁ ସର୍ବସାଧାରଣରେ ଫାଶୀ ଦେଇଛି।ଗୁରୁବାର ସଇଦ ଡାଭୋଦି ଓ ମେହଦି ଘାସେମିଙ୍କ ସହ ଉଦୀୟମାନ କୁସ୍ତି ପ୍ରତିଭା ସାଲେହ ମହମ୍ମଦିଙ୍କୁ ଫାଶୀ ଦିଆଯାଇଥିଲା। ଏହି ତିନିଜଣ ଜାନୁଆରି ୮, ୨୦୨୬ରେ ବିକ୍ଷୋଭ ସମୟରେ ଦୁଇଜଣ ପୁଲିସ କର୍ମଚାରୀଙ୍କ ହତ୍ୟାରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା।

### ବର୍ତ୍ତିଲେନି ଆନ୍ତର୍ଜାତିକ କୁସ୍ତି ଯୋଦ୍ଧା

ରାଷ୍ଟ୍ରାୟତ୍ତ ଗଣମାଧ୍ୟମ ରିପୋର୍ଟ କରିଛି ଯେ କୋମରେ ବହୁ ଲୋକଙ୍କ ଉପସ୍ଥିତିରେ ଏହି ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏହି ତିନିଜଣ ହେଉଛନ୍ତି ପ୍ରଥମ ଜଣାଶୁଣା ବିକ୍ଷୋଭକାରୀ ଯିଏକି ଡିସେମ୍ବର ୨୦୨୫ ଶେଷ ଭାଗରେ ଆରମ୍ଭ ହୋଇ ଜାନୁଆରି ୨୦୨୬ ପର୍ଯ୍ୟନ୍ତ ଜାରି ରହିଥିବା ଦେଶବ୍ୟାପୀ ଅଶାନ୍ତି ସହ ଜଡିତ। ଇରାନ ମାନବାଧିକାର ଗୋଷ୍ଠୀ (ଆଇଏଚ୍ଆର୍ଜିଓ) ଏହି ମାମଲାକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିଛି ଏବଂ ଚେତାବନୀ ଦେଇଛି ଯେ ଅଧିକ ମୃତ୍ୟୁଦଣ୍ଡ ଦିଆଯାଇପାରେ। ଗୋଷ୍ଠୀର ନିର୍ଦ୍ଦେଶକ ମେହମୁଦ ଆମିରି-ମୋଗଦ୍ଦାମ କହିଛନ୍ତି, ନିର୍ଯାତନା ଦେଇ ବଳପୂର୍ବକ ଆଦାୟ କରାଯାଇଥିବା ସ୍ୱୀକାରୋକ୍ତି ଉପରେ ଆଧାର କରି ଏହି ମୃତ୍ୟୁଦଣ୍ଡ ଦିଆଯାଇଛି। ସେ ଆହୁରି କହିଛନ୍ତି, ଆମେ ଏହି ମୃତ୍ୟୁଦଣ୍ଡକୁ ନ୍ୟାୟ-ବହିର୍ଭୂତ ହତ୍ୟାକାଣ୍ଡ ବୋଲି ବିବେଚନା କରୁଛୁ, ଯାହା ରାଜନୈତିକ ଅସନ୍ତୋଷକୁ ଦମନ କରିବା ପାଇଁ ଆତଙ୍କ ସୃଷ୍ଟି କରିବା ଉଦ୍ଦେଶ୍ୟରେ କରାଯାଇଛି।ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ କହିଛି ଯେ, ଏହି ତିନି ଜଣଙ୍କୁ ସ୍ୱୀକାରୋକ୍ତି ଦେବାକୁ ବାଧ୍ୟ କରାଯାଇଥିଲା। ଏହି ମାମଲାକୁ ଦ୍ରୁତ ପ୍ରକ୍ରିୟା ମାଧ୍ୟମରେ ଆଗକୁ ନିଆଯାଇଥିଲା ଏବଂ ଉପଯୁକ୍ତ ଶୁଣାଣି ହୋଇ ନ ଥିଲା। ଇରାନର ମାନବାଧିକାର କର୍ମୀ ନିମା ଫର ଏହି ମୃତ୍ୟୁଦଣ୍ଡକୁ ଏକ ଖୋଲା ରାଜନୈତିକ ହତ୍ୟାକାଣ୍ଡ ବୋଲି କହିଛନ୍ତି। ସେ କହିଛନ୍ତି, ଏହି ମାମଲା ୨୦୨୦ ମସିହାରେ ଇରାନର କୁସ୍ତିଯୋଦ୍ଧା ନାଭିଦ ଆଫକାରିଙ୍କ ମୃତ୍ୟୁଦଣ୍ଡକୁ ମନେ ପକାଇ ଦେଇଛି, ଯାହା ବିଶ୍ୱବ୍ୟାପୀ ଅସନ୍ତୋଷ ସୃଷ୍ଟି କରିଥିଲା।

# ଥମୁନି ଯୁଦ୍ଧ, ଗଡୁଛି ମୁଣ୍ଡ

## ଆଇଆରଜିସି ମୁଖପାତ୍ର ନିହତ



**ତେହେରାନ:** ଇରାନ ଉପରେ ଇସ୍ରାଏଲ-ଆମେରିକାର ଆକ୍ରମଣରେ ଇରାନର ଇସ୍ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପୋସ (ଆଇଆରଜିସି)ର ମୁଖପାତ୍ର ଜେନେରାଲ ଅଲ୍ଲୀ ଅହମ୍ମଦ ନାଇନୀ ପ୍ରାଣ ହରାଇଛନ୍ତି। ଇରାନର ଟେଲିଭିଜନ ସଂସ୍ଥା ମଧ୍ୟ ଏହାକୁ ସ୍ପଷ୍ଟ କରିଛି। ନାଇନୀଙ୍କ ସହ ଆଇଆରଜିସିର ବାସିଜ ଫୋର୍ସ ଗୁଇନ୍ଦା ମୁଖ୍ୟ ଜେନେରାଲ ଇସ୍ରାମିଲ ଅହମ୍ମଦୀ ମଧ୍ୟ ପ୍ରାଣ ହରାଇଥିବା ଜଣାପଡିଛି।

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଜାଜ ମିନ ନେତ୍ୟାନେହୁ କହିଛନ୍ତି ଯେ, ଇରାନ ଏବେ ୟୁରାନିୟମ କିମ୍ବା ବାଲାଷ୍ଟିକ ମିଶାଇଲର ଉତ୍ପାଦନ କରିପାରିବ ନାହିଁ। ୨ ଦିନ ୩ ସପ୍ତାହ ଧରି ହୋଇଥିବା ଏହି ଯୁଦ୍ଧରେ ଆମେରିକା-ଇସ୍ରାଏଲର ଏୟାର ଷ୍ଟ୍ରାଇକ ଯୋଗୁଁ ୟୁରାନିୟମ ଏବେ ଇରାନ ଲାଗି ଅପହଞ୍ଚ ହୋଇଛି। ଉଭୟ ପକ୍ଷ ମଧ୍ୟରେ ଚାଲିଥିବା ଡ୍ରୋନ ଓ କ୍ଷେପଣାସ୍ତ୍ର ମାଡ଼ରେ ଶକ୍ତି କେନ୍ଦ୍ର ଗୁଡିକୁ ଟାର୍ଗେଟ କରାଯିବା ଆରମ୍ଭ ହୋଇଛି। ତେବେ ଇରାନର ବିଶ୍ୱାସ ରହିଛି ଯେ, ଯେପର୍ଯ୍ୟନ୍ତ ଶତ୍ରୁଙ୍କୁ ପରାଜୟ କରାନଯାଇଛି ସେ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ। ଇରାନର ଗଣମାଧ୍ୟମ କହିଛି ଯେ, ଶତ୍ରୁର ବିନାସ ଯାଏ ଏହି ଯୁଦ୍ଧ ଜାରି ରହିବ। ଏଭଳି କହିବାର କିଛି ସମୟ ପରେ ନାଇନୀଙ୍କ ମୃତ୍ୟୁ ନେଇ ବିଜ୍ଞପ୍ତି ଦିଆଯାଇଛି ଶୁକ୍ରବାର ଉଭୟ ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ବ୍ୟାପକ ଏୟାର ଷ୍ଟ୍ରାଇକ୍ କରାଯାଇଛି। ଇସ୍ରାଏଲ ତେହେରାନ ଉପରେ ଆକ୍ରମଣ କଲା ପରେ ଆଇଆରଜିସି ଏହାର ଜବାବରେ ଇରାନର କେନ୍ଦ୍ରୀୟ ଅଞ୍ଚଳରେ ମିଶାଇଲ ଆକ୍ରମଣ କରାଯାଇଛି। ଇସ୍ରାଏଲର ମିଶାଇଲ ପ୍ରତିରୋଧ ବ୍ୟବସ୍ଥା ଏହାକୁ କେତେକାଂଶରେ ନଷ୍ଟ କରିବାକୁ ସଫଳ ହୋଇଛି। ଇତିମଧ୍ୟରେ ଇରାନର ମିଶାଇଲ କୁଏତର ମିନା ଅଲ୍-ଅହମ୍ମଦୀ ତୈଳ ବିଶୋଧନଗାର ଉପରେ ଆକ୍ରମଣ କରିଛି। ଫଳରେ ବ୍ୟାପକ ନିଆଁ ଲାଗିଛି। ଫେବୃଆରୀ ୨୮ ରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧା ଚଳିତ ସପ୍ତାହରେ ଆହୁରି ଉଗ୍ର ହୋଇଛି। ଇସ୍ରାଏଲ ପକ୍ଷରୁ ଇରାନର ଦକ୍ଷିଣ ପାର୍ଶ୍ୱ ଗ୍ୟାସ କ୍ଷେତ୍ର ଉପରେ ଆକ୍ରମଣ କରାଯିବାରେ ପ୍ରତିଶୋଧ ସ୍ୱରୂପ ଇରାନ କର୍ତାରରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ଜାରି ରଖିଛି। ତେବେ ଆମେରିକା ଇରାନକୁ ଚେତେବାନୀ ଦେଇଛି ଯେ, ଇରାନର ସମସ୍ତ ଗ୍ୟାସ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଧ୍ୱଂଶ କରିଦିଆଯିବ।

## ଏପ୍ରିଲ୍ ୧ରୁ ଲାଗୁ ହେବ ଆୟକର ନିୟମ

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ଆୟକର ନିୟମ ୨୦୨୬ର ବିଜ୍ଞପ୍ତି ଜାରି କରିଛନ୍ତି। ଫଳରେ ଆସନ୍ତା ଏପ୍ରିଲ୍ ୧ରୁ ତାହା କାର୍ଯ୍ୟକାରୀ ହେବାର ପଥ ପ୍ରଶସ୍ତ ହୋଇଛି।




ଏଥିରେ ସ୍ୱଚ୍ଛତା, ଆୟ ଘୋଷଣା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି) ପକ୍ଷରୁ ଇ-ଗାଜେଟ୍ରେ ଜାରି କରାଯାଇଥିବା ବିଜ୍ଞପ୍ତି ଅନୁସାରେ ନୂଆ ନିୟମରେ ପୁଞ୍ଜି ଲାଭ, ଷ୍ଟକ୍ ବଜାର କାରବାର ଓ ଅଣ-ଆବାସିକ ଟିକସର ସୂଚନା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ଏହି ନିୟମର ଚିଠା ଜାରି କରାଯାଇଥିଲା। ଏବେ ତାହାର ଚୂଡ଼ାନ୍ତ ସ୍ୱରୂପକୁ ଉପସ୍ଥାପନ କରାଯାଇଛି।

ନୂଆ ନିୟମରେ କୌଣସି ନୂଆ ଟିକସ ଲଗାଯାଇନାହିଁ। ଡିଜିଟାଲ୍ ଟ୍ରାକିଂ ଉପରେ ଗୁରୁତ୍ୱ ଦିଆଯାଇଛି। ନୂଆ ନିୟମ ଅନୁସାରେ ଡେରିଭେଟିଭ୍ ଟ୍ରେଡିଂର ପ୍ଲାଟ୍ଫର୍ମ ଭାବେ ସ୍ୱୀକୃତି ପାଇବା ଲାଗି ଷ୍ଟକ୍ ବଜାରଗୁଡ଼ିକୁ କଡ଼ା ନିୟମ ପାଳନ କରିବାକୁ ପଡ଼ିବ। ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି)ଠାରୁ ଅନୁମୋଦନ ହାସଲ କରିବାକୁ ପଡ଼ିବ ଏବଂ କ୍ଲାଏଣ୍ଟମାନଙ୍କ ପାନ୍ ଓ ସ୍ୱତନ୍ତ୍ର ଆଇଡି ଭଳି କାରବାର ସମ୍ପର୍କିତ ସମସ୍ତ ବିବରଣୀ ରଖିବାକୁ ପଡ଼ିବ। ସେମାନେ ୭ ବର୍ଷର ଅଡିଟ୍କୁ ଦେଖିବେ ଓ ପ୍ରତି ମାସରେ ଟିକସ ବିଭାଗକୁ ରିପୋର୍ଟ ଦେବେ।

## ପଶ୍ଚିମ ଏସିଆ ଅଭିମୁଖେ ସାମରିକ ବାହିନୀ ପଠାଉଛି ଆମେରିକା

**ୱାଶିଂଟନ:** ଇରାନ ସହିତ ଜାରି ରହିଥିବା ପ୍ରବଳ ଉତ୍ତେଜନା ଓ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ନିକଟରେ ହେଉଥିବା ଲଗାତାର ସାମରିକ ଆକ୍ରମଣ ମଧ୍ୟରେ ଆମେରିକା ପଶ୍ଚିମ ଏସିଆ ଅଭିମୁଖେ ଏକ ବିଶାଳ ସାମରିକ ବାହିନୀ ପଠାଉଛି। ଆମେରିକାର ଅତ୍ୟାଧୁନିକ ଆମ୍ଫିବିୟସ୍ ଆସଲ୍ଟ ସିପ୍ "ୟୁଏସଏସ୍ ତ୍ରିପୋଲି" ନେତୃତ୍ୱରେ ଏକ ଶକ୍ତିଶାଳୀ ଆମ୍ଫିବିୟସ୍ ରେଡି ଗ୍ରୁପ୍ (ଏଆରଜି) ପ୍ରାୟ ୨,୦୦୦ ରୁ ଅଧିକ ଦୁର୍ଦ୍ଦର୍ଷ ମାରିନ ସୈନ୍ୟଙ୍କୁ ଧରି ଏହି ଅଞ୍ଚଳକୁ ଅଗ୍ରସର ହେଉଛି। ସାଟେଲାଇଟ୍ ଚିତ୍ର ଅନୁଯାୟୀ, ଗତ ମାର୍ଚ୍ଚ ୧୫ ତାରିଖରେ ଏହି ବିଶାଳ ଯୁଦ୍ଧ ଜାହାଜଟି ଦକ୍ଷିଣ ଚୀନ୍ ସାଗର ଦେଇ ଦକ୍ଷିଣ-ପଶ୍ଚିମ ଦିଗରେ ଯାତ୍ରା କରୁଥିବାର ଦେଖାଯାଇଥିବା ବେଳେ ଏହାର ପରଦିନ ଏହା ସିଙ୍ଗାପୁର ନିକଟରେ ପହଞ୍ଚିଥିଲା।



ଏହି ବୃହତ ସାମରିକ ମୁତୟନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧକୁ ଏକ ଭୟଙ୍କର ମୋଡ଼ ଦେଇପାରେ ବୋଲି ସାମରିକ ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ରିପୋର୍ଟ ଅନୁଯାୟୀ, "ୟୁଏସଏସ୍ ତ୍ରିପୋଲି"ରେ ପ୍ରାୟ ୨,୨୦୦ ଜଣ ଅତି ଦକ୍ଷ ସୈନ୍ୟ ଓ ନୌସେନା କର୍ମଚାରୀ ରହିଛନ୍ତି, ଯେଉଁମାନଙ୍କ ପାଖରେ ଉଭୟ ସ୍ଥଳ ଓ ଆକାଶ ମାର୍ଗରୁ ଯୁଦ୍ଧ କରିବାର ଅସାଧାରଣ କ୍ଷମତା ରହିଛି। ପେଣ୍ଟାଗନ ଏହି ଷ୍ଟ୍ରାଇକ୍ ଗ୍ରୁପ୍ କୁ ଏକ ଗୁପ୍ତ ତଥା ବିଶେଷ ରଣନୀତି ଅଧୀନରେ ନିୟୋଜିତ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ପଶ୍ଚିମ ଏସିଆରେ ଆମେରିକାର ପ୍ରାୟ ୫୦,୦୦୦ ରୁ ଅଧିକ ସୈନ୍ୟ ପୂର୍ବରୁ କାର୍ଯ୍ୟରତ ଥିବା ବେଳେ, ଏହି ନୂତନ ବାହିନୀର ଆଗମନ ଆମେରିକାର ସାମରିକ ଉପସ୍ଥିତିକୁ ଅଧିକ ପ୍ରଭାବଶାଳୀ କରିବ। ତେବେ ଏହି ସୈନ୍ୟ ମୁତୟନକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପଚରାଯିବାରୁ ସେ ମଧ୍ୟପ୍ରାଚ୍ୟକୁ ସୈନ୍ୟ ପଠାଇବା କଥାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଦେଇଛନ୍ତି, ଏବଂ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ମୁଁ କୌଣସି ସ୍ଥାନକୁ ସୈନ୍ୟ ପଠାଉ ନାହିଁ। ଯଦି ମୁଁ ପଠାନ୍ତି, ତେବେ ସେ କଥା ଆପଣଙ୍କୁ ନିଶ୍ଚିତ ଭାବେ କୁହନ୍ତି, କିନ୍ତୁ ବର୍ତ୍ତମାନ ମୁଁ ସୈନ୍ୟ ପଠାଉ ନାହିଁ। ରାଷ୍ଟ୍ରପତିଙ୍କ ଏହି ବୟାନ ସତ୍ତ୍ୱେ ଯୁଦ୍ଧ ଜାହାଜର ଦ୍ରୁତ ଅଗ୍ରଗତି ଓ ପେଣ୍ଟାଗନର ପ୍ରସ୍ତୁତି ଇରାନ ବିରୋଧରେ ଏକ ବଡ଼ ଧରଣର ସାମରିକ ଅପରେସନର ସ୍ପଷ୍ଟ ସଙ୍କେତ ଦେଉଛି।

## ଏନସିଇଆରଟିର ସଂଶୋଧିତ ଅଧ୍ୟାୟ ସମୀକ୍ଷା କରିବ ସ୍ୱତନ୍ତ୍ର ପାନେଲ

**ନୂଆଦିଲ୍ଲୀ:** ନ୍ୟାୟପାଳିକା ସମ୍ପର୍କିତ ଏନ୍ସିଇଆର୍ଟି ପୁସ୍ତକର ସଂଶୋଧିତ ଅଧ୍ୟାୟ ଉପରେ ସମୀକ୍ଷା ପାଇଁ ବିଶେଷଜ୍ଞଙ୍କ ପାନେଲ ଗଠନ କରାଯାଇଥିବା ନେଇ ସୁପ୍ରିମକୋର୍ଟଙ୍କୁ ଶୁକ୍ରବାର କେନ୍ଦ୍ର ସରକାର ଅବଗତ କରିଛନ୍ତି। ଏହି କମିଟିରେ ଦୁଇ ଜଣ ପୂର୍ବତନ ବିଚାରପତି ମଧ୍ୟ ଅଛନ୍ତି। ଏନସିଇଆରଟିର ୮ ମ ଶ୍ରେଣୀ ବହିରେ ନ୍ୟାୟପାଳିକାରେ ଦୁର୍ନୀତି ଅଧ୍ୟାୟକୁ ନେଇ ବିବାଦ ପରେ ବିଶେଷଜ୍ଞଙ୍କ କମିଟି ଗଠନ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ସୁପ୍ରିମକୋର୍ଟ ଖଣ୍ଡପୀଠକୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ପାନେଲରେ ବରିଷ୍ଠ ଓକିଲ ତଥା ପୂର୍ବତନ ଆଟର୍ଣ୍ଣି ଜେନେରାଲ କେକେ ବେଣୁଗୋପାଳ, ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଇନ୍ଦୁ ମଲହୋତ୍ରା, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ବର୍ତ୍ତମାନ ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଥିବା ଅନିରୁଦ୍ଧ ବୋଷ ଓ ଜଣେ କୁଳପତି ଅଛନ୍ତି। କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶିତ ନ୍ୟାୟିକ, ଶିକ୍ଷାଗତ ଏବଂ ବୃତ୍ତିଗତ ବିଶେଷଜ୍ଞତାକୁ ନେଇ ପ୍ୟାନେଲ ଗଠନ ହୋଇଛି ବୋଲି କେନ୍ଦ୍ର ସରକାର କହିଥିଲେ।।

## ୩୧ ରାଜ୍ୟସଭା ସାଂସଦ କୋଟିପତି

**ନୂଆଦିଲ୍ଲୀ:** ରାଜ୍ୟସଭାରେ ୧୪ ପ୍ରତିଶତ ଅର୍ଥାତ୍ ୩୧ ଜଣ ସାଂସଦ କୋଟିପତି ବୋଲି ଜଣାପଡ଼ିଛି। ଆସୋସିଏସନ୍ ଫର୍ ଡେମୋକ୍ରାଟିକ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ କୁହାଯାଇଛି ଯେ, କୋଟିପତି ସାଂସଦଙ୍କ ମଧ୍ୟରେ ବିଜେପିର ୬ ଜଣ, କଂଗ୍ରେସର ୫ ଜଣ, ୱାଇଏସ୍ଆର୍ କଂଗ୍ରେସ ପାର୍ଟିର ୪ ଜଣ ସାଂସଦ ଥିବାବେଳେ ଆମ୍ ଆଦ୍ମୀ ପାର୍ଟି (ଆପ୍) ଓ ଭାରତ ରାଷ୍ଟ୍ର ସମିତି (ବିଆର୍ଏସ୍)ର ଦୁଇ ଜଣ ଲେଖାଏଁ ସାଂସଦ ଏହି ତାଲିକାରେ ଅଛନ୍ତି। ଏନ୍ସିପିର ତିନିଜଣ ସାଂସଦ ସେମାନଙ୍କ ସମ୍ପତ୍ତି ୧୦୦ କୋଟି ଟଙ୍କାରୁ ଅଧିକ ଥିବା ଘୋଷଣା କରିଛନ୍ତି।

ବିଆର୍ଏସ୍ ସାଂସଦ ବନ୍ଦୀ ପାର୍ଥ ସାରଥୀଙ୍କ ନିକଟରେ ସର୍ବାଧିକ ୫,୩୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ପରେ ଆପ୍ର ରାଜିନ୍ଦର ଗୁପ୍ତା (୫,୦୫୩ କୋଟି ଟଙ୍କା), ୱାଇଏସ୍ଆର୍ସିପିର ଆଲ୍ଲା ଅଯୋଧ୍ୟା ରାମି ରେଡ୍ଡୀଙ୍କ ନିକଟରେ (୨୫୭୭ କୋଟି ଟଙ୍କା)ର ସମ୍ପତ୍ତି ରହିଛି। ଆପ୍ ସାଂସଦ ସନ୍ଥ ବଲବୀର ସିଂହଙ୍କ ନାଁରେ ସବୁଠୁ କମ୍ ସମ୍ପତ୍ତି ରହିଛି। ତାଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୩ ଲକ୍ଷ ଟଙ୍କା ଭିତରେ ହେବ। ତାଙ୍କ ପରେ ମଣିପୁରର ମହାରାଜା ସାଜୋଓବା ଲିସେମ୍ବା ପ୍ରାୟ ୫ ଲକ୍ଷ ଟଙ୍କା ସହିତ ଦ୍ୱିତୀୟ ଏବଂ ଟିଏମସି ସାଂସଦ ପ୍ରକାଶ ଚିକ୍ ବାରାଇକ ପ୍ରାୟ ୯ ଲକ୍ଷ ଟଙ୍କା ସହିତ ତୃତୀୟ ସ୍ଥାନରେ ଅଛନ୍ତି।

ସେହିପରି ଏଡିଆର୍ ରିପୋର୍ଟ ଅନୁଯାୟୀ ୩୨ ପ୍ରତିଶତ ରାଜ୍ୟସଭା ସାଂସଦ ସେମାନଙ୍କ ନାଁରେ ଅପରାଧିକ ମାମଲା ଥିବା ଘୋଷଣା କରିଛନ୍ତି। ଏହି ରିପୋର୍ଟ ୨୩୩ ସାଂସଦଙ୍କ ମଧ୍ୟରୁ ୨୨୯ ସାଂସଦଙ୍କ ସତ୍ୟପାଠ ସମୀକ୍ଷା କରାଯାଇଛି।

## ଇସି ନିଯୁକ୍ତି ମାମଲା: ଶୁଣାଣିରୁ ଓହରିଲେ ସିଜେଆଇ

**ନୂଆଦିଲ୍ଲୀ:** ଦେଶର ମୁଖ୍ୟ ନିର୍ବାଚନ କମିଶନ ଓ ବାକି ନିର୍ବାଚନ କମିଶନଙ୍କ ନିଯୁକ୍ତି ବିରୋଧରେ ହୋଇଥିବା ଆବେଦନର ଶୁଣାଣିରୁ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓହରି ଯାଇଛନ୍ତି। ୨୦୨୩ ଆଇନରେ ଥିବା ନିଯୁକ୍ତ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଏହାର ଶୁଣାଣି ଦ୍ୱୈତ ସ୍ୱାର୍ଥର ଆଶଙ୍କା ସୃଷ୍ଟି କରିପାରେ ବୋଲି ଜଷ୍ଟିସ ସୂର୍ଯ୍ୟ କାନ୍ତ କହିଛନ୍ତି। ୨୦୨୩ ମାର୍ଚ୍ଚ ମାସରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଦେଶର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ କମିଶନରଙ୍କ ନିଯୁକ୍ତିକୁ ଗୋଟିଏ ପ୍ୟାନେଲ ଅନୁମୋଦନ ଦେବ। ଏହି ପ୍ୟାନେଲରେ ପ୍ରଧାନମନ୍ତ୍ରୀ, ଲୋକସଭାର ବିରୋଧୀ ଦଳ ନେତା ଓ ପ୍ରଧାନ ବିଚାରପତି ରହିବେ। କିନ୍ତୁ କେନ୍ଦ୍ର ସରକାର ଏହାକୁ ବାଇପାସ କରିବା ପାଇଁ ଗୋଟିଏ ଆଇନ ଆଣିଥିଲେ। ନୂଆ ଆଇନ ଜରିଆରେ ନିଯୁକ୍ତି ପ୍ୟାନେଲରୁ ପ୍ରଧାନ ବିଚାରପତିଙ୍କୁ ହଟାଇ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନୀତ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ସାମିଲ କରିବାର ବ୍ୟବସ୍ଥା କରିଥିଲେ। କେନ୍ଦ୍ର ସରକାରଙ୍କ ଏପରି ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଏହାର ଶୁଣାଣି ଶୁକ୍ରବାର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲି କରିବାର ଥିଲା। ଆଜି ଶୁଣାଣି ସମୟରେ ପ୍ରଧାନ ବିଚାରପତି କହିଥିଲେ ଯେ "କ'ଣ ମୋତେ ଏହି ପ୍ରସଙ୍ଗର ଶୁଣାଣି କରିବା ଉଚିତ? ସମ୍ଭବତଃ କେହି କେହି ମୋତେ ଦ୍ୱୈତ ସ୍ୱାର୍ଥ କହି ଅଭିଯୁକ୍ତ କରିପାରନ୍ତି।

## ଆମେରିକାର ୧୬ ଲଢୁଆ ବିମାନ, ୧୦ ରିପର ଡ୍ରୋନ୍ ନଷ୍ଟ

**ତେହେରାନ:** ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୀଷଣ ସଂଘର୍ଷରେ ଆମେରିକାକୁ ବିପୁଳ କ୍ଷତି ହେବାରେ ଲାଗିଛି। ଆମେରିକା ଇରାନକୁ ହରାଇବା ଯେତେ ସହଜ ବୋଲି ଭାବିଥିଲା ତାହା ହୋଇପାରୁନାହିଁ। ଆମେରିକା ପ୍ରତିରକ୍ଷା ଅଧିକାରୀଙ୍କଠାରୁ ମିଳିଥିବା ତଥ୍ୟ ଅନୁଯାୟୀ, ଇରାନ ବିରୋଧୀ ଅଭିଯାନରେ ଆମେରିକା ବାୟୁସେନାକୁ ନା କେବଳ ଶତ୍ରୁପକ୍ଷର ଆକ୍ରମଣରୁ ବରଂ ବୈଷୟିକ ତ୍ରୁଟି ଓ ଇରାନ ଏୟାର ଡିଫେନ୍ସ ସିଷ୍ଟମ ଉଡ଼ାଣ ସମୟରେ ଖସେଇ ଦେଇଛି। ଆଉ ଏକ ଡ୍ରୋନ୍ ଜୋର୍ଡାନର ଏୟାରଫିଲ୍ଡରେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣ ଦ୍ୱାରା ନଷ୍ଟ ହୋଇଥିଲା। ଅନ୍ୟ ଦୁଇଟି ଡ୍ରୋନ୍ ବୈଷୟିକ ତ୍ରୁଟି ଯୋଗୁ ନଷ୍ଟ ହୋଇଥିଲା। ଏହିସବୁ ଡ୍ରୋନ୍ ମାନବ ବିହୀନ ଓ ନଷ୍ଟ ହେବାର ସମ୍ଭାବନା କମ୍ ଥିବାରୁ ବିପଜ୍ଜନକ ଯୁଦ୍ଧ କ୍ଷେତ୍ରରେ ମୁତୟନ ହୋଇଥାଏ। କେସି-୧୩୫ ରିଫିଉଲିଂ ଟ୍ୟାଙ୍କର



ପରସ୍ପର ମଧ୍ୟରେ ତାଳମେଳର ଅଭାବ ଯୋଗୁ ବିପୁଳ କ୍ଷତି ସହିବାକୁ ପଡୁଛି। ବ୍ଲୁମବର୍ଗ ଓ ସିଏନ୍ଏନ୍ ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ଆମେରିକାର ୧୬ଟି ଲଢୁଆ ବିମାନ ନଷ୍ଟ ହେଲାଣି, ଯେଉଁଥିରେ ଖୁବ୍ ମହଙ୍ଗା ଡ୍ରୋନ୍ ଓ ରିଫିଉଲିଂ ଟ୍ୟାଙ୍କର ମଧ୍ୟ ରହିଛି। ୨୮ ଫେବୃଆରିରୁ ଏପର୍ଯ୍ୟନ୍ତ ଆମେରିକାର ୧୦ଟି ଏମ୍କ୍ୟୁ-୯ ରିପର ଡ୍ରୋନ୍ ନଷ୍ଟ ହୋଇସାରିଲାଣି। ଏଥିରୁ ୯ଟିକୁ ଦୁର୍ଘଟଣାଗ୍ରସ୍ତ ହେବା ସହିତ ୬ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଥିଲା। କୁଏତ୍ରେ କୁଏତ ସେନାର ଭୁଲ ଯୋଗୁ ତିନିଟି ଏଫ୍ -୧୫ ଲଢୁଆ ବିମାନ ଖସେଇ ଦେଇଥିଲେ। ଏହା ଯୁଦ୍ଧରେ ତାଳମେଳ ଅଭାବକୁ ଦର୍ଶାଉଛି। ସାଉଦି ଆରବ ସ୍ଥିତ ଏକ ସାମରିକ ଘାଟିରେ ଅନ୍ୟ ୫ଟି କେସି-୧୩୫ ବିମାନ କ୍ଷତିଗ୍ରସ୍ତ ହୋଇଥିଲା। ନିକଟରେ ଅତ୍ୟାଧୁନିକ ଏଫ୍ ୩୫ ଲଢୁଆ ବିମାନ ଇରାନ ଦ୍ୱାରା ନଷ୍ଟ ହୋଇଛି।

# ରସିକିଆ ହାଇପ୍ରୋଫାଇଲ ଜ୍ୟୋତିଷକୁ ବାନ୍ଧିଲା ପୋଲିସ

## ମହାରାଷ୍ଟ୍ର ରାଜନୀତିରେ ହଟଚମଟ

**ମୁମ୍ବାଇ:** ମହାରାଷ୍ଟ୍ରର ନାସିକରେ ଜଣେ ହାଇପ୍ରୋଫାଇଲ ଜ୍ୟୋତିଷ ଅଶୋକ ଖରାଟଙ୍କୁ ଦୁଷ୍କର୍ମ ଅଭିଯୋଗରେ ଗିରଫ କରାଯାଇଛି। ଜଣେ ୩୫ ବର୍ଷୀୟ ମହିଳାଙ୍କୁ ଆଧ୍ୟାତ୍ମିକତା ଦୁହାଇ ଦେଇ ବାରମ୍ବାର ଦୁଷ୍କର୍ମ କରିବା ଅଭିଯୋଗରେ ସେ ଗିରଫ ହୋଇଛନ୍ତି। ୬୭- ବର୍ଷୀୟ ଖରାଟ ପୂଜାର୍ଚ୍ଚନା କରିବା ଆଳରେ ମହିଳାଙ୍କୁ ନିଶାଦ୍ରବ୍ୟ ଦେବା ସହିତ ତାଙ୍କୁ ନିଜ ବଶବର୍ତ୍ତୀ କରି ଯୌନ ନିର୍ଯାତନା ଦେଉଥିଲା। ତେବେ ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଶୋକ ଖରାଟ କେବଳ ଏହି ଜଣେ ମହିଳାଙ୍କୁ ଯୌନଶୋଷଣ କରୁଥିଲା, ତାହା ନୁହେଁ। ସେ ତାଙ୍କ ଅଫିସରେ ଗୁପ୍ତ ସିସିଟିଭି କ୍ୟାମେରା ଲଗାଇବା ସହିତ ଅନେକ ମହିଳାଙ୍କୁ ତାଙ୍କ ପାଶବିକ ଅତ୍ୟାଚାରର ଶିକାର କରିଥିଲା। ଖରାଟଙ୍କ ଅଫିସରୁ ମିଳିଥିବା ପେନ୍ ଡ୍ରାଇଭରେ ବହୁ ମହିଳାଙ୍କ ସହିତ ଅଶ୍ଳୀଳ କାର୍ଯ୍ୟ କରିବାର ଭିଡିଓ କ୍ଲିପ୍ ମଧ୍ୟ ମିଳିଛି। ଖରାଟ ନିଜକୁ କ୍ୟାପ୍ଟେନ ବୋଲି ଦର୍ଶାଉଥିଲା। ସେ ଜଣେ ଅବସରପ୍ରାପ୍ତ ମର୍ଚ୍ଚାଣ୍ଟ ନେଭି ଅଫିସର।



ପୁଲିସରେ ଦିଆଯାଇଥିବା ଏତଲା ଅନୁଯାୟୀ, ମହିଳାଙ୍କୁ ସେମାନଙ୍କ ବ୍ୟକ୍ତିଗତ ସମସ୍ୟା ଦୂର କରିବା ଆଳରେ ସେ ନିଜ କାର୍ଯ୍ୟାଳୟକୁ ଡାକୁଥିଲା। ମହିଳାମାନେ ତାଙ୍କ ଅଫିସକୁ ଆସିବା ପରେ ସେ ସେମାନଙ୍କୁ ନିଶାଦ୍ରବ୍ୟ ଦେଇ ସମ୍ମୋହିତ କରୁଥିଲେ। ଏପରିକି ସେମାନଙ୍କୁ ଭୟଭୀତ କରି, ସେମାନଙ୍କ ସ୍ୱାମୀର ମୃତ୍ୟୁ ହେବ ବୋଲି କହି ଦୁଷ୍କର୍ମ କରୁଥିଲେ ବୋଲି ପୁଲିସ କହିଛି।ରାଜ୍ୟ ସରକାର ଏହି ଘଟଣାର ତଦନ୍ତ କରିବାକୁ ଆଇପିଏସ୍ ଅଫିସର ତେଜସ୍ୱିନୀ ସପୁତେଙ୍କ ନେତୃତ୍ୱରେ ଏସ୍ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ଗଠନ କରିଛନ୍ତି। ନାସିକ କ୍ରାଇମ ବ୍ରାଞ୍ଚ ୟୁନିଟ୍ ୧ ଅଭିଯୁକ୍ତଙ୍କ କାର୍ଯ୍ୟାଳୟରୁ ଅଶ୍ଳୀଳ ଭିଡିଓ ଓ ଅନ୍ୟ କାଗଜପତ୍ରର ଜବତ କରି ଯାଞ୍ଚ କରୁଛି।

ଅଭିଯୁକ୍ତ 'ଓକସ୍ ପ୍ରପର୍ଟି ଡିଲର୍ସ ଏବଂ ଡେଭଲପର୍ସ' ନାଁରେ ରିୟଲ ଇଷ୍ଟେଟ କମ୍ପାନି ଖୋଲିଥିଲେ ମଧ୍ୟ ତାଙ୍କର ମୁଖ୍ୟ କାର୍ଯ୍ୟ ଏହି ଅପରାଧିକ କାର୍ଯ୍ୟ ଥିଲା। ସମାଜରେ ସେ ନିଜକୁ ଜଣେ ପ୍ରତିଷ୍ଠିତ ଜ୍ୟୋତିଷ ତଥା ଦିବ୍ୟ ଶକ୍ତିର ଅଧିକାରୀ ଭାବେ ପ୍ରଦର୍ଶିତ କରୁଥିଲା। ତାଙ୍କର ବହୁ ବଡ଼ ବଡ଼ ରାଜନେତାଙ୍କ ସହିତ ସମ୍ପର୍କ ରହିଥିଲା। ମହାରାଷ୍ଟ୍ରରୁ ଦିଲ୍ଲୀ ପର୍ଯ୍ୟନ୍ତ କ୍ଷମତା କରିଡରରେ ବସାଉଠା ରହିଥିଲା। ମିରଗାଓଁରେ ସେ ଈଶାଣେଶ୍ୱର ମନ୍ଦିର କରିଥିଲା। ସେହି ମନ୍ଦିରକୁ ଅନେକ ସମୟରେ ପ୍ରଭାବଶାଳୀଙ୍କୁ ଲୋକଙ୍କୁ ସେ ନିମନ୍ତ୍ରଣ କରୁଥିଲା। ନାସିକର ସିନ୍ନାରରେ ଅବସ୍ଥିତ ଶ୍ରୀ ଈଶାଣେଶ୍ୱର ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବରେ, ଖରାଟ ପ୍ରମୁଖ ରାଜନେତା, ସେଲିବ୍ରିଟି ଏବଂ ବ୍ୟବସାୟିକ ବ୍ୟକ୍ତିମାନଙ୍କ ପାଇଁ ଜଣେ ଆଧ୍ୟାତ୍ମିକ ମାର୍ଗଦର୍ଶକ ଭାବରେ ବହୁଳ ଭାବରେ ସ୍ୱୀକୃତି ପାଇଥିଲା।

### ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୪ ପଦକ

ଭୁବନେଶ୍ୱର, ୨୦।୩(ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍ ୨୦୨୬ର ଦ୍ୱିତୀୟ ଦିନରେ ଓଡ଼ିଶା ଖେଳାଳିମାନେ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ବିଭିନ୍ନ ଟ୍ରାକ୍ ଏବଂ ଫିଲ୍ଡ ଇଭେଣ୍ଟରେ ନିଜର ଛାପ ଛାଡ଼ି ଚାଲିଥିଲେ ଓଡ଼ିଶା ଖେଳାଳି। ଗୋଟିଏ ସ୍ୱର୍ଣ୍ଣ ସହ ମୋଟ୍ ୪ଟି ପଦକ ଦ୍ୱିତୀୟ ଦିନ ଓଡ଼ିଶା ଖାତାକୁ ଆସିଛି। ପୁରୁଷ ଲଙ୍ଗ ଜମ୍ପ ଟି୩୬ ଇଭେଣ୍ଟରେ ଜୟପ୍ରକାଶ ବାରିକ ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ। ୪.୮୩ ମିଟର ଡେଇଁ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି।



ପୁରୁଷ ୪୦୦ ମିଟର ଟି୧୧ ରେ ଯଦୁନାଥ ମାଝୀ ୫୭.୭୦ ସେକେଣ୍ଡ ସମୟ ସହିତ ରୌପ୍ୟ ପଦକ ନିଶ୍ଚିତ କରିଥିଲେ। ନିଜର ସ୍ଥିର ପ୍ରଦର୍ଶନ ଜାରି ରଖି ଜୟନ୍ତୀ ବେହେରା ମହିଳା ୪୦୦ ମିଟର ଟି୪୭ ଇଭେଣ୍ଟରେ ୧:୦୪.୩୫ ସମୟ ନେଇ ରୌପ୍ୟ ପଦକ ଜିତିଥିଲେ ଏବଂ ଓଡ଼ିଶାର ପଦକ ତାଲିକାକୁ ଆହୁରି ମଜବୁତ କରିଛନ୍ତି। ପୁରୁଷ ଲଙ୍ଗ ଜମ୍ପ ଟି୧୩ରେ ମନଗତ ହେମ୍ବ୍ରୋମ୍ ୬.୩୩ ମିଟର ପ୍ରଭାବଶାଳୀ ଡେଇଁ ରୌପ୍ୟ ପଦକ ହାସଲ କରିଥିଲେ । ଏହି ସମୟରେ, ପିପୁନ୍ କୁମାର ସାହୁ ୫.୭୧ ମିଟର ଡେଇଁ ୫ମ ସ୍ଥାନରେ ଏବଂ ପଙ୍କଜ ଭୁଏ ୫.୨୪ ମିଟର ଡେଇଁ ୮ମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ଦିନରେ ଓଡ଼ିଶା ୧ ସ୍ୱର୍ଣ୍ଣ ଏବଂ ୩ ରୌପ୍ୟ ପଦକ ସହିତ ମୋଟ 4 ପଦକ ହାସଲ କରିଥିଲା। ତେବେ ଓଡ଼ିଶା ପ୍ରଥମ ଦିନରେ ଏକ ଦୃଢ଼ ଆରମ୍ଭ କରି 2 ସ୍ୱର୍ଣ୍ଣ, 1 ରୌପ୍ୟ ଏବଂ 2 କାଂସ୍ୟ ସହିତ ମୋଟ 5 ପଦକ ଜିତିଥିଲା। ତେଣୁ ପଦକ ସଂଖ୍ୟା ୯କୁ ବୃଦ୍ଧି ହୋଇଛି।



### ଆଇଟା-ଓଟା ଟ୍ୟାଲେଣ୍ଟ ସିରିଜ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ

# ଯୁବରାଜ, ତନଭୀ, ସୁଶ୍ରୀ ବିଜେତା

ଭୁବନେଶ୍ୱର,୨୦।୩(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ୍ କମ୍ପ୍ଲେକ୍ସରେ ଆଇଟା-ଓଟା ଟ୍ୟାଲେଣ୍ଟ ସିରିଜ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବିଭିନ୍ନ ବୟସ ବର୍ଗରେ ଓଡ଼ିଶାର ଯୁବରାଜ ମୁଦୁଲି, ସୁଶ୍ରୀ କର୍ମକାର ତନଭି ବେହେରା ବିଜୟୀ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ଓଡ଼ିଶାରୁ ମୋଟ ୬୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧୨ ବର୍ଷରୁ କମ ବାଳକ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ଯୁବରାଜ ମୁଦିଲି ୬-୧, ୬-୩ ସେଟରେ ପଶ୍ଚିମବଙ୍ଗର ଦେବନଜୟ ପୋଦ୍ଦାରଙ୍କୁ ପରାଜିତ କରିଥିଲେ। ୧୨ ବର୍ଷରୁ କମ ବାଳିକା ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ତନଭି ବେହେରା ୬-୨, ୬-୨ ସିଧାସଳଖ ସେଟରେ ଆୟେଶା ରଥଙ୍କୁ ହରାଇଥିଲେ। ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ସୁଶ୍ରୀ କର୍ମକାର ୬-୨, ୬-୩ ସେଟରେ ପଶ୍ଚିମବଙ୍ଗର ଆହାନ ଦାସ ଧରାଶାୟୀ କରି ଚାମ୍ପିଅନ ହୋଇଛନ୍ତି। ୧୪ ବର୍ଷରୁ କମ ବାଳକ ସିଙ୍ଗଲ୍ସରେ ଝାଡ଼ଖଣ୍ଡର ସମୟ ଆଗମନ ୬-୪, ୬-୨ ସେଟରେ ଓଡ଼ିଶାର ସିଦ୍ଧାର୍ଥ ଦାସଙ୍କୁ ପରାଜିତ କରିଥିଲେ। ୧୪ ବର୍ଷରୁ କମ ବାଳକ ଡବଲ୍ସରେ ସମୟ ଆଗମନ ଓ ତାଙ୍କ ପାଟନର ସୂର୍ଯ୍ୟାଂଶ ଥାଟୋଇ ୬-୧, ୬-୨ ସେଟରେ ଗୌରୀ ଶଙ୍କର ପଣ୍ଡା ଓ ସୁରଜ ଦାସଙ୍କୁ ପରାଜିତ କରି ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ଟେନିସ ଆସୋସିଏସନ୍ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିଦ ପଟ୍ଟନାୟକ, ମୁଖ୍ୟ କୋଚ ବିନୋଦ ସେଟ ଏବଂ ଶିବ ପରିଡା ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।




# କିଟରେ ଜାତୀୟ ଯୁଥ୍ ଭଲିବଲ ଚାମ୍ପିଅନସିପ୍ ଉଦଯାପିତ

ଭୁବନେଶ୍ୱର,୨୦।୩(ସବ୍ୟୁ): କିଟ୍ ବିଶ୍ୱବିଦ୍ୟାଳୟ ପରିଶରରେ ଥିବା ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମରେ ୨୬ତମ ଜାତୀୟ ଯୁଥ୍ ଭଲିବଲ ଚାମ୍ପିଅନସିପ ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ଭଲ ପ୍ରଦର୍ଶନ କରିଛନ୍ତି। ପୁରୁଷ ଦଳ ତୃତୀୟ ସ୍ଥାନ ସହ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ମହିଳା ଦଳ ୪ର୍ଥ ସ୍ଥାନ ସହ ଅଭିଯାନ ଶେଷ କରିଛି। ପୁରୁଷ ଦଳ ୩/୪ର୍ଥ ସ୍ଥାନ ମୁକାବିଲାରେ ଓଡ଼ିଶା ଦଳ ଦିଲ୍ଲୀକୁ ପରାଜିତ କରିଥିଲା। ମହିଳା ସିଙ୍ଗଲ୍ସ ଫାଇନାଲରେ ଭେଟିଥିଲେ । ପଞ୍ଜାବ ୩-୨ ସେଟ୍ (୨୧-୨୫, ୨୧-୨୫, ୨୫-୧୫, ୨୫-୨୨, ୧୫-୧୩ରେ ସାଇକୁ ଧରାଶାୟୀ କରି ଚାମ୍ପି ଅନ ହେବାର ଗୌରବ ଅର୍ଜନ କରିଛି।

ପୁରୁଷ ବର୍ଗରେ ପଞ୍ଜାବ ଚାମ୍ପି ଅନ, ସାଇ ରନର୍ସଅପ, ଓଡ଼ିଶା ତୃତୀୟ ଏବଂ ଦିଲ୍ଲୀ ୪ର୍ଥ ସ୍ଥାନ ହାସଲ କରିଛି। ମହିଳା ବର୍ଗରେ କେରଳ ଚାମ୍ପିଅନ, ତାମିଲନାଡୁ ରନର୍ସଅପ, ହରିୟାଣା ୩ୟ ଏବଂ ଓଡ଼ିଶା ୪ର୍ଥ ସ୍ଥାନ ହାସଲ କରିଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଓଡ଼ିଏ ସଭାପତି ପଙ୍କଜ




କେରଳ ୩-୦ ସେଟରେ ତାମିଲନାଡୁକୁ ପରାଜିତ କରିଛି। କେରଳ ୨୫-୧୬, ୨୫-୧୯ ଏବଂ ୨୫-୧୪ ସେଟରେ ବାଜିମାତ କରିଥିଲା। ସେହିଭଳି ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପଞ୍ଜାବ ଓ ସାଇ ପରସ୍ପରକୁ ଲୋଚନ ମହାନ୍ତି , କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ କ୍ରୀଡା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, କିଟ ଉପକୁଳପତି ପ୍ରଫେସର ସରଣଜୀତ ସିଂ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ଯୁବ ତାରକା ବୈଭବଙ୍କୁ ପଠାନଙ୍କ ଚେତାବନୀ

ନୂଆଦିଲ୍ଲୀ,୨୦।୩(ଏଜେନ୍ସି): ଆଇପିଏଲ୍ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସର ୧୫ ବର୍ଷୀୟ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀକୁ ନେଇ କ୍ରିକେଟ ଜଗତରେ ଚର୍ଚ୍ଚା ଜୋର ଧରିଛି। ଗତ ସିଜନରେ ବୈଭବ ବିସ୍ଫୋରକ ବ୍ୟାଟିଂ ବଳରେ ସମସ୍ତଙ୍କୁ ଚକିତ କରିଥିଲେ। ଏହି ଯୁବ ତାରକାଙ୍କୁ ନେଇ ଭାରତର ପୂର୍ବତନ ଅଲରାଉଣ୍ଡର ଇର୍ଫାନ ପଠାନ ବଡ଼ ବୟାନ ଦେଇଛନ୍ତି। ସେ ବୈଭବଙ୍କ କ୍ଷମତାକୁ ପ୍ରଶଂସା କରିବା ସହ ଆଗାମୀ ଆହ୍ୱାନ ଗୁଡିକ ପାଇଁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ପଠାନ କହିଛନ୍ତି ବୈଭବଙ୍କ ପାଇଁ ଏବେ ଅସଲ ପରୀକ୍ଷା ଆରମ୍ଭ ହେବ। ତାଙ୍କର ବିସ୍ଫୋରକ ବ୍ୟାଟିଂକୁ ରୋକିବା ପାଇଁ ଅପଷ୍ଟମ୍ପ ବାହାରେ ବଲ ପକାଇବା ଓ ବିଭିନ୍ନ ଭେରିଏସନ ବ୍ୟବହାର କରିବା ସମ୍ଭାବନା ରହିଛି। ବୈଭବଙ୍କ ପାଖରେ ଦମ ଅଛି, ସେ ୧୯ ବର୍ଷରୁ କମ୍, ଭାରତ ଏ' କିମ୍ବା ରେଡ ବଲ କ୍ରିକେଟ୍-ସେ ଯେଉଁଠି ବି ଖେଳୁଛନ୍ତି ରନ କରୁଛନ୍ତି। ଗତ ସିଜନରେ ସେ ମାତ୍ର ୭ଟି ମ୍ୟାଚ ଖେଳିଥିଲେ। କିନ୍ତୁ ଚଳିତ



ସିଜନରେ ତାଙ୍କୁ ସମ୍ପୂର୍ଣ୍ଣ ସୁଯୋଗ ମିଳିବ। ଏହା ତାଙ୍କ ପାଇଁ ବଡ଼ ସୁଯୋଗ ହୋଇପାରେ।

ଆଇପିଏଲ୍-୨୦୨୫ ନିଲାମ ସମୟରେ ବୈଭବଙ୍କୁ ୧୪ ବର୍ଷ ୨୩ ଦିନ ହୋଇଥିଲା। ସେ ୧.୧ କୋଟି ଟଙ୍କାରେ ବିକ୍ରି ହୋଇ ସର୍ବକନିଷ୍ଠ ଖେଳାଳି ହେବାର ରେକର୍ଡ କରିଥିଲେ। ଗତ ସିଜନରେ ଗୁଜରାଟ ଟାଇଟନ୍ସ ବିପକ୍ଷରେ ମାତ୍ର ୩୫ ବଲରେ ଶତକ ହାସଲ କରି ଆଇପିଏଲ ଇତିହାସରେ ସବୁଠାରୁ କମ ବୟସରେ ଶତକ ଅର୍ଜନ କରିଥିବା ଖେଳାଳି ହୋଇଥିଲେ। ଏହା ସହ ୟୁସୁଫ ପଠାନଙ୍କ ରେକର୍ଡ ଭାଙ୍ଗି ଦ୍ରୁତ ଶତକ ହାସଲ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲରେ ବୈଭବ ଇଂଲଣ୍ଡ ବିପକ୍ଷରେ ମାତ୍ର ୮୦ ବଲରେ ୧୭୫ ରନର ଇନିଂସ ଖେଳିଥିଲେ। ତେଣୁ ଭାରତ ଷଷ୍ଠଥର ବିଶ୍ୱକପ୍ ଟାଇଟଲ ଜିତିଥିଲା। ତାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା।

ପଠାନ ପରାମର୍ଶ ଦେଇଛନ୍ତି ଯେ, ବୈଭବଙ୍କ ଆଗରେ ୨୦ରୁ ୨୫ ବର୍ଷର ଲମ୍ବା କ୍ୟାରିୟର ରହିଛି। ମାନସିକସ୍ତରରେ ନିଜକୁ ସୁଦୃଢ଼ ରଖିବା ଆବଶ୍ୟକ। ସବୁ କିଛି ସହଜ ବୋଲି ଭାବିବା କ୍ଷତିକାରକ ହୋଇପାରେ। ଗତ ସିଜନରେ ରାହୁଲ ଦ୍ରାବିଡଙ୍କ ମାର୍ଗଦର୍ଶନ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେ ମତ ଦେଇଛନ୍ତି। ରାହୁଲ ଦ୍ରାବିଡଙ୍କ ବିଦାୟ ପରେ ଏବେ କୁମାର ସାଙ୍ଗାକାର ରାଜସ୍ଥାନ ରୟାଲ୍ସର ମୁଖ୍ୟ କୋଚ ଦାୟିତ୍ୱ ନେଇଛନ୍ତି। ରିଆନ୍ ପରାଗ ଦଳର ଅଧିନାୟକ ଅଛନ୍ତି। ମାର୍ଚ୍ଚ ୩୦ରେ ଗୌହାଟୀରେ ଚେନ୍ନାଇ ସୁପରକିଙ୍ଗ୍ସ ବିପକ୍ଷ ମ୍ୟାଚ ସହ ରାଜସ୍ଥାନ ରୟାଲ୍ସର ଆଇପିଏଲ୍ ଅଭିଯାନ ଆରମ୍ଭ ହେବ।

# ପ୍ରଶାନ୍ତି ବିହାର ପ୍ରିମିୟର ଲିଗ ଆରମ୍ଭ

ଭୁବନେଶ୍ୱର,୨୦।୩(ସବ୍ୟୁ): ଦ କ୍ଲବ ଆନୁକୂଲ୍ୟରେ ଆଜିଠୁ ଆରମ୍ଭ ହୋଇଛି ପ୍ରଶାନ୍ତି ବିହାର ପ୍ରିମିୟର ଲିଗ କ୍ରିକେଟ । କ୍ଲବର ସଦସ୍ୟ ଏବଂ ଏସ୍ଏସ୍ ରାଇଜିଂ ଷ୍ଟାର ଟିମର ମାଲିକ ସ୍ୱର୍ଗତ ଶକ୍ତିମାନ ରାଉତରାୟଙ୍କ ସ୍ମୃତିରେ ଏହି ଲିଗ୍ (ପିପିଏଲ୍-୯) ଆୟୋଜିତ ହେଉଛି । ଟୁର୍ଣ୍ଣାମେଣ୍ଟ ୬ଟି ଫ୍ରାଞ୍ଚାଇଜ୍ ଦଳ ଅଂଶଗ୍ରହଣ କରିଛନ୍ତି। ଶକ୍ତି'ସ୍ ରାଇଜିଂ ଷ୍ଟାର ଟିମର ମାଲିକ ଭାବେ ସ୍ୱର୍ଗତ ଶକ୍ତିମାନଙ୍କ ବଡ଼ ଭାଇ କୀର୍ତ୍ତିମାନ ଦାୟିତ୍ୱ ଗ୍ରହଣ କରି କ୍ଲବର ସମସ୍ତ ସଦସ୍ୟଙ୍କୁ ଆନ୍ତରିକ ଧନ୍ୟବାଦ ସହିତ କୃତଜ୍ଞତା ଜଣାଇଛନ୍ତି । କୀର୍ତ୍ତିମାନ ଚଳିତ ବର୍ଷ ଶକ୍ତିମାନ "ପ୍ଲେୟର ଅଫ୍ ଦ ମ୍ୟାଚ୍" ଏବଂ "ପ୍ଲେୟର ଅଫ୍ ଦ ସିରିଜ୍" ଭାବେ ଆର୍ଥିକ ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଲିଗରେ ଭାଗ ନେଇଥିବା ଦଳ ଗୁଡିକ ହେଲେ ପଣ୍ଡା ସ୍କିଲସ୍, ଲିପନ ଆଭେଞ୍ଜର୍ସ, ଶକ୍ତିସ ରାଇଜିଂ ଷ୍ଟାର, କଳିଙ୍ଗ ୱାରିୟର୍ସ ଓ ଏଚଆରଟି ଫାଇଟର୍ସ । ଟୁର୍ଣ୍ଣାମେଣ୍ଟ ୩ ଦିନ ଧରି ଚାଲିବ । ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି ଏବଂ ମେୟର ସୁଲୋଚନା ଦାସ ଓ କର୍ପୋରେଟର ମିହିର କୁମାର ରାଉତ ଅତିଥି ଭାବେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ । ଏହି ଅବସରରେ କ୍ଲବର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଉପସ୍ଥିତ ରହିଥିଲେ ।

### ପ୍ରଶାନ୍ତ-ସୁବାଶିଷ ସ୍ମାରକୀ ଖିମଜୀ କପ କ୍ରିକେଟ୍

# ରବିବାର ପ୍ରଗତି-ମୁକ୍ତେଶ୍ୱର ଫାଇନାଲ

ଭୁବନେଶ୍ୱର,୨୦।୩(ସବ୍ୟୁ): ବିଜେବି କଲେଜ ଗ୍ରାଉଣ୍ଡରେ ଚାଲିଥିବା ପ୍ରଶାନ୍ତ ମହାପାତ୍ର ଏବଂ ସୁବାଶିଷ ଭୂୟାଁ ସ୍ମାରକୀ ଖିମଜୀ କପର ଦ୍ୱିତୀୟ ସେମିଫାଇନାଲରେ ପ୍ରଗତୀ ସ୍ପୋର୍ଟ୍ସ ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଛି। ରବିବାର ପ୍ରଗତୀ ସ୍ପୋର୍ଟ୍ସ ଏବଂ ମୁକ୍ତେଶ୍ୱର କ୍ରିକେଟ୍ କପ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ। ଦ୍ୱିତୀୟ ସେମିଫାଇନାଲେରେ ରାଉରକେଲା ଯୁଥ କ୍ରିକେଟ୍ କ୍ଲବ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ୨୯.୧ ଓଭରରେ ୧୨୯ ରନ୍ କରି ଅଲଆଉଟ୍ ହୋଇଥିଲା। ପ୍ରଗତୀର ରାକେଶ ବିଶ୍ୱାଳ ସର୍ବାଧିକ ୩ ୱିକେଟ୍ ସଫଳତା ପାଇଥିଲେ। ରାଉରକେଲାର ସୌମ୍ୟ ଲେଙ୍କା ସର୍ବାଧିକ ୪୯ ଓ ଅଙ୍କିତ ଗୁପ୍ତା ୨୯ ରନ୍ କରିଥିଲେ। ଜବାବରେ ପ୍ରଗତୀ ସ୍ପୋର୍ଟ୍ସ ମାତ୍ର ୧୦ ରନରେ ୩ ୱିକେଟ୍ ହରାଇ ବ୍ୟାକଫୁଟକୁ ଚାଲିଯାଇଥିଲା। କିନ୍ତୁ ଦଳର ଦୁଇ ବରିଷ୍ଠ ଖେଳାଳି ରଣଜୀ ତାରକା ସାନ୍ତନୁ ମିଶ୍ର ଓ ରଘୁନାଥ ମଲ୍ଲଙ୍କ ମଧ୍ୟରେ ୭୪ ରନର ପାର୍ଟନରସିପ ହୋଇଥିଲା। ତେଣୁ ପ୍ରଗତୀ ସ୍ପୋର୍ଟ୍ସ ୨୨.୨ ଓଭରରେ ୫ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଶାନ୍ତନୁ ମିଶ୍ର ୬୩ ରନ୍ ଓ ରଘୁନାଥ ମଲ୍ଲ ୩୭ ରନ୍ କରିଥିଲେ। ରାଉରକେଲାର ଆକାଶ ଠାକୁର ଆଉ ୩୨ ରନ୍ ଦେଇ ୩ ୱିକେଟ୍ ସଫଳତା ହାସଲ କରିଥିଲେ । ପ୍ରଗତୀ ସ୍ପୋର୍ଟ୍ସ ୫ ୱିକେଟରେ ବିଜୟ ଲାଭ କରିଛି। ବିଜୟୀ ଦଳର ମିଲନ ସାମଲଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଅତିଥି ଜେକେ ମହାନ୍ତି ଓ ସତ୍ୟ ନାରାୟଣ ଦାସ ପୁରସ୍କାର ପ୍ରଦାନ କରିଥିଲେ।

# କମେଣ୍ଟ୍ରିରୁ ଅବସର ନେଲେ ଶିବରାମକ୍ରିଷ୍ଣନ

ନୂଆଦିଲ୍ଲୀ ୨୦।୩(ଏଜେନ୍ସି): ଟିମ ଇଣ୍ଡିଆର ପୂର୍ବତନ ଲେଗ ସ୍ପିନର ଲକ୍ଷ୍ମଣ ଶିବରାମକ୍ରିଷ୍ଣନ ଶୁକ୍ରବାର ଚକିତ କରିବା ଭଳି ପଦକ୍ଷେପ ନେଇଛନ୍ତି । ସେ ବିସିସିଆଇ ଉପରେ ଅସନ୍ତୁଷ୍ଟ ହୋଇ କମେଣ୍ଟ୍ରିରୁ ଅବସର ଘୋଷଣା କରିଛନ୍ତି । ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ମୁଁ ଆଉ ବିସିସିଆଇ ପାଇଁ କମେଣ୍ଟ୍ରି କରିବି ନାହିଁ । ଜଣେ ଅଭିଜ୍ଞ ଅମ୍ପାୟର ହେବା ସତ୍ତ୍ୱେ ମୋତେ ଟସ କିମ୍ବା ପ୍ରେଜେଂଟେଶନ ପରି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇ ନାହିଁ। ୨୩ ବର୍ଷ ହେବ ଏହାର କାରଣ ମୁଁ ଜାଣି ପାରୁନାହିଁ । ତାଙ୍କ ପୋଷ୍ଟରୁ ସ୍ପଷ୍ଟ ବାରି ହେଉଛି ଅଣଦେଖା କରାଯିବା ନେଇ ସେ ସମ୍ପୂର୍ଣ୍ଣ ଭାବେ ଅସନ୍ତୁଷ୍ଟ ଥିଲେ । ବିସିସିଆଇ ସର୍ବଦା ରବି ଶାସ୍ତ୍ରୀ ଓ ହର୍ଷ ଭୋଗଲେଙ୍କୁ ଏହି ଦାୟିତ୍ୱ ପ୍ରଦାନ କରି ଆସୁଛି । ୬୦ ବର୍ଷୀୟ ଲକ୍ଷ୍ମଣ ୱାର୍ଲ୍ଡ ଚାମ୍ପିୟନଶିପ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ । ସେ ଭାରତ ପକ୍ଷରୁ ୯ ଟେଷ୍ଟ ଓ ୧୬ ଦିନିକିଆ ମ୍ୟାଚ ଖେଳିଛନ୍ତି । ଟେଷ୍ଟରେ ୪୪.୦୩ ଆଭରେଜରେ ୨୬ ଓ ଦିନିକିଆରେ ୩୫.୮୬ ଆଭରେଜରେ ୧୫ ୱିକେଟ ଅକ୍ତିଆର କରିଛନ୍ତି । ରବିଚନ୍ଦ୍ରନ ଅଶ୍ୱୀନ ମଧ୍ୟ ଏହି ନିଷ୍ପତି ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ।

# ଆଇପିଏଲ ପୂର୍ବରୁ ରାଜସ୍ଥାନକୁ ଝଟକା

ନୂଆଦିଲ୍ଲୀ,୨୦।୩(ଏଜେନ୍ସି): ରାଜସ୍ଥାନ ରାୟଲ୍ସକୁ ଆଇପିଏଲ ଆରମ୍ଭ ପୂର୍ବରୁ ଝଟକା ଲାଗିଛି। ଦଳର ତାରକା ଖେଳାଳି ଶ୍ୟାମ କୁରାନ ବାଦ ପଡିଛନ୍ତି। ଇଂଲଣ୍ଡର ତାରକା ଅଲରାଉଣ୍ଡର ଶ୍ୟାମ କୁମାର ଆହତ ଅଛନ୍ତି। ଗତ ଟି-୨୦ ବିଶ୍ୱକପ୍ ଖେଳିବା ପରେ କୁରନ ସ୍ୱଦେଶ ଫେରିଯାଇଥିଲେ। ସେବେ ଠୁ କୌଣସି ପ୍ରତିଦ୍ୱନ୍ଦ୍ୱିତା ମୂଳକ ଖେଳି ନଥିଲେ ହେଁ ଆହତ ହେବା ସମସ୍ତଙ୍କୁ ଚକିତ କରିଛନ୍ତି। ଆହତ ସମସ୍ୟା ଗୁରୁତର ଦର୍ଶାଯାଇଛି। ତେଣୁ ସେ ଆଇପିଏଲର ସମ୍ପୂର୍ଣ୍ଣ ସିଜନକୁ ବାଦ ପଡିବାକୁ ନିଶ୍ଚିତ ହୋଇଛି। ଗତ ସିଜନରେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳିଥିଲେ। ଏଥର ରାଜସ୍ଥାନ ରୟାଲ୍ସ ସଞ୍ଜୁ ସାମସନଙ୍କୁ ଟ୍ରେଡ କରି ଏହି ସ୍ଥାନରେ ରବିନ୍ଦ୍ର ଜାଡେଜା ଓ ପୁରନଙ୍କୁ ବଦଳ କରିଥିଲା।



ମଧ୍ୟପ୍ରାଚ୍ୟରେ ସମଗ୍ର ବିଶ୍ୱରେ ବିମାନଯାତ୍ରା ବାଧାପ୍ରାପ୍ତ ହୋଇଛି। ତଥାପି ବିଦେଶୀ ଖେଳାଳିମାନେ ସଠିକ୍ ସମୟରେ ଭାରତରେ ପହଞ୍ଚିବେ ବୋଲି ସ୍ପଷ୍ଟ ହୋଇଛି। ବିଶେଷକରି ସୁପରକିଙ୍ଗ୍ସ ଦଳର ସବୁ ବିଦେଶୀ ଖେଳାଳି ୨୫ ତାରିଖ ସୁଦ୍ଧା ଯୋଗ ଦେବାର ସମ୍ଭାବନା ରହିଛି। ଇଂଲଣ୍ଡ ଦ୍ରୁତ ବୋଲର ଜାମି ଓଭର ଟନ ଗୁରୁବାର ଚେନ୍ନାଇ ପହଞ୍ଚିଛନ୍ତି। ୨୨ ତାରିଖରେ ବ୍ରେଭିସ, ମ୍ୟାଟ ହେନରୀ, ଜ୍ୟାକ, ମ୍ୟାଥ୍ୟୁସଟ ଦଳରେ ଯୋଗଦେବେ। ୱେଷ୍ଟଇଣ୍ଡିଜ୍ ସ୍ପିନର ଅକିଲ ହୁସେନ ୨୫ ତାରିଖରେ ଚେନ୍ନାଇରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଆଫଗାନିସ୍ତାନ ଖେଳାଳି ନୁର ଅହମ୍ମଦ ଦଳର ସହ ଯୋଗଦେଇ ଅଭ୍ୟାସ ଜାରି ରଖିଛନ୍ତି।

# ଏଲଏଲସିସି କପ: ନିମପୁରକୁ ହରାଇ କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟି

ଭୁବନେଶ୍ୱର,୨୦।୩(ସବ୍ୟୁ): ଭୁବନେଶ୍ୱରର ଆଇଆରସିରେ ଚାଲିଥିବା ୧୪ ବର୍ଷରୁ କମ ୫ମ ଏଲଏଲସିସି ଡ୍ୟୁଜ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ରାମେଶ୍ୱର ସ୍ପୋର୍ଟି। ଦଳ ଆଜି ପ୍ରି-କ୍ୱାର୍ଟର ଫାଇନାଲରେ କଟକର ନିମପୁର କ୍ରିକେଟ କ୍ଲବକୁ ୯୨ ରନରେ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ରାମେଶ୍ୱର ସ୍ପୋର୍ଟି ନିର୍ଦ୍ଧାରିତ ୩୫ ଓଭରରେ ୩ ୱିକେଟ ହରାଇ ୨୭୧ ରନ କରିଥିଲା। ଦଳ ପକ୍ଷରୁ କୃର୍ତି କୁମାର ବରାଳ ୭୩ ବଲରେ ୭୨, ମୁସ୍ତାନା ସାଇ କୌଶିକ ୪୧ ବଲରେ ଅପରାଜିତ ୭୦ ଓ ବିଭୂ ପ୍ରସାଦ ପ୍ରଧାନ ୬୦ ବଲରେ ୪୧ ରନ ଇନିଂସ ଖେଳିଥିଲେ। ନିମପୁରର ତ୍ରିଲୋଚନ ମହାରାଣା, ଯୁଦ୍ଧାଜିତ ସ୍ୱାଇଁ ଓ ଅନୀଲ ମହାରଣା ଗୋଟିଏ ଲେଖାଏ ୱିକେଟ ନେଇଥିଲେ। ୨୭୨ ରନର ଟାର୍ଗେଟ ପାଇଥିବା ନିମପୁର ଆଦୌ ଆଶା ଅନୁସାରେ ପ୍ରଦର୍ଶନ କରି ପାରି ନଥିଲା। ଶେଷରେ ଦଳ ନିର୍ଦ୍ଧାରିତ ୩୫ ଓଭରରେ ୯ ୱିକେଟ ହରାଇ କେବଳ ୧୭୯ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ଓପନର ପ୍ରତ୍ୟୁଷ ଦିବ୍ୟଜ୍ୟୋତି ସ୍ୱାଇଁ ୪୬ ବଲରେ ୫୭ ଓ ଯୁଦ୍ଧାଜିତ ସ୍ୱାଇଁ ୩୩ ବଲରେ ୩୯ ରନ କରିବାକୁ ସକ୍ଷମ ହୋଇଥିଲେ। ରାମେଶ୍ୱର ସ୍ପୋର୍ଟି ପାଇଁ ବିମଳଜ୍ୟୋତି ବେହେରା ଚମତ୍କାର ବୋଲିଂ କରିଛନ୍ତି। ସେ ୭ ଓଭରରେ ୬ଟି ମେଡେନ ସହ ୪ ରନ ଦେବା ସହ ୩ଟି ୱିକେଟ ଦଖଲ କରିଛନ୍ତି। ତାଙ୍କ ବ୍ୟତୀତ ଗିରିଶ ଚନ୍ଦ୍ର ବିଶ୍ୱାଳ ଓ ମୋହନ ସାହୁଙ୍କୁ ୨ଟି ଲେଖାଏ ୱିକେଟ ନେଇଥିବା ବେଳେ ମୁସ୍ତାନା ସାଇ କୌଶିକ ଓ ବିଜୟ ପ୍ରଧାନଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଛି। ବ୍ୟାଟିଂରେ ଅପରାଜିତ ୭୦ ରନ ଓ ବୋଲିଂରେ ଗୋଟିଏ ୱିକେଟ ନେଇଥିବା ମୁସ୍ତାନାଙ୍କ ଏଲଏଲସିସିର ସମ୍ପାଦକ ପଙ୍କଜ କୁମାର ଦାସ ଓ ଯୁବ ବ୍ୟବସାୟୀ ଚନ୍ଦନ ମୁଦୁଲି ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ଦେଇଛନ୍ତି।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି